Split by PDF Splitter



ଗତ ଇଦଦ୍ଦକ ମଣିପୁ ଏବଂ ମଦନାନାମକ ଦୁଇଜଣ ମୂଲିଆ ଏକଜଣ ସଙ୍ଗେ ଛାଡ ହେଇ ଯାଉଥିଲେ । କାଲୁବଜାରରେ ଅକାରଣ ଦାଙ୍ଗେଗା ଧରି ଲୁଟିବାରେ ପ୍ରତ୍ୟେକ ମୂଲିଆର ଛାଡ ୯ସେ ୪ ରତ୍ତି ଅଧିକ ହେଲା । ଉକ୍ତ ସେମାନଙ୍କୁ ଶୃଙ୍ଖଳ ଦେବାରେ ଶ୍ରୀ ଡେଭିଡସନ ସାହେବ ଡେପୁଟି ମାଜିଷ୍ଟ୍ରେଟ ସେମାନଙ୍କ ଉପରେ ଟ ୭ ଙ୍କା ଲେଖାଏଁ ଜରିମାନା କଲେ । ଅକାରଣ ଆଇନ ଅନୁସାରେ ମୂଲିଆମାନେ ଦୋଷୀ ହେଲେହେଁ ସେମାନେ ଶ୍ରୀଉପଇସା ମୂଲ ସକାଶେ ତାହା ଦେନ ଯାଉଥିବାସ୍ଥଳେ ଏତେ ଦଣ୍ଡ ଦେବା ନ୍ୟାୟସଙ୍ଗତ ହୋଇଛି କି ? ଯେ ବ୍ୟକ୍ତି ବିକିଥିଲା ଏବଂ ଯେ କିଣିଥିଲା ସେମାନଙ୍କୁ ଅଦୌ ହାକିମ ଛୋଡଲେ ନାହିଁ । ନ୍ୟାୟତଃ ବିକ୍ରେତା ଏବଂ କ୍ରେତା ଗୁରୁତର ଦୋଷୀ ଅଟନ୍ତି । ସେମାନଙ୍କ ବଦଳରେ ଅଣି ଗୁରୁଦଣ୍ଡ ଦେଇ ମୂଲିଆମାନଙ୍କୁ ନାମମାତ୍ର ଦଣ୍ଡ ଦେଇଥିଲେ ସୁବିଚାର ହୋଇଥାନ୍ତା । ଗରିବ ଲୋକଙ୍କର ଦୁଃଖ ସବୁଠାରେ !

———

ପନ୍ନା କମିଶନ ଅର୍ଥାତ୍ ପନ୍ନା ରାଜପରିବାର-ମଧ୍ୟରେ ଘଟିଥିବା ହତ୍ୟାକାଣ୍ଡର ବିଚାରସମିତି ଦୀର୍ଘକାଳ ବୈଠକରେ ବହୁସଂଖ୍ୟକ ସାକ୍ଷିର ସାକ୍ଷ୍ୟ ଗ୍ରହଣ ଏବଂ ଉଭୟପକ୍ଷର ଉପଯୁକ୍ତ ବାରିଷ୍ଟରମାନଙ୍କର ତର୍କବିତର୍କ ଶ୍ରବଣ କରି ମୋକଦମା ନିଷ୍ପତ୍ତି କରିଅଛନ୍ତି । ନିଷ୍ପତ୍ତିର ସଂକ୍ଷେପ ମର୍ମ ଏହି କି ରଓ ସ୍ୱର୍ଗ ଯମାନ ସିଂହଙ୍କୁ ବଧ କରିବା କାରଣ ଗୋଟିଏ ମେଳ ହୋଇଥିଲା ଓ ପନ୍ନାର ମହାରଜା ସେହି ମେଳର ଜଣେ ଲୋକ ଥିଲେ । ମହାରଜାଙ୍କର କମଲକୁଅର ସହିତ ବିବାହ ବିଷୟରେ ସ୍ୱର୍ଗରଜା ବାଧା ଦେଉଥିବାରୁ ତାହାଙ୍କୁ ବଧକରିବା ସେହି ମେଳର ଅଭିପ୍ରାୟ ଥିଲା । ସ୍ୱର୍ଗ ରଜାଙ୍କୁ ହତ୍ୟାକରିବା ମହାରଜା ଓ କମଳକୁଅର ଉଭୟଙ୍କର ଅଭିପ୍ରାୟ ଥିଲା ମାତ୍ର କମଲକୁଅର ବିରୁଦ୍ଧରେ ବିଶ୍ୱାସଯୋଗ୍ୟ ପ୍ରମାଣ ନ ରହିବାରୁ ସେ ଖଲାସ ପାଇଲେ । ଅଚ୍ଛେଲାଲ ଦୋଷୀ ସାବ୍ୟସ୍ତ ହେଲା ଏବଂ ତାହା ସପକ୍ଷରେ ଦଣ୍ଡ ଲାଘବର କୌଣସି ଘଟଣା ଦେଖା ନ ଯିବାରୁ ତାହାପ୍ରତି ପ୍ରାଣଦଣ୍ଡର ଆଦେଶ ହୋଇଅଛି ଅନ୍ୟ ଆସାମିମାନେ ଖଲାସ ପାଇଅଛନ୍ତି । ମହାରଜାଙ୍କ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁରଙ୍କ ନିକଟକୁ ପୃଥକ୍ ରିପୋର୍ଟ ଯାଇଅଛି । ତହିଁର ଆଦେଶ ହେଉଥିବ ହେବ ।

———

"ପୋଷ୍ଟ ଗ୍ରାଜୁଏଟ ରିସର୍ଚ୍ଚ ସ୍କଲାର୍ସିପ" ଅର୍ଥାତ୍ ବିଶ୍ୱବିଦ୍ୟାଳୟର ଉଚ୍ଚ ପରୀକ୍ଷୋତ୍ତୀର୍ଣ୍ଣ ବୃତ୍ତି ନାମରେ ଗବର୍ଣ୍ଣମେଣ୍ଟ ମାସିକ ଟ ୧୦୦୲ ଙ୍କା ମୂଲ୍ୟର ଗୋ ୩ ଟି ବୃତ୍ତି ମଞ୍ଜୁର କରିଥିବାରୁ ବଙ୍ଗୀୟ ଶିକ୍ଷା ବିଭାଗର ଡାଇରେକ୍ଟର ମହାଶୟ କଲିକତା ଗେଜେଟରେ ଏକ ବିଜ୍ଞାପନ ପ୍ରଚାର କରିଅଛନ୍ତି । ସେହି ତିନ ବୃତ୍ତି ମଧ୍ୟରୁ ୨ ଟା ବୃତ୍ତି ବିଜ୍ଞାନ ଯଥା ପ୍ରାକୃତିକ, ରସାୟନ, ଗଣିତ ଇତ୍ୟାଦି ବିଜ୍ଞାନ ବିଷୟକ ଏବଂ ଅନ୍ୟଟି ସାହିତ୍ୟ ବିଦ୍ୟା ଯଥା ଭାଷା, ଧର୍ମ, ପ୍ରତ୍ନ, ଦର୍ଶନ, ଇତିହାସ ଇତ୍ୟାଦି ବିଷୟକ ମୌଳିକ ତତ୍ତ୍ୱାନୁସନ୍ଧାନ କ୍ରମରେ ଦଆଯିବ । ସନ ୧୮୯୯ ସାଲ ଏବଂ ତହିଁ ଉତ୍ତାରୁ ଯେଉଁମାନେ କଲିକତା ବିଶ୍ୱବିଦ୍ୟାଳୟର ଏମ, ଏ; ଏମ,ଡି; ଡି, ଏଲ; ଅଥବା ଏମ, ଇ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ବିଶେଷ ଯୋଗ୍ୟତା ଦେଖାଇଅଛନ୍ତି ସେହିମାନଙ୍କର ଆବେଦନ ପତ୍ର ଗ୍ରହଣ ହେବ । ଡାଇରେକ୍ଟରଙ୍କ ଅଫିସରୁ ଛାପାଫାରମ ନେଇ ତହିଁରେ ଆବେଦନ ପତ୍ର ଲେଖି ପଠାଇବ ଯେମନ୍ତ ତ ଆସନ୍ତା ଫେବୃୟାରୀ ମାସ ତା ୧୫ ଈଣ ତମା ତହିଁ ପୂର୍ବେ ଶିକ୍ଷା ବିଭାଗର ଡାଇରେକ୍ଟର ମହାଶୟଙ୍କ ନିକଟରେ ପହଞ୍ଚିବ । ପୁଣି ଯେଉଁ ବିଦ୍ୟାଳୟରେ ଆବେଦନକାରୀ ଶେଷରେ ପଢ଼ିଥିବ ସେହି ବିଦ୍ୟାଳୟର ଅଧ୍ୟକ୍ଷଙ୍କଦ୍ୱାରା ତାହା ପଠାଯିବ । ଯେଉଁମାନେ ମନୋନୀତ ହେବେ ସେମାନେ ପ୍ରଥମେ ପରୀକ୍ଷାର୍ଥରେ ଏକ ବର୍ଷ ସକାଶେ ବୃତ୍ତି ପାଇବେ । ସମ୍ଭବତଃ ତେଣିକି କାର୍ଯ୍ୟ ଦେଖି ଆଉ ଦୁଇବର୍ଷ ଦଆଯିବ କିମ୍ବା ବନ୍ଦ ହେବ ।

———

## ଓଡ଼ିଶା ବନ୍ଦୋବସ୍ତ ।

ଏ ବିଷୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁର କେତେକ ଅଂଶ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ଅବଶିଷ୍ଟାଂଶ ନିମ୍ନେ ପ୍ରକାଶିତ ହେଲା ଯଥା—

ବର୍ତ୍ତମାନ ବନ୍ଦୋବସ୍ତ ସମ୍ବନ୍ଧରେ ଖଜଣା ଓ ରେଣ୍ଟ ଧାର୍ଯ୍ୟ କରିବା ଏହି ଦୁଇ ଗୁରୁତର ପ୍ରଶ୍ନ ଉପସ୍ଥିତ ହୋଇଥିଲା । ଅନେକ ଲେଖାପଢ଼ା ଓ ପରାମର୍ଶ ଉତ୍ତାରୁ ସ୍ଥିର ହେଲା ଯେ ଯାହା ଜମିର ପ୍ରଚଳିତ ଖଜଣାକୁ ଉଚିତଖଜଣା ବୋଲି ଗ୍ରହଣ କରିବାକୁ ହେବ ଏବଂ ତାହାର ଗ୍ରାମ୍ୟ ଦରର ମୂଳ ହେବ । ଆଉ ଜମିର ଖଜଣା ଯେଉଁଠାରେ ଗ୍ରାମ୍ୟ ଦରରୁ ଊଣା ପଡ଼ିବ ସେ ସ୍ଥଳେ ବୃଦ୍ଧି ହେବ ମାତ୍ର ସେହି ବୃଦ୍ଧି ଗ୍ରାମ୍ୟ ପାଉ ଓ ଗ୍ରାମ୍ୟ ଆଉ ଦର ମଧ୍ୟରେ ଶତକଡ଼ା ଯେତେ ପ୍ରଭେଦ ପଡ଼ିବ ତହିଁର ଅର୍ଦ୍ଧେକରୁ ଅଧିକ ହେବ ନାହିଁ । ଏହି ନିୟମାନୁସାରେ ଖଜଣା ଧାର୍ଯ୍ୟ ହେବାର ଫଳ ନିମ୍ନେ ପ୍ରଦର୍ଶିତ ହେଲା ଯଥା—

| ଜିଲ୍ଲା | ଯୋତର ସଂଖ୍ୟା | ଜମିର ମାପ |
|---|---|---|
| କଟକ | ୭,୫୦,୭୦୦ | ମା ୮,୨୨,୫୦୦ |
| ବାଲେଶ୍ୱର | ୩,୭୦,୨୧୦ | ମା ୭,୯୨,୨୦୦ |
| ପୁରୀ | ୨,୦୪,୪୦୦ | ମା ୩,୭୩,୩୦୦ |
| ଯୋ | ୧୨,୨୫,୨୧୦ | ୧୮,୮୮,୦୦୦ |

| | ପ୍ରଚଳିତ ଜମା | ବନ୍ଦୋବସ୍ତ ଜମା | ବୃଦ୍ଧିର ଶତକଡ଼ା |
|---|---|---|---|
| କଟକ | ଟ ୧୮,୬୨,୪୦୦ | ଟ ୨୦,୭୨,୯୦୦ | ୧୨ |
| ବାଲେଶ୍ୱର | ଟ ୯,୮୮,୮୦୦ | ଟ ୧୧,୪୯,୪୦୦ | ୧୭ |
| ପୁରୀ | ଟ ୫,୭୩,୭୦୦ | ଟ ୭,୪୩,୩୦୦ | ୧୨ |
| ଯୋ | ଟ ୩୪,୯୯,୯୦୦ | ଟ ୩୮,୭୨,୭୦୦ | ୧୩ |

ଏହି ତାଲିକା ଅନୁସାରେ ମାଣପ୍ରତି ଜମା ପଡ଼ିଅଛି କଟକରେ ଟ ୨।୩ ବାଲେଶ୍ୱରରେ ଟ ୧।୵୨ ଓ ପୁରୀରେ ଟ ୧।୵୨ । ବନ୍ଦୋବସ୍ତ ହାକିମଙ୍କ ଇଷ୍ଟିମେଟ ଅନୁସାରେ ପ୍ରଚଳିତ ଦର ଶତକଡ଼ା ୫୪ ଯୋତରେ ସ୍ଥିର ରହିଅଛି; ଶତକଡ଼ା ୧୩ ଯୋତରେ ଅଧିକା ଜମି ହେତୁ ଏବଂ ଶତକଡ଼ା ୨୪ ଯୋତରେ ଅନ୍ୟାନ୍ୟ କାରଣରୁ ଜମା ବୃଦ୍ଧି ହୋଇଅଛି । ଶତକଡ଼ା କେବଳ ୩ ଯୋତରେ ଜମି ଊଣା ହେତୁ ଜମା ଊଣା ହୋଇଅଛି ଏବଂ ଶତକଡ଼ା ୭ ଯୋତ ନୂତନ ବନ୍ଦୋବସ୍ତ ହୋଇଅଛି । ଜମାବୃଦ୍ଧି ଅତ୍ୟଳ୍ପ ସ୍ଥଳେ ହେବାର ଅନ୍ୟ ନିଦର୍ଶନ ଏହି କି ଶତକଡ଼ା କେବଳ ୭ ଥାନ ଯୋତରେ ଜମା ବଢ଼ିଅଛି । ଯାହା ନାମଟି ଏ ବନ୍ଦୋବସ୍ତରେ ଉଠିଗଲା ଏବଂ ପ୍ରଜାସ୍ୱତ୍ୱ ଆଇନ ଅନୁସାରେ ଯାହି ପ୍ରଜାମାନେ ସ୍ଥିତିବାନ୍ ବା ଯୋତସ୍ୱତ୍ୱ କହିସ୍ଥ ପ୍ରଜା ହେଲେ । ପ୍ରକୃତରେ ବ ୭୦ ର୍ଷ ତଳେ ଯେଉଁମାନେ ଯାହି ଥିଲେ ସେମାନେ ଅପଣା ଯୋତରେ ଦଖଲ କରିଅଛନ୍ତି । ମୋଟ ଶୃଙ୍ଖ ଜମି ମା ୧୮,୮୮,୦୦୦ ଣ ମଧ୍ୟରୁ ମା ୯,୦୪,୭୦୦ ଣ ଜମି ଏହି ଶ୍ରେଣୀ ପ୍ରଜାଙ୍କ ହାତରେ ଅଛି ଏବଂ କେବଳ ମା ୨୩,୯୦୦ ଣ ଜମିର ଚାଷୀର କୌଣସି ପ୍ରକାର ଯୋତ ସ୍ୱତ୍ୱ ନାହିଁ । ଓଡ଼ିଶା ପରି ବଙ୍ଗଦେଶ ଅନ୍ତର୍ଗତ ଅନ୍ୟ କୌଣସି ସ୍ଥାନର ପ୍ରଜାଙ୍କର ସ୍ୱତ୍ୱ ସୁରକ୍ଷିତ ହୋଇ ନାହିଁ । ଜମାବୃଦ୍ଧି ଶତକଡ଼ା ୧୩ ପଡ଼ିବାର ଯାହା ଉପରେ ଲେଖାଅଛି ତାହା ପ୍ରଧାନତଃ ନିଷ୍କର ଲାଖିରାଜ ରୟତଙ୍କର ଜମା ଟ ୯୪,୭୦୦୲ ଙ୍କାରୁ ଟ ୨,୩୮,୫୦୦୲ ଙ୍କାକୁ ବଢ଼ିବା ହେତୁ ଘଟିଅଛି । ସେମାନେ ନାମମାତ୍ର କର ଦେଉଥିଲେ ଏବଂ ବର୍ତ୍ତମାନ ଯେଉଁ କର ଧାର୍ଯ୍ୟ ହୋଇଅଛି ତାହା ମାଣପ୍ରତି ଏକଟଙ୍କାରୁ ଅଧିକ ନୁହେଁ । ସୁତରାଂ ବର୍ତ୍ତମାନ୍ ଦରର ଅଧଙ୍କରୁ ଊଣା ।

Digitized by srujanika@gmail.com

ରାଜସ୍ୱ ଧାର୍ଯ୍ୟ ସମ୍ବନ୍ଧରେ ବଙ୍ଗୀୟ ଏବଂ ଭାରତୀୟ ଗବର୍ଣ୍ଣମେଣ୍ଟ ମୋଫସଲ ଜମାର ଶତକଡ଼ା ୫୦ ରୁ ୫୫ ପର୍ଯ୍ୟନ୍ତ ରାଜସ୍ୱ ନେବାର ଏବଂ ବ ୨୦ ବର୍ଷ ମିଆଦର ପ୍ରସ୍ତାବ କରିଥିଲେ । ମାତ୍ର କଲିକତାର ସେକ୍ରେଟରୀ ରାଜସ୍ୱର ସେହି ସୀମା ସ୍ଥିର ରଖି ବନ୍ଦୋବସ୍ତର ମିଆଦ ବ ୩୦ ବର୍ଷ ଧାର୍ଯ୍ୟ କଲେ । ପ୍ରକୃତରେ ଏହି ବନ୍ଦୋବସ୍ତରେ ଯେଉଁ ରାଜସ୍ୱ ଧାର୍ଯ୍ୟ ହୋଇଅଛି ତାହା ମୋଫସଲ ଜମା ଉପରେ ଶତକଡ଼ା ୫୪ ପଡ଼ିଅଛି । ୧୧,୦୦୦ ମୌଜାରେ ଥିବା ପ୍ରାୟ ୬,୪୦୦ ମହାଲ ଉପରେ ରାଜସ୍ୱ ଧାର୍ଯ୍ୟ ହୋଇଅଛି ଏବଂ କେବଳ ୫ ମହାଲର ଜମିଦାର ଛଡ଼ା ଅନ୍ୟ ସମସ୍ତେ କବୁଲିୟତ କରିଅଛନ୍ତି ଅଥଚ କଲେକ୍ଟର ସାହେବ ରାଜସ୍ୱ ଆଦାୟ କରିବାରେ କିଛି କଷ୍ଟ ଅନୁଭବ କରି ନାହାନ୍ତି । ରାଜସ୍ୱ ବନ୍ଦୋବସ୍ତର ଫଳ ନିମ୍ନେ ପ୍ରଦର୍ଶିତ ହେଲା ଯଥା ।—

| ଜିଲ୍ଲା | ପୂର୍ବର ରାଜସ୍ୱ | ବର୍ତ୍ତମାନ ବନ୍ଦୋବସ୍ତ ରାଜସ୍ୱ |
|---|---|---|
| କଟକ | ଟ ୭,୧୪,୧୦୦ | ଟ ୧୦,୧୧,୩୦୦ |
| ବାଲେଶ୍ୱର | ଟ ୩,୭୭,୨୯୦ | ଟ ୬,୨୯,୦୭୩ |
| ପୁରୀ | ଟ ୨,୯୨,୮୦୦ | ଟ ୩,୭୬,୭୦୦ |
| ମୋଟ | ଟ ୧୩,୮୪,୧୯୦ | ଟ ୨୧,୦୫,୦୭୩ |

ବର୍ତ୍ତମାନର ମୋଫସଲ ଜମା ଅନୁସାରେ କଟକରେ ଶତକଡ଼ା ୫୩ ବାଲେଶ୍ୱରରେ ଶତକଡ଼ା ୫୫ ଏବଂ ପୁରୀରେ ଶତକଡ଼ା ୫୮ ରାଜସ୍ୱ ଗୃହୀତ ହୋଇଅଛି । ପୁରୀରେ ରାଜସ୍ୱର ଭୁଲ ପଞ୍ଚମାଂଶ ଘୋଡ଼ଏ ମହାଲରୁ ଆଦାୟ ହୁଏ । ସେହି ଭୁଲ ମହାଲର ରାଜସ୍ୱ ମୋଫସଲ ଜମା ଉପରେ ଶତକଡ଼ା ୬୦ ପଡ଼ିଲେହେଁ ଜମିଦାରର ଅସ୍ତ କେବଳ ଶତକଡ଼ା ଟ ୫୧ ଙ୍କା କଣା ପଡ଼ିଅଛି । ପୂର୍ବ ରାଜସ୍ୱ ପ୍ରତି ବର୍ତ୍ତମାନର ରାଜସ୍ୱ କଟକରେ ଶତକଡ଼ା ୫୪ ବାଲେଶ୍ୱରରେ ଶତକଡ଼ା ୬୭ ଏବଂ ପୁରୀରେ ଶତକଡ଼ା ୨୮ ବୃଦ୍ଧି ହୋଇଅଛି ।

ଜମିଦାରର ଲାଭ ପୂର୍ବ ବନ୍ଦୋବସ୍ତରେ ଯେତେ ଥିଲା ଏବଂ ବର୍ତ୍ତମାନ ଯେତେ ରହିଲା ତାହା ନିମ୍ନେ ପ୍ରକାଶିତ ହେଲା । ଯଥା—

| ଜିଲ୍ଲା | ବନ୍ଦୋବସ୍ତର ପୂର୍ବ ଅସ୍ତ | ବନ୍ଦୋବସ୍ତ ଉତ୍ତାରୁ ଅସ୍ତ |
|---|---|---|
| କଟକ | ଟ ୧୧,୩୩,୩୦୦ | ଟ ୯,୭୩,୬୦୦ |
| ବାଲେଶ୍ୱର | ଟ ୬,୧୧,୫୧୦ | ଟ ୫,୨୨,୩୨୬ |
| ପୁରୀ | ଟ ୨,୮୦,୯୦୦ | ଟ ୨,୬୬,୬୦୦ |

ଅର୍ଥାତ୍ ଜମିଦାରର ଅସ୍ତ କଟକ ଓ ବାଲେଶ୍ୱରରେ ଶତକଡ଼ା ୧୫ ଲେଖାଏଁ ଏବଂ ପୁରୀରେ ଶତକଡ଼ା ୫ ଊଣା ପଡ଼ିଅଛି । ମାତ୍ର ଗତ ବନ୍ଦୋବସ୍ତ ସମୟରେ ଜମିଦାରମାନଙ୍କର ଅସ୍ତ ଟ ୭,୫୪,୦୧୦୯ ଙ୍କା ଥିବା ସ୍ଥଳେ ବର୍ତ୍ତମାନ ଟ ୧୭,୬୨,୫୮୫୯ ଙ୍କା ହୋଇଥିବାରୁ ଦେଖା ଯାଉଅଛି ଯେ ସରକାର ଶତକଡ଼ା ଟ ୫୨୯ ଙ୍କା ବୃଦ୍ଧି ରାଜସ୍ୱ ପାଇଅଛନ୍ତି ମାତ୍ର ଜମିଦାରମାନଙ୍କର ଅସ୍ତ ଶତକଡ଼ା ଟ ୧୩୩୯ ଙ୍କା ବୃଦ୍ଧି ହୋଇଅଛି ।

ବର୍ତ୍ତମାନ ବନ୍ଦୋବସ୍ତରେ କମୁସ୍ଥାୟୀ ଅଧିକାରୀ ଯଥା ମୋକଦମ ପ୍ରଭୃତିଙ୍କୁ ବିଶେଷ ବାଧିଅଛି ଏବଂ ପ୍ରତି ବନ୍ଦୋବସ୍ତରେ ସେପରି ହେବାର କଥା । ମାତ୍ର ଉକ୍ତ ଶ୍ରେଣୀସ୍ଥ ବୃହତ୍ ପ୍ରଜାଙ୍କର ଲାଭ ହୋଇଅଛି । ନିମ୍ନଲିଖିତ ତାଲିକାରୁ ସେମାନଙ୍କର ଅସ୍ତ ଜଣାଯିବ । ଯଥା—

| ଜିଲ୍ଲା | ବନ୍ଦୋବସ୍ତ ପୂର୍ବର ଅସ୍ତ | ବନ୍ଦୋବସ୍ତ ଉତ୍ତାରୁ ଅସ୍ତ |
|---|---|---|
| କଟକ | ଟ ୧,୦୧,୬୭୩ | ଟ ୭୬,୬୧୮ |
| ବାଲେଶ୍ୱର | ଟ ୩୧,୬୭୨ | ଟ ୩୩,୬୩୧ |
| ପୁରୀ | ଟ ୯୬,୩୩୨ | ଟ ୬୮,୪୪୯ |
| ମୋଟ | ଟ ୨,୪୭,୬୭୭ | ଟ ୧୭୮୭୯୮ |

ଅର୍ଥାତ୍ ଅସ୍ତ ଊଣା ପଡ଼ିଅଛି କଟକରେ ଶତକଡ଼ା ୨୫ ବାଲେଶ୍ୱରରେ ଶତକଡ଼ା ୩୨ ଏବଂ ପୁରୀରେ ଶତକଡ଼ା ୨୯ ଲେଖାଏଁ । ଏହି ବନ୍ଦୋବସ୍ତ ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ଚଳାଇବାରେ ଯେ ଖରଚ ପଡ଼ିଅଛି ତହିଁର ମୋଟ ଟ ୩୦,୬୦,୧୦୦୯ ଙ୍କା ଅଟେ । ହାରାହାରିରେ ପ୍ରତି ବର୍ଗ ମାଇଲକୁ କଟକରେ ଟ ୨୨୬୯ ଙ୍କା, ବାଲେଶ୍ୱରରେ ଟ ୪୭୫୯ ଙ୍କା ଏବଂ ପୁରୀରେ ଟ ୬୧୮୯ ଙ୍କା ପଡ଼ିଅଛି ।

ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ଥିବା କର୍ମଚାରୀଙ୍କ ଗୁଣ ସମ୍ବନ୍ଧରେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଲେଖୁଅଛନ୍ତି ୨ ୧୫ ଲକ୍ଷ ଟଙ୍କାର ଜମା ଧାର୍ଯ୍ୟ ହୋଇଥିବା ପ୍ରତ୍ୟକ୍ଷେ କେବଳ ୨୫୫ ଅପିଲ ଏବଂ ୪୨,୦୦୦ ଜମିଦାରୀ ମହାଲର ରାଜସ୍ୱ ବନ୍ଦୋବସ୍ତ ହୋଇଥିବା ପ୍ରତ୍ୟକ୍ଷେ କେବଳ ୫ ଟା ଆପତ୍ତି ହେବା ମିଷ୍ଟର ମାଡ଼କ୍ସ ସାହେବଙ୍କର ଧୈର୍ଯ୍ୟ ସୁବିଚାର ଏବଂ ଯୋଗ୍ୟତାର ପ୍ରଶସ୍ତ ପ୍ରଶଂସାପତ୍ର ଅଟେ । ଦେଶୀୟ କର୍ମଚାରୀଙ୍କ ମଧ୍ୟରେ ବାବୁ ଯୋଗେନ୍ଦ୍ରନାଥ ମିତ୍ର, ବାବୁ ଅଚ୍ୟୁତପ୍ରସାଦ ଦାସ ଏବଂ ବାବୁ ହରେକୃଷ୍ଣ ମହାନ୍ତି ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରଙ୍କ ଶ୍ରେଣୀକୁ ଉଠିଅଛନ୍ତି ଏବଂ ଅନ୍ୟ ଯେଉଁମାନେ ଭଲ କାର୍ଯ୍ୟ କରିଅଛନ୍ତି ସେମାନଙ୍କର ନାମ ଲେଖା ହୋଇଅଛି ।

ବନ୍ଦୋବସ୍ତ ସଂକ୍ରାନ୍ତରେ କେତେଗୁଡ଼ିଏ ବିଷୟ ମୀମାଂସା ହେବାକୁ ଅଛି । ଯଥା ଖାଲପଡ଼ିଆ ରକ୍ଷା, ଲମ୍ବିତ ଯୋଗର ବନ୍ଦୋବସ୍ତ, ପ୍ରଜାସ୍ୱତ୍ୱ ଆଇନର ଅବଶିଷ୍ଟ ଧାରାମାନ ପ୍ରଚଳନ, ଜମିଦାରି ତାଲିକା ରକ୍ଷା, ବନ୍ଧ ମରାମତି, ମାଲିକ ଠାରୁ ଜଳକର ଆଦାୟ ଇତ୍ୟାଦି । ତହିଁ ମଧ୍ୟରୁ ଖାଲକରକ୍ଷା ପ୍ରଧାନ ଓ ସେ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ଯାଇଅଛି ଏବଂ ଅନ୍ୟ କେତେକ ନିଷ୍ପତ୍ତି ହୋଇ ଯାଇଅଛି ।

---

## ମୃତ୍ୟୁ ।

ପୁରୀ ଜିଲ୍ଲା ଏକାମ୍ର ଥାନା ପାର୍ଶ୍ୱବର୍ତ୍ତୀ ସୁନ୍ଦରପଦା ଗ୍ରାମସ୍ଥ ନନ୍ଦବଂଶର ଭୂଷଣ ପରମ ଶୈବ, ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ଗତ ପୌଷ ମାସ ଗତ ତା ୧୯ ରଖ ଶନିବାର ରାତ୍ର ଦୁଇଟା ସମୟରେ ସମସ୍ତ ଜନବନ୍ଧୁ ଓ ପ୍ରତିବେଶୀ ଅଧିକାଂଶ ଅଧିବାସିଙ୍କୁ ଗଭୀରଶୋକସାଗରରେ ନିମଗ୍ନ କରି ମର୍ତ୍ତ୍ୟଧାମରୁ ଚିରଦିନ ପାଇଁ ବିଦାୟ ନେଇ ସ୍ୱର୍ଗୋଦ୍ଦେଶ୍ୟ ଯାତ୍ରା କରି ଯାଇ ଅଛନ୍ତି । ଏ ମହାଶୟ ସନ ୧୮୩୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସଂସାରରେ ଏହାଙ୍କର ଅବସ୍ଥିତି ଅଷ୍ଟସପ୍ତତି ବର୍ଷ ମାତ୍ର । ଏହି ଅଳ୍ପକାଳ ମଧ୍ୟରେ ଏହାଙ୍କ ଜୀବନ ଘଟିତ ଘଟଣାବଳୀ ବିସ୍ତୃତ ଭାବରେ ଲେଖିଲେ ଗୋଟିଏ ବୃହତ୍ ପୁସ୍ତକ ହେବ । ବର୍ତ୍ତମାନ ଭୂଲ ସୂତ୍ର ଧରି ତାହାଙ୍କ ବିଷୟରେ ଲେଖି ଆମ୍ଭେମାନେ ନୀରବ ରହିଲୁ । ପରେ ସବିଶେଷ ବିବରଣ ଜଣାଇବାର ବାସନା କରୁଅଛୁଁ ।

ବିଦ୍ୟାଭୂଷଣ ଏକୋଇଶ ବର୍ଷ ବୟସରେ ସର୍ବ ପ୍ରଥମେ ବିଦ୍ୟାଶିକ୍ଷା ଆରମ୍ଭ କରନ୍ତି । ତାହାଙ୍କ ବିଦ୍ୟାଶିକ୍ଷା ସମ୍ବନ୍ଧରେ ଅଭିଭାବକମାନେ ଅନେକ ବାଧା ବିଘ୍ନ ଜାତ କରାଇଥିଲେ ମଧ୍ୟ ଦୟାମୟ ଈଶ୍ୱରଙ୍କ ଆଶୀର୍ବାଦରୁ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେଲା । ଏହା ତାଙ୍କର ପ୍ରଗାଢ଼ ଅଧ୍ୟବସାୟ ଓ ଗଭୀର ବିଦ୍ୟାନୁରାଗର ପରିଚାୟକ ଅଟେ । ବିଦ୍ୟାଶିକ୍ଷା ସମୟରେ ତାହାଙ୍କର ଏକମାତ୍ର ସହୋଦର, ଅଗ୍ରଜ ଭୁବନେଶ୍ୱର ନନ୍ଦ ପରମ ସହାୟ ଓ ନିକଟ ସମ୍ପର୍କ ଅଗ୍ରଜ ପ୍ରଭୃତି ବଳଦେବ ନନ୍ଦ ଉତ୍ସାହଦାତା ଥିଲେ । ସଂସ୍କୃତ, ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ବ୍ୟୁତ୍ପତ୍ତି ଲାଭ କରି ଅନେକ ଗ୍ରନ୍ଥ ସ୍ୱୟଂ ଅଧ୍ୟୟନ କରିଥିଲେ ଏବଂ ଉଭୟ ଭାଷାରେ ପାରଦର୍ଶିତା ଲାଭ କରିଥିଲେ । ବିଶେଷତଃ ସମସ୍ତ ଉତ୍କଳବାସିଙ୍କ ନିକଟରେ ସେ ଜଣେ କୀର୍ତ୍ତିଧାରୀ ବୋଲି ସୁପରିଚିତ । ରାମଦାସ, ବୋଧାଙ୍କୁର, ରାମାୟଣ ସପ୍ତକାଣ୍ଡ, ଶୁଦ୍ଧିଚନ୍ଦ୍ରିକା, ତ୍ରୈଲୋକ୍ୟସାର, କଳ୍ପଲତିକା, ଦରଶାଙ୍କୁର, ଗୀତଗୋବିନ୍ଦସୂତ୍ର, ଚଣ୍ଡୀଚରିତ୍ର, ରାମଲୀଳା ଟୀକା, ବାଲ୍ମୀକିସ୍ମୃତି ଟୀକା, ଶଙ୍କରଲୀଳା, ଶ୍ରୀକୃଷ୍ଣଲୀଳା, ଜାତକବଧ, ଶୁକବିଳାସ, ସାବିତ୍ରୀ ସତ୍ୟବାନ ଚରିତ, ଭଜନ ମହାଭାରତ, କଳ୍ପସୂତ୍ର ବୃତ୍ତୋତ୍ପତ୍ତି ଖଣ୍ଡ, ଶିବଗୀତା, ଅଦ୍ଭୁତ ରାମାୟଣ, ବୈଦେହୀଶବିଳାସ ଚତୁର୍ଥଖଣ୍ଡ ଟୀକା,

Split by PDF Splitter
Digitized by srujanika@gmail.com

ବ୍ରହ୍ମାଣ୍ଡପୁରାଣ, ସ୍ୱର୍ଣ୍ଣାଦ୍ରି ମହୋଦୟ ଏ ଗ୍ରନ୍ଥଗୁଡ଼ିକ ତାହାଙ୍କ ରଚିତ ଓ ଅନୁବାଦିତ ଅଟେ। ଏହା ଛଡ଼ା ଆଉ ଅନେକ ଗୁଡ଼ିଏ ଗ୍ରନ୍ଥ ସେ ରଚନା ଓ ଅନୁବାଦ କରି ଯାଇଅଛନ୍ତି ସେ ଗୁଡ଼ିକ ଅଦ୍ୟାପି ପ୍ରକାଶିତ ହୋଇ ନାହିଁ। ତାଙ୍କର ସମସ୍ତ ରଚନା ସରଳ, ସୁବୋଧ ଓ ମଧୁର।

ବିଦ୍ୟାଭୂଷଣ ମହାଶୟ ଭୁବନେଶ୍ୱର ପିପିଲି, କଟକ ନର୍ମାଲସ୍କୁଲରେ ଶିକ୍ଷକତା କାର୍ଯ୍ୟ, କଟକ ଟ୍ରେଣିଂକ୍ଲାସ ଓ ଗଭର୍ଣ୍ଣମେଣ୍ଟ ସ୍କୁଲମାନଙ୍କରେ ପଣ୍ଡିତର କାର୍ଯ୍ୟ ସେନସସ ଓ ଖୋରଧା ବନ୍ଦୋବସ୍ତରେ ମୋହରର ଇତ୍ୟାଦି ସରକାରୀ ଓ ବେସରକାରୀ କାର୍ଯ୍ୟ ଅତ୍ୟନ୍ତ ସୁଖ୍ୟାତି ସହିତ ନିର୍ବାହ କରି ବିଶେଷ କର୍ତ୍ତବ୍ୟଦର୍ଶିତା ଲାଭ କରିଥିଲେ। ତାହାଙ୍କ ସମସ୍ତ କାର୍ଯ୍ୟ ମଧ୍ୟରେ ପରୋପକାର ବ୍ରତହିଁ ଜୀବନର ପ୍ରଧାନ ଲକ୍ଷଣ ଅଟେ। କୌଣସି ଲୋକ କୌଣସି ବିପଦରେ ପଡ଼ି ତାହାଙ୍କ ନିକଟରେ ଉପସ୍ଥିତ ହୋଇ ଦୁଃଖର କାହାଣୀ ଜଣାଇବା ମାତ୍ରେ ସେ ସାଧ୍ୟାନୁସାରେ ତାହାର ସେହି ବିପଦ ମୁକ୍ତିର ପ୍ରତିକାର ଚେଷ୍ଟା କରୁଥିଲେ। ସେ ସ୍ୱୀୟ ଜୀବନରେ ଅନେକ ଗୁଡ଼ିଏ ଲୋକଙ୍କୁ ସମ୍ପୂର୍ଣ୍ଣ ନିଜ ବ୍ୟୟରେ କେତେଗୁଡ଼ିକଙ୍କୁ ଆଂଶିକ ସାହାଯ୍ୟ ଦାନ କରି ବିଦ୍ୟାଶିକ୍ଷା କରାଇ ମନୁଷ୍ୟ କରିଦେଇ ଯାଇଅଛନ୍ତି।

ସମସ୍ତଙ୍କ ସମଦୃଷ୍ଟିରେ ଦର୍ଶନ ତାହାଙ୍କର ଅନ୍ତର ଗୋଟିଏ ପ୍ରଧାନ ଗୁଣ ଥିଲା। ହିନ୍ଦୁ ସମ୍ପ୍ରଦାୟ ଲୋକମାନଙ୍କ ମଧ୍ୟରେ ଧର୍ମ ସମ୍ବନ୍ଧରେ ତାଙ୍କର ଯେପରି ଉଦାର ଭାବ ଥିଲା ବୋଧହୁଏ ଉତ୍କଳୀୟ କୌଣସି ପଣ୍ଡିତଙ୍କଠାରେ ତାହା ଦେଖାଯାଏ ନାହିଁ ସେ ପ୍ରତ୍ୟେକ ଧର୍ମସମ୍ପ୍ରଦାୟକୁ ପ୍ରାଣର ସହିତ ଶ୍ରଦ୍ଧା କରୁଥିଲେ। ସଂସାରୀ ହୋଇ ମଧ୍ୟ ସଂସାରର ବିଷୟ ବାସନାରେ ତାଙ୍କର ଅଧିକ ସ୍ପୃହା ନ ଥିଲା। ପ୍ରାୟ ଆଠ ଦଶ ବର୍ଷ ହେବ ଗୃହସ୍ଥାଶ୍ରମ ପରିତ୍ୟାଗ କରି ଶ୍ରୀ କପିଳେଶ୍ୱର ମହାଦେବଙ୍କ ନିକଟରେ କୁଟୀର ନିର୍ମାଣ କରାଇ ସେହି ଦେବାଧିଦେବ ଦେବଙ୍କ ଆରାଧନାରେ ଅବଶିଷ୍ଟ ଜୀବନ ଅତିବାହିତ କରି ମୃତ୍ୟୁର ଅବ୍ୟବହିତ ସମୟ ପର୍ଯ୍ୟନ୍ତ ସଜ୍ଞାନରେ ଈଶ୍ୱର ନାମ ଉଚ୍ଚାରଣ କରୁ କରୁ ଦେହ ତ୍ୟାଗ କଲେ।

## ସାପ୍ତାହିକ ସମ୍ବାଦ।

ଏ ସପ୍ତାହରେ ଅକାଳ ବର୍ଷାର ଏବଂ ସମୟୋଚିତ ପ୍ରଖର ବସନ୍ତ ଏବଂ ବସନ୍ତ ପ୍ରତୀୟମାନ ହୋଇଅଛି। ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ।

ଏ ଜିଲ୍ଲାର ନୂତନ କଲେକ୍ଟର ମାନନୀୟ ଶ୍ରୀଯୁକ୍ତ ଏଫ, ଏଚ, ଫି ସର ସାହେବ ଏ ନଗରରେ ପହଞ୍ଚି ଗତ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି।

ଏଠାର ସ୍ଥାନୀୟ ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ମଣ୍ଡଲ ସାହେବ ଛୁଟିରୁ ଫେରି ଅସି ଗତ ଶୁକ୍ରବାରଠାରୁ କାର୍ଯ୍ୟ କରୁଅଛନ୍ତି।

ଏ ସପ୍ତାହରେ ଅରୁଆ ଚାଉଳରେ ଟ ୨ ସେର ଏବଂ ମହୁଡ଼ାର ଚାଉଳରେ ଟ ୨ ସେର ଦର ଯୋଗୁ ଯାଉଅଛି।

ଅଜି କାଲି ଏଠା ଜେନେରାଲ ଡାକ୍ତରଖାନାରେ ଅନେକ ଅସ୍ତ୍ରଚିକିତ୍ସା ହେଉଅଛି। ଅର୍ଶରୋଗ, କୋଷବୃଦ୍ଧି ଏବଂ ଚକ୍ଷୁର ପରଳ ବା ମୋତିଆବିନ୍ଦୁ ବେଶୀ ଅଧିକ ଅଛନ୍ତି। ଡାକ୍ତର କାଲଭର୍ଟ ସାହେବ ଉକ୍ତ କାର୍ଯ୍ୟରେ ବିଶେଷ ନିପୁଣ ହୋଇ କେତେ ଲୋକ କରୁଅଛନ୍ତି।

ଅଠଗଡ଼ କଣ୍ଟକସ୍ଥା ସାକ୍ଷୀର ମେଘ ବନ୍ଧୁସା ପାଠଯୋଗୀ ଏଠାରୁ ଗୋଟିଏ ଗାଈ ଚୋରି କରି ଜଣେ କସାଇକୁ ବିକିବାକୁ ସେ ପଲ୍ଲିଗ୍ରାମକୁ ନେଇ ଯିବାବେଳେ ମୁହଁରେ ଚେଷ୍ଟା ପ୍ରକାଶରେ ଏହାର ହସ୍ତରେ ଅସାମୀ ଧରା ହୋଇ ସବ୍‌ଡେପୁଟିମାଜିଷ୍ଟ୍ରେଟ ବାବୁଙ୍କ ମିସଲରେ ୩ ମାସ କାରାଦଣ୍ଡ ପାଇଅଛି। ତାହା ବଳତ୍ ହୋଇଥିଲେ ଗୋରୁଟିର ପ୍ରାଣ ଯାଇଥାନ୍ତା।

ଗତ ତାରିଖରେ ପୁରୀ ନଗରର ଛଅ ଖଣ୍ଡ ଦମ୍ପତି ଜାଲ କରିବା ଅପରାଧରେ ୩ ଜଣ ଏବଂ ସେହି ନଗରର ଅନ୍ୟ ଏକ କାନ୍ତି ଅଗ୍ନି ଲଗାଇବା ଅପରାଧରେ ୪ ବର୍ଷ କାରାଦଣ୍ଡ ପାଇଅଛି।

ଶ୍ରୀଯୁକ୍ତ ହେଉଡ଼ସନ ସାହେବଙ୍କ ମିସଲରେ କାଠଜୋଡ଼ି ସାହିର ସଦୃଶାନ୍ତ ନଗର ବଣ୍ଣି ବନ୍ଧନ ଦୋଷରେ ଟ ୫୦ ଲେ ଏବଂ ମନମୋହନ ଜଗାଇର ଗଣେଶ ସାହୁ ବନ୍ଧା ପଥରେ ମାଟି ସ୍ତୁପ ଓ ମୋଟର କରି ବନ୍ଧିବା ଦୋଷରେ ଟ ୪୯ ଲେ ଜରିମାନା ଦଣ୍ଡ ପାଇଅଛନ୍ତି। କେଉଁମାନେ ମୋଟର ସମ୍ପାଦନ ପରିବେଶିବ ଜେବେ କି?

ଓଲ୍ଡହ୍ୟାମ ସାହେବଙ୍କ ମୃତ୍ୟୁ ହେତୁ କଲିକତାର ଉତ୍ତର ଓ ଦକ୍ଷିଣ ବିଭାଗର ଫୌଜଦାରୀ ଅଦାଲତମାନ ଗତ ମାସ ତା ୧୬ ରୁ ୨ ଦିନ ବନ୍ଦ ହୋଇଥିଲା। ଓଲ୍ଡହ୍ୟାମଙ୍କ ମୃତ୍ୟୁରେ ଅଦାଲତ ବନ୍ଦ ହେବା ନୂତନ କଥା ଏବଂ ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ।

ବଳାସାରରେ ବୈଦ୍ୟନାଥ ବାର୍ଗ ମହାଶୟଙ୍କର ଏବଂ ସ୍ଥାନର ଅନ୍ୟ ସ୍ଥାନକୁ ଉଠାଇବାର ପରୀକ୍ଷା ବର୍ତ୍ତମାନ ସ୍ଥଗିତ ହୋଇଅଛି ଏବଂ ଏହା ସକାଶେ ନାନାବିଧ ଗଭର୍ଣ୍ଣମେଣ୍ଟଠାରୁ ଅଲ୍ପ କିଛି ଦୀପର ସାହାଯ୍ୟ ଲାଭ ହୋଇଅଛି। ଏହା ସଫଳ ହେଲେ ବଙ୍ଗଳା ରାଜ୍ୟରେ ଗୋଟିଏ ଅପୂର୍ବ ବ୍ୟାପାର ଘଟଣା ହେବ।

କଞ୍ଜଭୀଳ ସେତେଅଛି ନାମକ ଜଣେ ରାଗୀ ଖଇଗଡ଼ର ଜଣେ ଲୋକର ଦୋକାନରୁ ଡାକୁଚିଏ ନେଉଥିଲା, ଦୋକାନୀ ଜାଣି ଗାରବାରୁ କହି ହରି ନ ଥିଲା। ଲୋକର କହି କଣ ଅନ୍ୟାୟ ଦେଶରେ ଅଙ୍ଗ ସ୍ୱାସ୍ଥ୍ୟ ଲୋକଙ୍କର ନିକଟ ଉତ୍ତରିତ ହୋଇ ଯେଉଁ କରିମରେ କାନ୍ଦିବାର ମାଲ ମାତ୍ର ମୁକ୍ତିର ଉତ୍ତର ଦେଖାଇ ଦେଲା। ସୁସ୍ୱର ଉତ୍ତର ଦେଖାରୁ ସାକ୍ଷୀ ଚୌଧୁରୀ ଜନ୍ ସାହେବଙ୍କ ନିକଟରେ ଜେଲଖାନାକୁ ଯିବାର ପ୍ରାର୍ଥନା କଲା। ତଦନୁସାରେ ତାହା ଉପରେ ୩୦ ଟ ଜରିମାନା ଓ ୨ ମାସ ସଶ୍ରମ କାରାଦଣ୍ଡର ଆଦେଶ ଦେଲେ। ଏହି ଦୁଇ ବର୍ଷ ମଧ୍ୟରୁ ମାସ ନିର୍ଜନ କାରାରେ କଟାଇବାକୁ ହେବ।

ସ୍ୱର୍ଗୀୟା ଭାରତେଶ୍ୱରୀଙ୍କ ପ୍ରତିମୂର୍ତ୍ତି କଲିକତାରୁ ଅସି କଟକରେ ପହଞ୍ଚିଅଛି। ବଡ଼ଲାଟ ମହୋଦୟ କଲିକତା ପରିତ୍ୟାଗ କରିବା ପୂର୍ବରେ ଆଗାମୀ ମାର୍ଚ୍ଚ ମାସରେ ପ୍ରତିଷ୍ଠା କରି ଯିବେ।

ଭାରତବର୍ଷରୁ କୁଲୀମାନେ ବର୍ତ୍ତମାନ ଦକ୍ଷିଣ ଆଫ୍ରିକାକୁ ଯାଉଅଛନ୍ତି ଏବଂ ସେଠାକୁ ୩୦୦ ଫାଉଣ୍ଡ କୁଲୀମାନେ ପଠାଇବା କାରଣ ଫରମାସ ଆସିଅଛି। କୁଲୀମାନେ ଦ୍ୱୀପାନ୍ତର ମହୌଷଧ ନେଇ ଭାରତକୁ ବିଦେଶକୁ ତାହା ଯିବା ବଡ଼ ସୁଖର ବିଷୟ।

ଅଲ୍ପ ଦିନ ହେବ ଜଣେ କଏଦୀ ଅଟାଳୀ ଜେଲଖାନାରୁ ପଳାଇ ଯାଇଥିବାରୁ ତାହାକୁ ଧରିବା କାରଣ ପ୍ରଥମେ ଟ ୫୦ ଟଙ୍କା ଓ ପରକୁ ଟ ୧୦୦ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। କଏଦୀ ଗୁଆଲିଅରରେ ଧରା ପଡ଼ିଅଛି।

କଲିକତା ମିଉନିସିପାଲିଟିରୁ ଅସ୍ମାନଙ୍କର ନୂତନ ସମ୍ରାଟଙ୍କ ସେହି ଆଗମନ ପର୍ବ ଅବସରେ ଉପଲକ୍ଷେ ଏଥି ନିମନ୍ତେ ସୁବର୍ଣ୍ଣ ଖୋଳ ଟ ୧୩,୦୦୦ ଙ୍କାରେ ନିର୍ମାଣ କରିବା କାରଣ କଲିକତାର ଜଣାର ହାମିଲ୍‌ଟନ କମ୍ପାନିଙ୍କି କରାର ଦିଆ ଯାଇଅଛି। ଏବଂ ଯାହାକର ପତ୍ରର ଉନ୍ନତ ପ୍ରସ୍ତୁତ କରିବା କାରଣ ଟିପଣ୍ଟୁଂ ସାହେବଙ୍କ ଉପରେ ଭାର ଦିଆ ଯାଇଅଛି। ଏହି ଜନ୍ମ କାର୍ଯ୍ୟ କୌଣସି ଦେଶୀ କାରିଗର ଦ୍ୱାରା ହୋଇଥିଲେ ଭଲ ହୋଇଥାନ୍ତା। ସାହେବଙ୍କ ଦେଶକୁ ସ୍ୱଦେଶ ଜମିତ କାର୍ଯ୍ୟ କଲେ ଉତ୍କଳରେ ଦେଶରକ୍ଷା ଉନ୍ନତି ନାହିଁ। ଏଥିରେ କ ଦେଶର କି ଉନ୍ନତି ହେବ?

ଅସ୍ମାନଙ୍କର ବଡ଼ଲାଟ ମହୋଦୟ ହେବ୍ରୀ ବହୁଳ ସ୍ଥାନରେ ଆସନ୍ତା ମାସରେ ଦାର୍ଜିଲିଂ ମୁରସିଦାବାଦ ଓ ମାଲଦହ ପ୍ରଭୃତି ସ୍ଥାନରେ ଭ୍ରମଣ କରିବାର ସ୍ଥିର ହୋଇଅଛି।

ବଙ୍ଗଦେଶର ଜମିଦାରଙ୍କ ଜଣେ ଗୁମାସ୍ତା ପ୍ରଜାକୁ ତାଲ ପାଇବା ଦେଇ ଟଙ୍କା ଆଦାୟ ଅପରାଧରେ ଅଲିପୁର ଫୌଜଦାରୀ ଅଦାଲତରୁ ୬ ମାସ ସଶ୍ରମ କାରାଦଣ୍ଡ ପାଇ ଅଦାଲତ ମିଳଇ। ତହସିଲଦାରମାନେ ଏଥିରୁ ଶିକ୍ଷା ଲାଭ କରିବେ କି?

ଆଗାମୀ ବର୍ଷର ଅବସରରେ ଦିଲ୍ଲୀଠାରେ ଯେଉଁ ରଣକ୍ଷେତ୍ର କିମ୍ବା ଦେବ ଉତ୍ସବ ଉପଲକ୍ଷେ ସେଠାରେ ୩୦,୦୦୦ ସେନା ସମବେତ ହେବାର ସ୍ଥିର ହୋଇଅଛି। କାଣ୍ଡଟା କେଡ଼େ ବଡ଼ ପାଠକେ ଏଥିରୁ ଅନୁମାନ କରନ୍ତୁ।

ଦିନାଜପୁରଠାରେ ଜଣେ ଗୋରା ମଦ୍ୟପିବାରୁ ତାଙ୍କ ଲୋକ ଦେଖି ଏକ ଦୁଃଖୀର ଦେଖି ଗଲେ ମାତ୍ର ସେଠାରେ ଅନ୍ୟ ଏକ ଗୋରା ଶକ୍ତି ଦେଖାଇ ସାଧାରଣ ରାଜାଙ୍କ ହୁଅନ୍ତି ତାହାର ନିଜ ସମ୍ପତ୍ତି ପ୍ରକାର ବାଣ କରି ମୁଣ୍ଡାରେ ପକାଇ ଦେଇ ଏବଂ ଗୋରାଙ୍କୁ ମାରପିଟ କଲା। ଫୌଜଦାରୀ ଅଦାଲତରେ ମୋକଦ୍ଦମା ହେବାରୁ ଅସାମୀ ପ୍ରତି ଛଅମାସ ସଶ୍ରମ କାରା ଦଣ୍ଡ ହୋଇଅଛି। ମଦ ଲୋକର ମୃତ୍ୟୁ ଭୟରୁ ମୃତ୍ୟୁ ଅପମାନିତ ହେବାର ବାକି ଥିଲା।

ବଙ୍ଗଳାର ଅରୁଣୋଦୟ ଲାଇସେନ୍ସ ଦେଶୀୟ ଓ ସାମ୍ରାଜ୍ୟ ଦେଶାଳି ପକ୍ଷରୁ ଟ ୨୦୦୦ ଣ ସ୍ଥିତାନ୍ତ ଦିବାର ସ୍ଥିର ହୋଇଅଛି।

Digitized by srujanika@gmail.com

## ମୁଷ୍ଟି-ସମ୍ବାଦ ।

ପୂର୍ବ ପ୍ରକାଶିତ କଟକୀ ବାବୁ ଉପେନ୍ଦ୍ର ନାଥଙ୍କୁ ମାଜିଷ୍ଟ୍ରେଟ୍ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କର ସ୍ୱଜନ ପ୍ରେରଣ ହୋଇଅଛନ୍ତି ।

ଏଠାର ଟ୍ରେନିଂଶାଳାର ମୋକ୍ତାରମାନେ ଶଙ୍କର ବାବୁ ତା ୮ ରଖରେ ସଦସ୍ୟ ଦେବାକୁ ତାଙ୍କ କାର୍ଯ୍ୟରେ ସେକ୍ରେଟେରୀ ହେଡ୍ ଗ୍ରାଣ୍ଟ କଟେଜ ବାବୁ ନିଯୁକ୍ତ ହୋଇଅଛନ୍ତି ।

ତାଲ ବଡ଼ ଟଙ୍କା ସଂଗ୍ରହ କରିଥିବା ସମୟରେ ଧରା ହୋଇଥିବା ସେହି ଗାର୍ଡ଼ ପଣ୍ଡା ହୁଇଟ ସମୟରେ ବଗସ୍ଥୀନ ହୋଇ ହଜାର ଟଙ୍କା ଜାମିନ ଦେଇ ଥିବାର ଶୁଣିଲୁଁ ।

ଗତ ତା ୨୮ ରଖରେ ବରାହାଣ୍ଡି କଂସପୁରର ମହାନ୍ତା ଜନୈକ ବର୍ଣ୍ଣକାର୍ଯୀ ହୋଇ ଗ୍ରହ ଟ୍ରେନରେ ଏଠାରେ ଉପସ୍ଥିତ ହୋଇଅଛନ୍ତି । ଜଣ୍ଟ ଷ୍ଟେସନ ପର୍ଯ୍ୟନ୍ତ ଏଠା ସ୍କୁଲର ମେମ୍ବରମାନେ ପ୍ରଭୃତ ସମ୍ବର୍ଦ୍ଧନା କରିବା ନିମନ୍ତେ ଯାଇଥିଲେ ।

ଅଗ୍ନିଦଗ୍ଧ ସହରରେ ପରିମାଣରେ ଦେଖା ଯାଉଅଛି ।

## ମୂଲ୍ୟପ୍ରାପ୍ତି ।

| | |
|---|---|
| ମୁକ୍ତି ଦେବ ରମାଜ ମହନ୍ତ ମୂହାନ୍ତଷା ବହୁକ୍ତ | ଟ ୧ ୯ |
| ଶ୍ରୀ ବାବୁ ଚକ୍ରାମଣି ଚୌଧୁରୀ କଟକ | ଟ ୧ ( |
| „ ଗୋପାଳଚରଣ ମହାନ୍ତି କେନାଲ ଲୁଡ଼ଚଣା | ଟ ୩ ( |
| „ ଅଭଚନ୍ଦ୍ର ସିଂ ସେଟଲମେଣ୍ଟ ଅଫିସ ସାଇବର | ଟ ୧ ( |
| „ ଓଭରସିଅର କରପାଇ ସମ୍ବଲପୁର | ଟ ୩ ( |
| „ ମୋଦନସିଂ ସଡ଼ାବାଗିଚାର | ଟ ୨ ( |
| „ ବଶୀଧର ପଣ୍ଡା ପୋଷ୍ଟମାଷ୍ଟର ଲମବାଇ | ଟ ୩ ( |
| „ ଚକ୍ରାମଣି ରଥ ହେଡ଼ପଣ୍ଡିତ ସୋର୍ଣ୍ଣ | ଟ ୧୩ |
| ରଜା ବାହାଦୁର । କ । ପାଇକୁଦ | ଟ ୩ ( |
| ଶ୍ରୀ ବାବୁ ନରହରି ମାନ୍ତ୍ରି କରହିଅ ମସୁରଭଞ୍ଜ | ଟ ୩ ( |
| ମହନ୍ତ ହରେକୃଷ୍ଣ ଦାସ ଲଙ୍କାପୋଡ଼ା | ଟ ୩ ( |
| ଶ୍ରୀ ବାବୁ ଚକ୍ରାମଣି ନାୟକ କୁମାରଡ଼ବା | ଟ ୩ ( |
| „ ଅର୍ଜୁନ ବେହେରା କଣହୁପୁର | ଟ ୨ ( |
| „ ବାଇମିଷ ଲବନ୍ଦ୍ରିତ୍ ଦେଓ କୋକପୁର | ଟ ୩ ( |

## ବିଜ୍ଞାପନ ।

ଶ୍ରୀ ମଧୁସୂଦନ ରାଓ ଓ ଶ୍ରୀ ମଧୁସୂଦନ ଦାସଙ୍କ ପ୍ରଣୀତ

### ଅଙ୍କପୁସ୍ତକ (ଦୁଇଭାଗ)

ଶ୍ରୀ ମଧୁସୂଦନ ରାଓଙ୍କ ପ୍ରଣୀତ

### ଅଙ୍କପ୍ରଶ୍ନ ସମାଧାନ

ଅଙ୍କପୁସ୍ତକର ୧ମ ଭାଗ ଲୋୟର ପ୍ରାଇମେରୀ ସ୍କୁଲ ଓ ଅନ୍ୟ ସ୍କୁଲମାନଙ୍କର ନିମ୍ନ ଶ୍ରେଣୀମାନଙ୍କ ନିମିତ୍ତ, ମୂଲ୍ୟ ଟ° ।

୨ୟ ଭାଗ ଉଚ୍ଚପ୍ରାଇମେରୀ ଓ ମଧ୍ୟମ ଶ୍ରେଣୀ ସ୍କୁଲମାନଙ୍କ ନିମିତ୍ତ, ମୂଲ୍ୟ ଟ° ୫

ଅଙ୍କପ୍ରଶ୍ନସମାଧାନ ମୂଲ୍ୟ ଟ° ୫

ଏହି ପୁସ୍ତକମାନ ଅନ୍ୟାନ୍ୟ ଗଣିତପୁସ୍ତକମାନଙ୍କ ସଙ୍ଗେ ତୁଳନା କରି ଦେଖନ୍ତୁ ।

କଟକ ନର୍ମାଲ ସ୍କୁଲରେ ଶ୍ରୀ ପ୍ରଶାନ୍ତ ରାଓଙ୍କଠାରେ ଓ କଟକର ପୁସ୍ତକ ଦୋକାନମାନଙ୍କରେ ପ୍ରାପ୍ତବ୍ୟ । ଶ୍ରୀ ପ୍ରଶାନ୍ତ ରାଓଙ୍କଠାରୁ ଏକାବେଳେ ଲକ୍ଷେ * ଖଣ୍ଡ ବା ତତୋଧିକ କଣିଲେ ଟଙ୍କାରେ ଟ°୬ କମିଶନ ପାଇବେ ।

☞ ଅଙ୍କପୁସ୍ତକରେ ଥିବା କଠିନ ପ୍ରଶ୍ନମାନ ଅଙ୍କପ୍ରଶ୍ନ ସମାଧାନରେ କଷା ଯାଇଅଛି ।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ବାଲେଶ୍ୱର ଜିଲ୍ଲା, ଭଦ୍ରକ ସବଡିଭିଜନ ଅନ୍ତର୍ଗତ ବାସୁଦେବପୁର ଥାନା ଇଲାକା । ଗ୍ରା । ଚେଡ଼ା । ମୌ । ରୁକୁଣାଦେଇପୁର ନିବାସୀ ଶ୍ରୀଯୁକ୍ତ ଧ୍ରୁବଚରଣ ମହାପାତ୍ର ମହୋଦୟ ଆମ୍ଭ ନାମରେ ସନ ୧୮୯୬ ମସୀହା ଅଗଷ୍ଟ ମାସରେ ଭଦ୍ରକ ସବରେଜିଷ୍ଟ୍ରାର ଅଫିସରେ ଯେ ଆମମୁକ୍ତାରନାମା ରେଜିଷ୍ଟ୍ରାର କରି ଦେଇଥିଲେ, ଉକ୍ତ ମହୋଦୟଙ୍କର ଆମ୍ଭେ କଲିକତା, ଶୋଭାବଜାର, ପଦ୍ମପୁକୁର ଭବାନୀପୁର ମୁକାମରେ ରହି ବ୍ୟବସାୟର କଣ୍ଟ୍ରାକ୍ଟର କାର୍ଯ୍ୟରେ କାରପରିଦାର୍ଯ୍ୟ କର୍ମ କରୁଥିଲୁଁ ।

ଗତ ସନ ୧୩୦୮ ସାଲ ଭାଦ୍ରବମାସ ଦ-୨୬ ତ ରୋଜ ମଙ୍ଗଳବାର । ମୁ । ଇଂ । ସନ ୧୯୦୧ ମସୀହା ତା ୧୦ ରିଖ ସେପ୍ଟେମ୍ବର ମାସରେ ଆମ୍ଭ ଦୁଇଜଣଙ୍କୁ ଉକ୍ତ କାରପରିଦାର୍ଯ୍ୟ କର୍ମରୁ ଜବାବ ଦେଇଅଛନ୍ତି ଅର୍ଥାତ୍ କାର୍ଯ୍ୟରୁ ବହିର୍ଗତ କରିଦେଲେ । ଅତଏବ ଆମ୍ଭେ ସର୍ବସାଧାରଣଙ୍କ ଅବଗତ ସକାଶାତ୍ ଅତ୍ର ବିଜ୍ଞାପନଦ୍ୱାରା ପ୍ରକାଶ କରୁଅଛୁ ଯେ ଦରକାର ହେଲେ କାର୍ଯ୍ୟରେ ଆସିବ । ଇତି ।

| | |
|---|---|
| ତା ୨୦ ରିଖ ମାହେ ଜାନୁଆରୀ ସନ ୧୯୦୨ ମସୀହା ମୁ: ବି: ସନ ୧୩୦୯ ସାଲ ମାଘମାସ ତ ୮ ଜ । ମୁ: ଶ୍ରୀଭବାନୀପୁର ପଦ୍ମପୁକୁର ଥାନ କଲିକତା | ଶ୍ରୀ ସୂର୍ଯ୍ୟମଣି ଦାସ । ସା । ରୁକୁଣାଦେଇପୁର । ଗ୍ରା । ଚେଡ଼ା ଥାନା ବାସୁଦେବପୁର ଜି-ବାଲେଶ୍ୱର ହାଲ । ସା । ଶ୍ରୀଭବାନୀପୁର ପଦ୍ମପୁକୁର ଥାନ ଶ୍ରୀ ସୁରେନ୍ଦ୍ର ମହାପାତ୍ର— । ସା । ସଦର, ଏହାଲ । ଗ୍ରା । ଅଙ୍ଗୋ । ଥାନା ବାସୁଦେବପୁର-ଜିଲ ବାଲେଶ୍ୱର ହାଲ । ସା । ଭବାନୀପୁର ପଦ୍ମପୁକୁର ଥାନ କଲିକତା । |

## ବିଜ୍ଞାପନ

କମ୍ପୋଜିଟର ଆବଶ୍ୟକ ।

ଖଲିକୋଟ ଷ୍ଟେଟ ପ୍ରେସ୍‌ପାଇଁ କେତେକ ଜଣ କମ୍ପୋଜିଟର ଆବଶ୍ୟକ । ଯେଉଁମାନେ ଉକ୍ତ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱ ସ୍ୱ ଯୋଗ୍ୟତା ଏବଂ ସଚ୍ଚରିତ୍ରତାର ନିଦର୍ଶନ ସହିତ ଶୀଘ୍ର ଆବେଦନପତ୍ର ପଠାଇବେ । ବେତନ ଯୋଗ୍ୟତା ଅନୁସାରେ ଦିଆଯିବ । କେବଳ ନ୍ୟୂନପକ୍ଷରେ କେତେ ବେତନ ହେଲେ ସେ ଏଠାକୁ ଆସି କାର୍ଯ୍ୟ କରିପାରିବେ ତାହା ସେମାନେ ସ୍ୱ ସ୍ୱ ଆବେଦନପତ୍ରରେ ଉଲ୍ଲେଖ କରିଥିବେ । ଆବେଦନପତ୍ର ନିମ୍ନଲିଖିତ ଠିକଣାରେ ଆମ୍ଭନାମରେ ପଠାଇବାକୁ ହେବ ।

| | |
|---|---|
| ୨୦।୧।୧୯୦୨ ରମ୍ଭା ପୋ: । ଗଞ୍ଜାମ | ଶ୍ରୀ କାଳମଣି ବିଦ୍ୟାରତ୍ନ ମେନେଜର ଖଲିକୋଟ ଷ୍ଟେଟ ପ୍ରେସ୍ |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।

୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମୁଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଲ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ ମୁକ୍ତା ଓ ପ୍ରବାଳାଦି ନାନାବିଧ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ । ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ) ।

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଦୁଶ୍ଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଢେକୁର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ । ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦସମ୍ବନ୍ଧୀୟ ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାଗଦୋଷ, ଷଷ୍ଠିରେ ଉନ୍ମାଦ ଚକ୍ଷୁ, କର୍ଣ୍ଣ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ କାଶୀ ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଲା, ସକଳପ୍ରକାର କାଶରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା । ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇଅଣା ।

Split by PDF Splitter
Digitized by srujanika@gmail.com

## ନୂତନ ପୁସ୍ତକ ।

| | |
|---|---|
| ଜାନକୀ ଗୀତା ୨ୟ ଭାଗ | ଟ ୦। |
| ଦୁର୍ଗା ଚୌତିଶା ଓ ଭଜନମାଲା | ଟ ୦/ |
| ମଣ୍ଡୀସ୍ୱରଣ ଯୁଦ୍ଧ | ଟ ୦/୨ |
| ପ୍ରବନ୍ଧ ଅଶ୍ରୁଚନ୍ଦ୍ର ବା କାଦମ୍ବରୀ | |
| ଉପନ୍ୟାସ | ଟ ୦ ୳ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

TRADE MARK — W. W. MAJOR & CO.'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

### " ଇଲେକ୍‌ଟ୍ରୋ ସାଲସା ।"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟର୍ସ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଅଦ୍ଭୁତ ଓ ଅକୃତ୍ରିମ ।

ଆଉ ତାହାଇକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ନାନାଇକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୁଚନତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ, ଓ ନବ ଜୀବନର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟାଗତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ସନ୍ନିଧିରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଭିତରେ ନନ୍ତୁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାବଳ୍ୟ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ " ଇଲେକ୍‌ଟ୍ରୋ ସାଲସାର " ପକ୍ଷପାତୀ ହୋଇ ବାରମ୍ବାର ତଳକ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼୨ ହାସପାତାଳରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସକଳେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଆଗରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡପଣି ଫୁଲିବା; କୁଷ୍ଠରୋଗ ହୋଇ ଫୁଲି ଉଠିବା, କୁଣ୍ଡିଆଣ, ଚୁଲି, ଗରମି ଓ ପାରଦର ଘା, କାନ ଓ ନାକର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାଣ ଗରମିର-ଖାଦା ବା କଳା ଚିହ୍ନ, ଧବଳ, କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରଦ ଓ ଗରମି-ବିଷର ଜଡ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍-ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଝାଡ଼ା ମଳ ବେଗରେ ବୀର୍ଯ୍ୟ ନିର୍ଗତ, ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ ଶକ୍ତି ହ୍ରାସ, ମୁଣ୍ଡ ବୁଲାଇବା, ଚକ୍ଷୁର ଅସ୍ଥିରତା, ନିର୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ-ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ବିଷ କ୍ରୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ ! !

" ଇଲେକ୍‌ଟ୍ରୋ ସାଲସା " ଭୂମ୍ବ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଥିଲେ । ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅନ୍ତ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ହେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ-ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରିଟର;— "ଡବଲିଉ,ମେଜର ଏଣ୍ଡ କୋମ୍ପାନୀ,"କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

Split by PDF Splitter
Digitized by srujanika@gmail.com

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ।

ଔଷଧ ଉପରେ ଏହି ଟ୍ରେଡ଼ମାର୍କ ଥିବ

ଯାହା ଦେଖି ଚିହ୍ନିବେ

ଅମେରିକା ପ୍ରଦେଶର ବିଶ୍ୱବିଖ୍ୟାତ ଜଗଦ୍ୱାସୀ ମହାଯଶା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ;—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ। ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ। ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଡାକ୍ତରମାନେ ଯେଉଁ-ରୋଗ ଅସାଧ୍ୟ ବୋଲି ଘୋଷଣା କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ଚୂଡ଼ାନ୍ତ!

ଇଲେକ୍‌ଟ୍ରୋ ସାଲସା,—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ଶରୀରେ ସ୍ଫୂର୍ତ୍ତି ହୁଏ ସେମିତି ଶରୀରାଭ୍ୟନ୍ତରେ କୌଣସି ବୈଦ୍ୟୁତିକ କ୍ରିୟା ଚାଲୁଥିବା ବୋଧ-ହୁଏ। ଏହିଠାରେ ଏହାର ବୈଜ୍ଞାନିକ ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ!!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଇଅଛନ୍ତି ଯେ ଜଗତର ଯାବତୀୟ ବ୍ୟାପାର ଶକ୍ତିହିଁ ପ୍ରକୃତିର ମୂଳ। ଜଗତର ପ୍ରବାହ ତାଡ଼ିତ ପ୍ରଭୃତି ଶକ୍ତି ସଞ୍ଚାଳନା। ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଣ?

ପାଶ୍ଚାତ୍ୟ ଜଗତର ଉଦ୍ଭଟ ପଣ୍ଡିତମାନେ ବୋଲନ୍ତି, ଆମେରିକାର ନିଉୟର୍କନଗରରେ ଓ ସାରା ଭାରତର ଅଧିକାଂଶରେ ଏହାର ବୈଦ୍ୟୁତିକ କ୍ରିୟା ଦୃଷ୍ଟ ହୋଇ ଆସୁଅଛନ୍ତି ତନ୍ମଧ୍ୟରେ ଏକ ପରୀକ୍ଷାରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉପଶମ ହୁଏ। ଯତି କେବଳ ସ୍ନାୟବିକ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସୁନିଶ୍ଚିତ। ମାତ୍ର ଔଷଧ ସମଷ୍ଟିଦ୍ୱାରା ଏ ଶକ୍ତିର ସମତା ରକ୍ଷା ହୋଇ

ନ ପାରେ। ତଡ଼ିତର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ସ୍ଥିର କଲେ ଗାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଅବସ୍ଥାନ କରନ୍ତି ଏବଂ ସେଗୀ ଦେହରେ ତାହାର ସାହାଯ୍ୟ ପ୍ରୟୋଗ କରନ୍ତି, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ଜଟିଳରୋଗ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି। ଫଳରେ ତହିଁର କ୍ରିୟା ମଧ୍ୟ ସେ ସ୍ଥାୟୀ ଏ କଥା ନିଶ୍ଚିତ ସମାଜକୁ ଏବେ ଅଧିକ ବୁଝାଇ ଦେବାକୁ ହେବ ନାହିଁ। ଅଧିକ ଏହି ଦାଂଶବୁଦ୍ଧିର ସ୍ଥାନରେ ଗଭୀର ମନୁଷ୍ୟ ସାଧ୍ୟ ନାହିଁ ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରସ୍ଥ ପ୍ରୟୋଗାର୍ଥେ ତାହାକୁ ବହୁ ଗବେଷଣା ପରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଜନ କରି ପ୍ରତ୍ୟୁପାଦନ କଲେ ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ଅର୍ଜନରେ ପରୀକ୍ଷା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି!!!

ଅଭି କାହାକୁହିଁ ଅସ୍ଥାୟୀ ଓ ଅସ୍ଥାୟୀ ସୁଖଦାୟକ କୃତ୍ରିମ ସାଲସା ବା କୌଣସିବୋଲ ଔଷଧ ସେବନ କରିବାକୁ ହେବ ନାହିଁ ଅଭି କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତଏବ ଏହି ମହୌଷଧ ଏହି ମହାଶକ୍ତି ଏହି ବୈଦ୍ୟୁତିକ ସଞ୍ଚାର "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସର୍ବ ସ୍ୱଳ୍ପ ଫଳ ଅବର୍ଣ୍ଣନ ଦେହ ପ୍ରତି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁନି ଫେରିପାଇବ।

ରକ୍ତ ଦୋଷର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗନୋରିଆ, କାସୀଗା, ଗାତ୍ରକଣ୍ଡୁ, ଖାଜୁ, କ୍ଷତ, ଶରୀରଗାତ୍ର ପ୍ରଦାହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସାବ ଜଳନ, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ତ ହୀନତା, ମୂତ୍ର ସ୍ୱଳ୍ପତା, ଯୌବନର ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ସେତେ କଷ୍ଟ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ। ବଡ଼ ଶିଶି ବଡ଼ରଣ ପୁସ୍ତକ ହସ୍ତ ଜାଗନରେ ଦେଖ। ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୫ ୨ ୧ ୩ ଟି ଶିଶିର ୫ ୫, ୬ ଟି ଶିଶିର ୫ ୧୦, ଡଜନର ୫ ୨୦ ୧ ଡାକମାସୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ୫ ୦ ୮, ୩ ଶିଶିରେ ୫ ୦ ୧୦, ୬ ଶିଶିରେ ୧୦, ଡଜନରେ ୫ ୧୮।

ଅସ୍ମାକଙ୍କର ପତ୍ର ପଠାଇବାର ଠିକଣା

W, MAJOR & Co } ଡବ୍ଲ୍ୟୁ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta




ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଅବ୍ୟର୍ଥ ଔଷଧାବଳୀ।

ଭାରତବାସୀ ସେମାନଙ୍କର ଅଧିକ ଉପର କାରିଗ ଦାଣ୍ଡି।

ସାଲସା ସ୍ୱାତନ୍ତ୍ର୍ୟ ୧ନଂ—ଏହା ରକ୍ତଦୋଷ ଉକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା

ଉପଦଂଶ (ଗରମୀ ବେରାମୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କଣ୍ଡୁ, ଦାଦ, ଦେହ ଦାଗ ଓ ଫୋଡ଼ାର ଜବାବତା ତାର ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ। କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ। ରୋଗଗ୍ରସ୍ତ ଅଣେଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତ କରିବାରେ ଶିଶିଏ ଖାଇବାର ଅବଶ୍ୟକ,

ମୂଲ୍ୟ ୫ ୧୩ ମାସୁଲ ୫ ୦ ୩

ଅଟି ଉକୋଲସ୍ୱାର ମିକଶ୍ଚର।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ କ୍ଷତ, ମୂତ୍ରବନ୍ଧ ନାଳୀର ଜ୍ୱାଳା, ଓ ରକ୍ତପାତ, ସପୂୟ ଶ୍ୱେତପ୍ରଦର, ମୂତ୍ରକୃଚ୍ଛ୍ର, ଫୋଟା ଫୋଟା ଯୋଗସ୍ରା ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଟିକେ ଦୁର୍ଗନ୍ଧ ଏବଂ ଗନୋରିଆ ଉତ୍ପନ୍ନ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ। ଶରୀରକୁ କଲ୍ୟାଣକର ଓ ଉତ୍ତେଜିତ କରିବାକୁ ଏହା ତୁଲ୍ୟ ଅନ୍ୟ ଔଷଧ ଅଦ୍ୟାବଧି ହୋଇ ନାହିଁ। ଏହି ଉଷ୍ଣକର ଜ୍ୱାଳା ସନ୍ଧ୍ୟା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ।

ମୂଲ୍ୟ ୫ ୧୩ ମାସୁଲ ୫ ୦ ୫

ପରଭେଗୋଲ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀସଙ୍ଗ ହାନି, ବହୁମୂତ୍ରତା ଅତ୍ୟଧିକ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ସାଂଘାତିକ ଶୁକ୍ର ପୀଡ଼ାର ମହାଦ୍ଭୁତ ମହୌଷଧ। ଏହାକୁ ସେବନ କଲେ ମସ୍ତିଷ୍କରେ ଓ ଶରୀର ଉଷ୍ଣ ଜଗତରେ ବଳିଷ୍ଠ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ। ଯେଉଁମାନେ ଏହା ସେବନ କରି ଔଷଧ ଦେଲେ ଆରୋଗ୍ୟ ନ ହୁଏ ତାହାହେଲେ ପରୀକ୍ଷା ଦାଖଲ ଅନ୍ୟ ଅଧିକାର ରହିବ ନାହିଁ।

ମୂଲ୍ୟ ୫ ୨ ମାସୁଲ ୫ ୦ ୮

ସଂଗ୍ରହଣୀ ଫେରଣ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଯାତ୍ରା, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ। ଏହା ତୁଲ୍ୟ ଯାତ୍ରା ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ। ଥରେ ବ୍ୟବହାର କଲେ ବୁଝି ପାରିବେ।

ମୂଲ୍ୟ ୫ ୧ ଡାକମାସୁଲ ୫ ୮

ଠିକଣା—ଏ, ସଟନ୍ ଏଣ୍ଡ କୋଂ
୮ ୭୭ ନମ୍ବର ଅର୍ମେନିଆ ଷ୍ଟ୍ରୀଟ କଲିକତା

କଟକ ନଗରରେ ଉତ୍କଳସଭା ମେଡ଼ିକାଲ ହଲ ନାମକ ଡାକ୍ତରଖାନାର ମାଲିକ ଡାକ୍ତର ଅଶ୍ୱିନୀକୁମାର ଘୋଷ ଅସ୍ମାକଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ପ୍ରକାଶେ

ଧାଡ଼ିପ୍ରତି ୦ ୦ ୪

ଅର୍ଦ୍ଧସ୍ତମ୍ଭକୁ ୫ ୨ ୧

ପୂର୍ଣ୍ଣ ଏକ ସ୍ତମ୍ଭକୁ ୫ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ୫ ୦ ୩ ରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମ ଥର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ।

ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ପତ୍ର କଟକ ନଗରାନ୍ତର୍ଗତ ଦୁର୍ଗାବଜାର ଉଭିଷ୍ୟକ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

## ବିଜ୍ଞାପନ ।

ଆଉ ବାହାରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ଜେଜେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅଶ୍ୱଗନ୍ଧା, ଶତାବରୀ ଓ ତାଲମୂଳୀ ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତା ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ ! ! ! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରିଦେଇଅଛି ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଚାପି ରଖେ । ଡ୍ୟାନଜିନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ମୂତ୍ରାପର ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂର୍ଚ୍ଛା, ବୁକଧଡ଼ଧଡ଼ ହେବା, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।—ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକାଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚୁଘା, ନାଳିଘା ନାଳିକ, ଭଗନ୍ଦର, ଦାଦୁ କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧। । ୩ ବୋତଲ ଟ ୩।୦, ୬ ବୋତଲ ଟ ୭। ଙ୍କା ଓ ୧୨ ବୋତଲ ଟ ୧୪।୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବି, କେ, ଏଣ୍ଡ କୋଂ

ହେଡ୍ଅଫିସ—୬ ୧୦ ନମ୍ବର ଅପର ଚିତପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ୍ ସମ୍ମୁଖରେ ।

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସ ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୧ ଡଜନ ଟ ୩। ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧।୦ ଡଜନ ଟ ୧୦ ୧ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଆର, ବି, କେ ଏଣ୍ଡ କୋଂ ନ ୧୦ନମ୍ବର ଅପର ଚିତପୁର ରୋଡ କଲିକତା

☞ ମୂଲପତ୍ର ଦେଖ ।


Digitized by srujanika@gmail.com

### ପତ୍ରପ୍ରେରକଙ୍କ ପ୍ରତି ।

ଜଣେ ଉତ୍କଳୀୟ ନବଗଣ—ଅ ବନାଞ୍ଚ ଡେପୁଟି କଲେକ୍ଟର ଅଥବା ଜଜ୍ଜ କଲେକ୍ଟର ସାହେବଙ୍କ ନିକଟରେ ସ୍ୱନାମୀ ଦରଖାସ୍ତ ଦେଲେ ଉତ୍ତର ପ୍ରତୀକାର ହେବ । ବେନାମୀ ପତ୍ର କେହି ଗ୍ରାହ୍ୟ କରିବେ ନାହିଁ ।

ଶ୍ରୀ ଉଦ୍ଧବ ମିଶ୍ର – ସବଅର୍ଡିର ଉଚିତ ଅଭ୍ୟ-ର୍ଥଣାଠାରେ ଥିଲେ ଦାଖଲ କରନ୍ତୁ। ଶେଷରେ ଟଙ୍କେ ରେଜେଷ୍ଟ୍ରୀ ନୋଟିସ ପଠାଇଲେ ଅବଶ୍ୟ ପ୍ରତୀକାର ପାଇବେ।

### ସ୍ୱେଚ୍ଛାପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସନ୍ନିଧେଷୁ ।

ମହାଶୟ !

ଆମ୍ଭ କୃତ ସନ ୧୩୦୯ ଓ ୧୦ ସାଲ ଇଂରାଜୀ ସନ ୧୯୦୨।୩ ସାଲ ପଞ୍ଜିକାରେ ଆଗାମୀ କାର୍ତ୍ତିକ ଅମାବାସ୍ୟା ଦିନ ସୂର୍ଯ୍ୟୋପରାଗ ଦିଆ ଯାଇ ନ ଥିବାରୁ ଆମ୍ଭର ପଞ୍ଜିକାରେ ଭୁଲ ହୋଇଥିବାର କେହି୨ ମନେ କରନ୍ତି କିନ୍ତୁ ତାହାର କାରଣ ଏହି କି ଆମ୍ଭେ ସାଧନ କରି ଦେଖିଲୁଁ ଯେ ଏତ ଦଣ୍ଡ ଗ୍ରହ ଗଣ୍ଡ୍ରା ଗ୍ରାସ ଥିବାରୁ ତାହା ଏତଦ୍ଦେଶରେ ଦୃଶ୍ୟ ହେବ ନାହିଁ ସୁତରାଂ ପଞ୍ଜିକାରେ ନ ଦେଲ ଉଚିତ କଲୁଁ । କାରଣ ଯେଉଁଠାରେ ସୂର୍ଯ୍ୟୋ-ପରାଗ ବୃଦ୍ଧି ଦଣ୍ଡ ପର୍ଯ୍ୟନ୍ତ ଦୃଶ୍ୟ ନ ହୁଏ ସେଠାରେ ଏତେ ଦଣ୍ଡ ଗ୍ରହ ଗଣ୍ଡା କି ପ୍ରକାରେ ଦୃଶ୍ୟ ହେବ ?

ଆଉ ମଧ୍ୟ ତାରାର ପଞ୍ଜିକାରେ ଫାଲ୍ଗୁନ ବ ୧୬ ର ଆମ୍ଭେ ବିବାହ ଦେଇ ନାହୁଁ ଶ୍ରୀସାମନ୍ତଙ୍କର ପଞ୍ଜିକାରେ ଏ ଦିନ ବିବାହ ଦିଆ ଯାଇ-ଥିବାରୁ ତାହା ମଧ୍ୟ ଆମ୍ଭର ଭ୍ରମ ବୋଲି କେହି୨ କହୁଅଛନ୍ତି ମାତ୍ର ସେ ଦିନ ସାଗ ନକ୍ଷତ୍ର ଲବ ବେଧ ହେତୁ ବିବାହ ହେଲେ ଯେ ଗୁରୁତର ଦୋଷ ତାହା ସର୍ବସାଧାରଣଙ୍କୁ ଜଣାଇ ଦେଉ-ଅଛୁଁ ସେ ଦିନ ବିବାହ ନ ହେବାର ପ୍ରମାଣ ଯଥା;

ଲୂତିକାଦ ଚକ୍ଷୁଃ ସପ୍ତରେଖା ସ୍ୱୟୌ ପରଭ୍ରମନ୍
ସ୍ତନ୍ଶ୍ରେଦେବରେଖାଂସ୍ତ୍ରୀ ବେଧଃ ସ୍ତ୍ରି ଶଲାକକଃ
ଯସ୍ମିନ୍ ଋଣୀ ସପ୍ତଶଲାକଭେଦଃ ପାପୈରପାପୈ
ରଥ ବା ବିବାହେ । ଇତ୍ୟାଂଶୁକେନୈବ ଭୁ
କ୍ରୋଦମାଭା ଶ୍ମଶାନଭୂମିଂ ପ୍ରମଦା ପ୍ରୟାତି ।

ଏହି ବାକ୍ୟରୁ ବୁଦ୍ଧିମନ୍ତ ଲୋକେ ବିବେଚନା କରି ଦେଖିବେ ଯେ ଏହ ଲଗ୍ନରେ ବିବାହ କଲେ କପତ ଦମ୍ପତ୍ତିଙ୍କର ଫଳ ଫଳଇ । ଯେଉଁମାନେ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ପଞ୍ଜିକାନୁଯାୟୀ ଚଳନ୍ତି ସେମାନେ ଉକ୍ତ ପଞ୍ଜିକାର ଏହି ଭ୍ରମ ସଂଶୋଧନ କରିନେବେ ଏବଂ ଅପ-ଣାର ପୁତ୍ର କନ୍ୟାଙ୍କର ବିବାହ ଆଗାମୀ ଫାଲ୍ଗୁନ ମାସର ବ ୧୬ ଦିନରେ କରିବେ ନାହିଁ । ଇତି ।

ଶ୍ରୀ ସଦାଶିବ ଓଡ଼ରତ୍ନ

## ବିଜ୍ଞାପନ ।

### ହଲୁମୀ ତୈଳ ।

ଯେଉଁମାନେ ପଞ୍ଚବର୍ଷ କିମ୍ବା ତତୋଧିକ କାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରୀ) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାକ୍ତ ଖାଇଥିବାରୁ ଯେଉଁମାନଙ୍କର ଅଙ୍ଗ ଗଳି ଯାଇଥିବ ଅଥବା ଶରୀରରେ ବାତରକ୍ତ ଆମ୍ବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହଲୁମୀ ତୈଳ ୨ ୩ ମାସ ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତୈଳ ବ୍ୟବହାରଦ୍ୱାରା ଯାଜପୁର, । ବ । ମଧୁପୁର ଓ କାଟଣ୍ଟାରି ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଳ କ୍ରୟ କରିବାକୁ ଅକ୍ଷମ ହୁଅନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କ ଖାତିର ଜାମିନ ଦେଲେ ଅନା-ୟାସରେ ଔଷଧ ପାଇବେ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ ୩୲ ଡାକ ଖର୍ଚ୍ଚ ପ୍ରଭୃତି ଟ ୦।୰ ଏହା ଛଡ଼ା ଆମ୍ଭ ଔଷଧାଳୟରେ ନାନାପ୍ରକାର ରୋଗର ମହୌଷଧି ଔଷଧ, ନାନାପ୍ରକାର ତୈଳ, ଘୃତ, ଭସ୍ମ, ବଟିକା, ଆସବ, ଖଲ୍ୱା ପ୍ରଭୃତି ପଦାର୍ଥ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁ-ପେବଲ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇ ପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

କାହାକଲପୁର
ଯାଜପୁର ପୋଃ ଅଃ
କଟକ

ଶ୍ୟାମବନ୍ଧୁ ଦାସ
କବିରାଜ

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁସଂଖ୍ୟକରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, ଢେଙ୍କାନାଳ, ଆଠମଲ୍ଲିକ, ରଣପୁର, ପାଲଲହଡ଼ା, ସୋନପୁର, ପାଟଣା, କେନ୍ଦୁଝର, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଖାଙ୍ଗପୁର, ଭଲ୍ଲାକୋଟା, ବିଜୟପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋପି, ଚେଲା, ଦୋଶାଲ, କାପ୍ତା, ଥାଳୀ, ଦୋପଟ୍ଟା ମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ ଶାଲ <ବ ନାନା ପ୍ରକାର ଉତ୍ତମ ଉତ୍ତମ ଅଙ୍ଗରଖା ସୁନା ଛଡ଼ା ସୁନା ରୂପାର ବାସନ, ହାତୀ ଦାନ୍ତ ପ୍ରଭୃତି ବସ୍ତୁ ଅନ୍ୟ ଅର୍ଡରରେ ତିଆରି କରିଦେଉଁ । ବସ୍ତୁ ନେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ ନେଉଁ ଠିକଣାରେ ଭି ପି ଉପାୟରେ (ଅର୍ଥାତ୍ ଡାକରେ ଭି ପେଲରେ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରସ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି



Whitefield & Co's Keyless and Lever watches, Engine-turned or Engraved case uncut real compensation balance, very strong 15 jewels, guaranteed for 3 to 5 years, with spare spring, glass, Morocco leather or velvet case Extra.

| | Silver case 800—1000 | 14 Carat Gold | 18 Carat Gold |
|---|---|---|---|
| Open face | Rs 18 0 0 | Rs 70 0 0 | Rs 90 0 0 |
| Hunting | Rs 20 0 0 | Rs 75 0 0 | Rs 95 0 0 |
| Half hunting | 25 0 0 | Rs 80 0 0 | Rs100 0 0 |

Besides all sorts of West End & Co watches, chains, clocks Time pieces are always kept in stock and supplied at rates available in the company's firm,

S. ABDUL AZIZ
Watch Importer
CUTTACK

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖ ୩୭ ଶ | ସଂ ୬ ଖ୍ୟା

CUTTACK, SATURDAY THE 8th FEBRUARY 1902.

ତା ୨୭ ଶ ମାଘ ସନ୍ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩ | ପଶ୍ଚାଦ୍ଦେୟ ଟ ୬ ୯

## ବିଜ୍ଞାପନ।

### ନୂତନ ପଞ୍ଜିକା !

ଶକାବ୍ଦା ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

ବଡ଼ ଟ ୦।

ଛୋଟ ଟ ୦ ୧ ୬

ମୋଫସଲ ଜନଙ୍କୁ ଡାକମାସୁଲ ଟ ୦ /

ଯେଉଁମାନଙ୍କର ରେଲ ଜମ୍ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ



Whitefield & Co's Keyless and Lever watches, Engine-turned or Engraved case uncut real compensation balance, very strong 15 jewels, guaranteed for 3 to 5 years, with spare spring, glass, Morocco leather or velvet case Extra.

| Silver case 800—1000 | | 14 Carat Gold | 18 Carat Gold |
|---|---|---|---|
| Open face | Rs 18 0 0 | Rs 70 0 0 | Rs 90 0 0 |
| Hunting | Rs 20 0 0 | Rs 75 0 0 | Rs 95 0 0 |
| Half hunting | 25 0 0 | Rs 80 0 0 | Rs100 0 0 |

Besides all sorts of West End & Co watches, chains, clocks Time pieces are always kept in stock and supplied at rates available in the company's firm.

S. ABDUL AZIZ
Watch Importer
CUTTACK

କଟକ ପ୍ରିଣ୍ଟିଂକମ୍ପାନୀ ଅଫିସପାଇଁ ଜଣେ ପଣ୍ଡିତ ଆବଶ୍ୟକ। ଯେଉଁମାନେ ସଂସ୍କୃତ ଜାଣିଥିବେ, ଟୀକାର୍ଥ କରିପାରିବେ ଏବଂ ଇଂରାଜୀ ପ୍ରୁଫ ଦେଖି ପାରିବେ ସେମାନଙ୍କର ଦରଖାସ୍ତ ଗୃହୀତ ହେବ। ବେତନ ଟ ୧୦୯ ଟଙ୍କାମାତ୍ର ବିଲ ଯୋଗ୍ୟ ହେଲେ ଏହିଁରୁ ଅଧିକ ଦିଆଯାଇପାରେ ଓ ଭବିଷ୍ୟତ ଉନ୍ନତିର ଆଶା ଅଛି। ଦରଖାସ୍ତକାରୀମାନେ ଆପଣା ଆପଣା ଶିକ୍ଷା ଚରିତ୍ର ଓ କାର୍ଯ୍ୟଦକ୍ଷତାର ପ୍ରଶଂସାପତ୍ର ସହିତ ଆଗାମୀ ଫେବୃଏରୀ ମାସ ତା ୧୫ ରିଖ ପର୍ଯ୍ୟନ୍ତ ଆମ୍ଭ ନିକଟକୁ ଆବେଦନପତ୍ର ପଠାଇବେ।

କଟକ ୩୦।୧।୦୨ | ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

## ଥରେ ପରିକ୍ଷିବେ କି ?

କବିରାଜ ଶ୍ରୀ ଲକ୍ଷ୍ମଣ କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ। ପ୍ରାତଃକାଳରେ ସମାଗତ ରୋଗିମାନଙ୍କୁ ବିଶେଷ ଯତ୍ନ ସହକାରେ ଦେଖାଯାଏ। ଦରିଦ୍ର ଓ ଅସମର୍ଥ ରୋଗିଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦତ୍ତ ହୁଏ। ମଫସ୍ୱଲର ରୋଗିମାନେ ରୋଗର ଅବସ୍ଥା ସ୍ପଷ୍ଟରୂପରେ ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ପ୍ରତ୍ୟୁତ୍ତର ଏବଂ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ।

### ଶୁକ୍ରବର୍ଦ୍ଧକ ବଟିକା।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ। ଯେଉଁମାନଙ୍କର ସ୍ୱଳ୍ପ କାରଣବଶତଃ ବୀର୍ଯ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ଲାଭ କରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ। ଏଥି ସମ୍ବନ୍ଧେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ। ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ।

ଏକ ଡବା ଔଷଧର ମୂଲ୍ୟ ଟ ୧୫ ମାତ୍ର ଡାକମାସୁଲ ସ୍ୱତନ୍ତ୍ର।

### କଳ୍ପତରୁ ରସାୟନ।

( ଦେଶୀୟ ସାଲସା। )

ଏଥିରେ ଉପଦଂଶ ( ଗରମି, ) ଖଜ, ପାରଦାଦି ଦୋଷଜନିତ ଶରୀରରେ କଳାଚିହ୍ନ ଓ ଚକାଚିହ୍ନ ଦାଗ ଓ ଫୋଟକ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ।

ବଡ଼ ଶିଶି—ଦେଢ଼ଟଙ୍କା।

ସାନ ଶିଶି ଏକଟଙ୍କା—ଟ ୪ ୯

ଚୌଧୁରୀ ବଜାର } ଶ୍ରୀ ଲକ୍ଷ୍ମଣ କର କବିରତ୍ନ
କଟକ } ଅନ୍ନପୂର୍ଣ୍ଣା
ଆୟୁର୍ବେଦୀୟ ଔଷଧାଳୟ

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଏଠାର ଅରୁଣୋଦୟ ଯନ୍ତ୍ରାଳୟର ଅଧ୍ୟକ୍ଷ ଏବଂ ମୁଦ୍ରକ ହରିହରଙ୍କ ନାମରେ ଅଶ୍ଳୀଳ ପୁସ୍ତକ ବିକ୍ରୟ କରିବା ଅପରାଧର ଯେଉଁ ମୋକଦ୍ଦମା ଚାଲୁଥିଲା ଗତ ପୂର୍ବ ଶୁକ୍ରବାର ଜଏଣ୍ଟ ଡେଭିଡ଼ସନ ସାହେବ ଡେପୁଟିମାଜିଷ୍ଟ୍ରେଟ ତାହା ନିଷ୍ପତ୍ତି କରି ଉକ୍ତ ହରିହରଣ ଅସାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଜଣପ୍ରତି ଟ ୫୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡ ଏବଂ ଏକମାତ୍ର ଅଲ୍ପେ ଅଶ୍ଳୀଳ ପୁସ୍ତକମାନ ନଷ୍ଟ କରିବାର ଆଦେଶ ଦେଇଅଛନ୍ତି । ବୋଲିବା ବାହୁଲ୍ୟ ଯେ ଅପିଲ ନିମନ୍ତେ ଏକମାସ ସମୟ ଦିଆଯାଇଅଛି ଏବଂ ଶୀଘ୍ର ଅପିଲ ହେବାର ଥିବାରୁ ବର୍ତ୍ତମାନ ଅମ୍ଭମାନଙ୍କର କିଛି କହିବାର ନାହିଁ ।

---

ଇଣ୍ଡିଆଗବର୍ଣ୍ଣମେଣ୍ଟ ଏହି ମର୍ମରେ ଏକ ସରକ୍ୟୁଲର ଜାରି କରିଅଛନ୍ତି କି ଇଂଲଣ୍ଡେଶ୍ୱରଙ୍କର ରାଜାଭିଷେକ ଉପଲକ୍ଷରେ ଭାରତବାସୀ କୌଣସି ବ୍ୟକ୍ତିର ଭେଟି ଇଂଲଣ୍ଡକୁ ପଠାଇବା କାରଣ ଭାରତ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ ନାହିଁ । ମାତ୍ର କୌଣସି ଉଚ୍ଚମର୍ଯ୍ୟାଦାର ବ୍ୟକ୍ତି ଅଥବା ସାଧାରଣ ସଭା ଅଭିନନ୍ଦନପତ୍ର ଦେବାକୁ ଇଚ୍ଛା କଲେ ପ୍ରଥମେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ସମ୍ମତି ପ୍ରାପ୍ତ କରିବେ ଏବଂ ଉକ୍ତ ଗବର୍ଣ୍ଣମେଣ୍ଟ ଯେବେ ତାହା ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ପଠାଇବେ ଏବଂ ସେକ୍ରେଟେରିଙ୍କ ନିକଟକୁ ପଠାଇବାକୁ ଅନୁରୋଧ କରିବେ ତେବେ ତାହା ଗ୍ରାହ୍ୟ ହୋଇ ବିଲାତକୁ ପଠାଯିବ । କଥିତ ଅଛି ଯେ କେତେକ ସ୍ୱାଧୀନ ରାଜା ଇଂଲଣ୍ଡ ରାଜାଙ୍କୁ ଅଭିଷେକ ସମୟରେ ଭେଟି ଦେବାର ଇଚ୍ଛା ପ୍ରକାଶ କରିବାରୁ ଏହି ସରକ୍ୟୁଲର ପ୍ରଚାରିତ ହୋଇଅଛି ।

---

ଗତ ଡିସେମ୍ବର ମାସର ଲାଟବନ୍ଦି ବସ୍ତ୍ରେ ଏ ଜିଲ୍ଲାର ୪୩୦ ମହାଲର ରାଜସ୍ୱ ଦାଖଲ ହୋଇ ନ ଥିଲା । କଲେକ୍ଟର ସାହେବଙ୍କର ଅନୁମତିରେ କ୍ରମେ ଅଧିକାଂଶ ମହାଲର ବାକି ଟଙ୍କା ଦାଖଲ ହୋଇ ଶେଷ ୨୫ ମହାଲ ବାକି ପଡ଼ିରେ ଉଠି ଗତ ତା ୩୧ ରଖ ଶୁକ୍ରବାର ନିଲାମରେ ଅସିଲା । ସେ ଦିନ ମଧ୍ୟ ନୂତନ କଲେକ୍ଟର ଜଏଣ୍ଟ ଫିସର ସାହେବ ଟଙ୍କା ନେଲେ ଏବଂ କେବଳ ୧୦ ମହାଲର ଟଙ୍କା କେହି ନ ଦେବାରୁ ନିଲାମ ହୋଇଅଛି । ତହିଁମଧ୍ୟରେ କେବଳ ୧ ମହାଲର ସଦରଜମା ଟ ୩୮୦ ରୁ ଟ ୨,୫୦୦ ଟଙ୍କା ଅର୍ଥାତ ୭ ଗୁଣାରେ ଏବଂ ଦୁଇ ମହାଲର ସଦରଜମା ପ୍ରାୟ ଟ ୨୫୦ ଟଙ୍କାରୁ ଗୋଟିଏ ପ୍ରାୟ ୧୦ ଗୁଣ ଗୋଟିଏ ୧୨ ଗୁଣାରେ ନିଲାମ ହେଲା । ଅବଶିଷ୍ଟ ୭ ମହାଲର ସଦର ଜମା ଟ ୧୦ ଟଙ୍କାରୁ ଊଣା ଏବଂ ସେ ସବୁ ୨୫ ।୩୦ ଗୁଣାରେ ନିଲାମ ହେଲା । ଜୋତମହାଲର ମୂଲ୍ୟ ଅଧିକ ହେବାର ଅବଶ୍ୟ ବିଶେଷ କାରଣ ଅଛି ।

---

ମେଦନୀପୁରରେ ସନ ୧୯୦୦ ସାଲ ଅପ୍ରେଲ ମାସରେ ହିନ୍ଦୁସ୍କୁଲ ନାମରେ ଗୋଟିଏ ନୂତନ ବିଦ୍ୟାଳୟ ପ୍ରତିଷ୍ଠିତ ଏବଂ ଗତ ବର୍ଷରୁ ତାହା କଲିକତା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହୋଇଅଛି । ଅଳ୍ପଦିନ ହେଲା ଏଥି ସଙ୍ଗେ ଗୋଟିଏ ବୋର୍ଡିଂ ସଂଯୁକ୍ତ ହୋଇଅଛି ଏଠାରେ ଏଣ୍ଟ୍ରାନ୍ସ ପରୀକ୍ଷା ପର୍ଯ୍ୟନ୍ତ ପଢ଼ିବାର ବନ୍ଦୋବସ୍ତ ଅଛି । ଧର୍ମ ଓ ନୀତିଶିକ୍ଷା ନିମନ୍ତେ ଗୀତା, ପୁରାଣାଦିରୁ ସ୍ତବ ଶ୍ଳୋକ ଏବଂ, ଏଣ୍ଟ୍ରାନ୍ସ କ୍ଲାସରେ ଗୀତା ପଠିତ ହୁଅଇ । ମେଦନୀବାନ୍ଧବ ଲେଖିଅଛନ୍ତି କି ସ୍କୁଲଗୃହରେ ଯେତେବେଳେ ବାଳକମାନେ ସମ୍ମିଳିତ କଣ୍ଠରେ ସ୍ତବ ପାଠ କରନ୍ତି ସେତେବେଳେ ତାହା ଶୁଣିଲେ ମନ ବିମୋହିତ ହୁଏ । ଶିକ୍ଷକମାନେ ଛାତ୍ରବର୍ଗଙ୍କର ପାର୍ଥିବ ଓ ଆଧ୍ୟାତ୍ମିକ ଉନ୍ନତି ବିଷୟରେ ବିଶେଷ ଯତ୍ନ କରୁଅଛନ୍ତି । ଭରସା ହୁଅଇ ଏ ବିଦ୍ୟାଳୟର ସଫଳତା ଦେଖି ଅନ୍ୟାନ୍ୟ ସ୍ଥାନରେ ଏହି ପ୍ରକାରେ ହିନ୍ଦୁବିଦ୍ୟାଳୟମାନ ସ୍ଥାପିତ ହେବ ।

---

ମେଦନୀବାନ୍ଧବରେ ପାଠକଲୁଁ କି ସେହି ନଗରର ଉପେନ୍ଦ୍ର ମହାନ୍ତି ଏକଯୋଡ଼ା ଉତ୍କୃଷ୍ଟ ମସଲିନ ଲୁଗା ମହାଜନଠାରୁ ଟଙ୍କା କରଜ କରି ବହୁ ପରିଶ୍ରମରେ ପ୍ରସ୍ତୁତ କରି ଦରବାର ଶିଳ୍ପ ପ୍ରଦର୍ଶନୀକୁ ପଠାଇଥିଲା । ତହିଁପାଇଁ ତାହାକୁ ଗୋଟିଏ ରୂପା ପଦକ ପୁରସ୍କାର ମିଳିଲା । ମାତ୍ର ଲୁଗା ବିକ୍ରୟ ନ ହେବାରୁ ଫେରି ଆସିଲା । ତହିଁର ମୂଲ୍ୟ ଏକ ଖଣ୍ଡକୁ ଟ ୪୦ ଟଙ୍କା ଅଥବା ଯୋଡ଼ା ଟ ୮୦ ଟଙ୍କା । କେତେ ଚେଷ୍ଟା କରି ଅବଧି ଲୁଗା ବିକ୍ରୟ ହୋଇ ନାହିଁ ଏବଂ ମହାନ୍ତି ବିପୁଳ ମହାଜନର ଋଣରେ ବ୍ୟସ୍ତ । ଯେଉଁମାନେ ଦେଶୀୟ ଶିଳ୍ପର ଉଦ୍ଧାର ନିମନ୍ତେ ଯତ୍ନବାନ୍ ସେମାନେ ଏ କଥା ଟିକିଏ ଭାବିବେ କି ? ରୂପା ପଦକ ବଦଳରେ ତହିଁର ମୂଲ୍ୟ ପୁରସ୍କାର ଦେଇଥିଲେ ବରଂ ଅଧିକ ଉପକାର ହୋଇଥାନ୍ତା । ମୂଳକଥା ଗ୍ରାହକଙ୍କର ରୁଚି ଓ ପ୍ରୟୋଜନ ଉପରେ ଶିଳ୍ପର ଉନ୍ନତି ନିର୍ଭର କରେ । ପୂର୍ବେ ଯେପରି ଗ୍ରାହକ ଥିଲେ ବୋଲି ସେ କାର୍ଯ୍ୟ ହେଉଥିଲା । ଭାରତର ଏଡ଼େ ଡାକ ପଡ଼ିଥିବା ସ୍ଥଳେ ଯେବେ କଲିକତା ପରି ସ୍ଥାନରେ ପ୍ରତିଷ୍ଠାପ୍ରାପ୍ତ ଉତ୍କୃଷ୍ଟ ଟ ୮୦ ଟଙ୍କା ମୂଲ୍ୟର ଲୁଗା ଯୋଡ଼ାଏ ବିକ୍ରୟ ହୋଇ ନ ପାରିଲା ତେବେ କେଉଁ ସାହସରେ ଗରିବ ଶିଳ୍ପୀମାନେ ଉତ୍କୃଷ୍ଟ ଦ୍ରବ୍ୟ ପ୍ରସ୍ତୁତ କରିବାରେ ପ୍ରବୃତ୍ତ ହେବେ ?

---

ଏଥର ଏ ନଗରର ଚୌକିଦାରୀ ଟା ସଭ ଟିକସ ଧାର୍ଯ୍ୟ ଆସେସରମାନଙ୍କ ଦେଇଥିବାର ପାଠକମାନଙ୍କୁ ଜଣା ଅଛି । ଏ ପର୍ଯ୍ୟନ୍ତ କୌଣସି ଉଆଡ଼ି ବା ମହଲ୍ଲାର ବନ୍ଦୋବସ୍ତ ଶେଷ ହୋଇ ନାଗରିକମାନଙ୍କୁ ଶୁଣି ନାହୁଁ । ମାତ୍ର ଟିକସ ବୃଦ୍ଧିର ଅନେକ ଗୁଜବ ଶୁଣା ଯାଉଅଛି । ଅନ୍ତତଃ ଏଥି ମଧ୍ୟରେ ଯେପରି ସାଧାରଣ ଅସନ୍ତୋଷ ଜାତ ହେବାର ପ୍ରକାଶ ପାଉଅଛି ତହିଁରୁ ସ୍ପଷ୍ଟ ବୁଝା ଯାଉଅଛି ଯେ ବହୁତ ଅପିଲ ଏବଂ ସେଥିରୁ ନିଷ୍ପତ୍ତି କରିବା ପାଇଁ ଅପିଲ କମିଟିର ବିଶେଷ ପରିଶ୍ରମ ହେବ । ଅପିଲ କମିଟିରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ନିଯୁକ୍ତ ଏବଂ ସୁବିଚାରର ସୁବ୍ୟବସ୍ଥା ପ୍ରତି କମିଶନରମାନଙ୍କର ବିଶେଷ ମନୋଯୋଗୀ ହେବା ଆବଶ୍ୟକ । ପରନ୍ତୁ ଅମ୍ଭମାନଙ୍କ ବିବେଚନାରେ ସେପରି ଟିକସ ଧାର୍ଯ୍ୟ କରିବାଠାରୁ ସେଗୁଡ଼ିକ ବଢ଼ିବାକୁ ନ ଦେବା ଭଲ ଏବଂ ତାହା ଅନାୟାସରେ ହୋଇପାରେ । ଆସେସର ଯେବେ ଏକ ଏକ ମହଲ୍ଲାର କର ଧାର୍ଯ୍ୟ କରି ମାତ୍ରେ ଚେୟାରମ୍ୟାନଙ୍କ ନିକଟକୁ କାଗଜ ପଠାଇବେ ଏବଂ କମିଶନରମାନେ ତହିଁ ମଧ୍ୟରୁ ତିନିଚାରିଟା ପରୀକ୍ଷା କରି ଯେବେ ଅନେକ ସ୍ଥଳେ ଭ୍ରମ ଥିବାର ଦେଖିଲେ ସଙ୍ଗେ ସଙ୍ଗେ ତାହାର ସଂଶୋଧନ ସକାଶେ ଆସେସରଙ୍କ ନିକଟକୁ ଫେରାଇ ଦେବେ ତେବେ ଅପିଲ ଅଧିକ ହେବ ନାହିଁ ଏବଂ ଯାହା ହେବ ତହିଁର ସୁବିଚାର କରିବାକୁ କମିଟି ସମୟ ପାଇବେ । ବହୁତ ଅପିଲ ହେଲେ ତତ୍କାଳ କାର୍ଯ୍ୟ ଶେଷ କରିବା ଚେଷ୍ଟାରେ ଅସାବଧାନରେ ଅନେକ ଭ୍ରମ ରହିଯିବ ।

---

### କଟକ ସଦରରେ ଡକାଏତି ।

ଚଳିତମାସ ତା ୬ ରଖ ଗୁରୁବାର ରାତ୍ରି ଦ୍ୱିପ୍ରହର ସମୟରେ ଏ ସହରର ମାନସିଂହ ପାଟଣା ନିବାସୀ କାଶିନାଥ ନାମକ ଜଣେ ଧନୀ ବଣିଆଘରେ ଏକ ଭୀଷଣ ଡକାଏତି ହୋଇଯାଇଅଛି । କଥିତ ହୁଅଇ କି ୧୦।୧୨ ଜଣ ଡକାଏତ ଲଣ୍ଠାପରିହିତ ହୋଇ ଘରେ ପଶି ଗୃହସ୍ୱାମୀ ଓ ସ୍ତ୍ରୀଲୋକମାନଙ୍କୁ ମାରିଧରି କରନ୍ତେ ସେମାନଙ୍କ ଚିତ୍କାର ଓ କୋଳାହଳ ଧ୍ୱନିରେ ପଡ଼ୋଶୀ କେତେଜଣ ଓ ଚୌକିଦାର ୨ ଜଣ ଘଟଣାସ୍ଥଳେ ଉପସ୍ଥିତ ହେବାରୁ ଡକାଏତମାନେ ପିସ୍ତଲ ମାରିଲେ ତହିଁରେ ଚୌକିଦାର ୨ ଜଣ ଓ ପଡ଼ୋଶୀ ୨ ଜଣ ବିଶେଷ ଆଘାତ ପାଇବାରୁ ଅନ୍ୟାନ୍ୟଲୋକେ

Digitized by srujanika@gmail.com

ଭୟରେ କେହି ସେଠାକୁ ଯିବାକୁ ସାହସ କଲେ ନାହିଁ । ଏହି ଅବସରରେ ଡକାଏତମାନେ ପ୍ରାୟ ଦୁଇହଜାର ଟଙ୍କାର ଅଳଙ୍କାର ପ୍ରଭୃତି ନେଇ ପଳାଇଗଲେ । ଡକାଏତମାନେ ଗୋଟିଏ ୬ ଗୋଲର ପିସ୍ତଲ ଓ ୨ଟା ସିନ୍ଧୁକାଠି ଛାଡି ଯାଇଅଛନ୍ତି । ଆଘାତ ପାଇଥିବା ଲୋକେ ହସ୍‌ପିଟାଲକୁ ପ୍ରେରିତ ହୋଇଅଛନ୍ତି । ପୁଲିସ ତଦନ୍ତ ହେଉଅଛି । କେହି ଧରାପଡି ନାହାନ୍ତି ।

---

## ଉଚ୍ଚଶିକ୍ଷାର ଅନୁସନ୍ଧାନ ସମିତି ।

ବ୍ରିଟିଶଭାରତରେ ଗବର୍ଣ୍ଣମେଣ୍ଟ ଯେ ସମସ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସେ ସମସ୍ତର ବର୍ତ୍ତମାନ ଅବସ୍ଥା ଓ ଭବିଷ୍ୟତ ଶୁଶୃଙ୍ଖଳାର ଅନୁସନ୍ଧାନ କରିବା, ବିଶ୍ୱବିଦ୍ୟାଳୟର ଉନ୍ନତି ନିମନ୍ତେ ଯେ ପ୍ରସ୍ତାବମାନ ଉପସ୍ଥିତ ହୋଇଥାଇ ବା ହେବ ତହିଁର ବିଚାର କରିବା ଏବଂ ଯେ ସମସ୍ତ ଉପାୟ ଅବଲମ୍ବନ କଲେ ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀର ଉନ୍ନତି ଏବଂ ବିଦ୍ୟାର ଉନ୍ନତି ହେବ ସେ ସମସ୍ତ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କାରଣ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ବଡଲାଟ ଲର୍ଡ କର୍ଜନଙ୍କ ଅନୁମୋଦନ କ୍ରମେ ଗୋଟିଏ କମିଶନ ବସାଇ ଅଛନ୍ତି । ଗବର୍ଣ୍ଣରଜେନେରଲଙ୍କର କାର୍ଯ୍ୟକାରୀ ସଭାର ସଭ୍ୟ ମାନ୍ୟବର ଟି, ରଲେ ଏହି କମିଶନର ସଭାପତି ଏବଂ ନିଯୁକ୍ତ ଥିବା, ନେଥାନ ସାହେବ ସମ୍ପାଦକ ହୋଇଅଛନ୍ତି । ଜଣ ସଭ୍ୟଙ୍କ ମଧ୍ୟରେ ୪ ଜଣ ଇଂରାଜ ଏବଂ ଏକଜଣ ଦେଶୀୟ ସମ୍ଭ୍ରାନ୍ତ ମୁସଲମାନ ନିଯୁକ୍ତ ହୋଇଅଛନ୍ତି । ଏହା ଛଡ଼ା କମିଶନରମାନେ ଯେଉଁ ସମୟରେ ଯେଉଁ ପ୍ରଦେଶରେ ବୈଠକ କରିବେ ସେ ସମୟରେ ସେମାନଙ୍କ ସଙ୍ଗେ ଯୋଗଦେବା କାରଣ ସେଠାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣେ ଲେଖାଏଁ ସ୍ଥାନୀୟ ସଭ୍ୟ ନିଯୁକ୍ତ ହୋଇଅଛନ୍ତି । କମିଶନରମାନେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପରିଦର୍ଶନ ଏବଂ ପ୍ରୟୋଜନୀୟ ବିଷୟମାନ ଅନୁସନ୍ଧାନ କରି କାଗଜପତ୍ର ନେଇ ସିମଳାକୁ ଯିବେ ଓ ସେଠାରେ ବସି ରିପୋର୍ଟ ଓ ପରାମର୍ଶ ଲେଖିଦେବେ । ଗବର୍ଣ୍ଣମେଣ୍ଟ ଯୋଗ୍ୟଲୋକଙ୍କୁ ଏ ଭାର ଅର୍ପଣ କରିଅଛନ୍ତି ଏବଂ ଯଦ୍ୟପି ଏ ଦେଶୀୟ ସଭ୍ୟଙ୍କ ସଂଖ୍ୟା ଅଧିକ ନାହିଁ ତଥାପି ଆଶା ହେଉଅଛି ଯେ ଭିନ୍ନ କଲେଜର ଅଧ୍ୟକ୍ଷମାନେ ଏବଂ ଶିକ୍ଷାର ଉନ୍ନତି ବିଷୟରେ ସତ୍‌ପରାମର୍ଶ ଦେବା ବ୍ୟକ୍ତିମାନେ କମିଶନଙ୍କୁ ସାକ୍ଷ୍ୟ ବା ଲେଖଦ୍ୱାରା ଯାହା ଜଣାଇବେ ତାହା ସେମାନେ ଗ୍ରହଣ ଓ ବିଚାର କରିବେ । ସୁତରାଂ ଶୁଭଫଳ ଲାଭ ହେବ ।

---

## ରୁଷଜାପାନ ଯୁଦ୍ଧର ବ୍ୟୟ ।

ରୁଷର ଯୁଦ୍ଧର ବ୍ୟୟ ନିର୍ବାହାର୍ଥେ ବର୍ତ୍ତମାନର ପାରଲିଆମେଣ୍ଟ ସଭା ଯେତେ ଟଙ୍କା ମଞ୍ଜୁର କରି ଥିଲେ ତାହା ପ୍ରାୟ ଶେଷ ହୋଇଗଲା ଏବଂ ଯୁଦ୍ଧ ଏ ପର୍ଯ୍ୟନ୍ତ ଶେଷ ନ ହେବାରୁ ଅଧିକ ଅର୍ଥର ପ୍ରୟୋଜନ ହୋଇଅଛି । ତହିଁର ଇଷ୍ଟିମେଟ ସଭାରେ ଉପସ୍ଥିତ କରିବା କାଳରେ ଗତ ମାସ ତା ୩୧ ରୁଷରେ ବଜେଟର ଅର୍ଥ ସଚିବ ବଣ୍ଡୀକ ସାହେବ କହିଲେ କି ଗତ ମାସ ତା ୧ ରୁଷରେ ଦକ୍ଷିଣ ଆଫ୍ରିକାରେ ୨,୩୬,୦୦୦ ଇଂରାଜ ସୈନ୍ୟ ଥିଲେ । ରକ୍ଷାଗଡ଼ ନିର୍ମାଣପ୍ରଣାଳୀଦ୍ୱାରା ସୁଫଳ ଲାଭ ହୋଇଅଛି । କେପକଲୋନିରୁ ବିଦ୍ରୋହୀମାନେ ପ୍ରାୟ ଅଦୃଶ୍ୟ ହୋଇଅଛନ୍ତି ଏବଂ ଅରେଞ୍ଜ ନଦୀ ଉପନିବେଶ ଓ ଟ୍ରାନ୍ସଭାଲରୁ ଅଧିକାଂଶ ଶତ୍ରୁ ବାହାରି ଯାଇଅଛନ୍ତି । ରେଲବାଟ ସମ୍ପୂର୍ଣ୍ଣରୂପେ ନିରାପଦ ହୋଇଅଛି । ବର୍ତ୍ତମାନ ଡିବେଟ ବୋଥା ଏବଂ ଡେଲାର ଏହି ତିନିଜଣ ସେନାପତିଙ୍କ ଅଧୀନରେ ଦୁଇହଜାର ଲେଖାଏଁ ସୈନ୍ୟ ଅଛନ୍ତି ସେମାନଙ୍କୁ ପରାସ୍ତ କଲେ କାର୍ଯ୍ୟ ଶେଷ ହେବ । ଇଂରାଜ ସେନାପତି ଲର୍ଡ କିଚନର ଏହି ନୀତି ଅବଲମ୍ବନ କରିଅଛନ୍ତି ଯେ ସେମାନଙ୍କୁ ଅବରୋଧକାରୀ ଗଡ଼ରେ ଏକଠେ ଅଟକ ରଖି ଯୁଦ୍ଧ କରିବେ । ଯୁଦ୍ଧ ଶେଷ କରିବା କାରଣ ଯାହା ଆବଶ୍ୟକ ତାହା ଯୋଗାଇବାରେ ଗବର୍ଣ୍ଣମେଣ୍ଟ ହେଳା କରିବେ ନାହିଁ । ଘୋଡା ଏବଂ ସେମାନଙ୍କର ସମଭିବ୍ୟାହାରୀ ଲୋକଙ୍କର ଖାଦ୍ୟ ଉପରେ ୨,୧୮,୦୦୦ ଘୋଡ଼ା ଓ ଖଚର ୨୨,୦୦୦ ବନ୍ଦୀ ଏବଂ ଦେଢ଼ଲକ୍ଷ ବୁଅରଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ହେଉଅଛି ଏବଂ ମାସିକ ବ୍ୟୟ ୭୫ ଲକ୍ଷରୁ ଊଣା ହୋଇ ୪୫ ଲକ୍ଷରେ ରହିଅଛି । ୪୫ ଲକ୍ଷ ବିଲାତି ମୁଦ୍ରା ଏ ଦେଶର ୬ କୋଟି ୭୫ ଲକ୍ଷ ଟଙ୍କାର ସମ ଅଟେ । ଧନ୍ୟ ଇଂରାଜ ଯେ ଆପଣାର ଆଶ ରଖିବା କାରଣ ଧନ ଓ ପ୍ରାଣ ପାଣିପରି ବୋହି ଦେଉଅଛନ୍ତି । ବୁଅରମାନେ ଦୁରବସ୍ଥାର ଚରମସୀମାରେ ଉପସ୍ଥିତ ହୋଇ ସୁଦ୍ଧା ଯେ ଶାନ୍ତ ହେଉନାହାନ୍ତି ଏହା ବାତୁଳତା ଭିନ୍ନ ଆଉ କ'ଣ ବୋଲାଯିବ । ସେମାନଙ୍କର ସୁବୁଦ୍ଧି ଲାଭ ହେଉ ଏବଂ ଯୁଦ୍ଧ ଶୀଘ୍ର ରହିତ ହେଉ ଏହାହିଁ ସମସ୍ତଙ୍କର କାମନା ।

---

## ଜଗନ୍ନାଥ ଦୁର୍ଘଟଣା ।

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଗତ ସୋମବାର ପ୍ରାୟ ସନ୍ଧ୍ୟା ସମୟରେ ପୁରୀ ଶ୍ରୀଜଗନ୍ନାଥବଲ୍ଲଭ ମଠରେ ଅତ୍ୟନ୍ତ ଭିଡରେ ଚପା ପଡି ୧୦ ଜଣ ହତ ଓ ୬ ଜଣ ଆହତ ହେଲେ । ଏମନ୍ତ ଭୀଷଣ ଦୁର୍ଘଟଣା ପୁରୀରେ ପ୍ରାୟ ହେବେ ଘଟି ନ ଥିଲା । ଏହି ଦୁର୍ଘଟଣାର ଘଟଣାର ବିବରଣ ଏହି କି କଳାହାଣ୍ଡି ଜୟପୁରର ମହାରାଜା ଶ୍ରୀକ୍ଷେତ୍ର ଦର୍ଶନକୁ ଆସି ଅନ୍ୟାନ୍ୟ ଧର୍ମ କାର୍ଯ୍ୟ ମଧ୍ୟରେ ବ୍ରାହ୍ମଣ ଭୋଜନ ନିମନ୍ତେ ତାହାଙ୍କର ପଣ୍ଡାଙ୍କୁ ଟ ୬୦୦୦ ଟଙ୍କା ଦେଇଥିଲେ ଏବଂ ପ୍ରତ୍ୟେକ ବ୍ରାହ୍ମଣଙ୍କୁ ଭୋଜନ ସଙ୍ଗେ ଦକ୍ଷିଣା ଟ ୦୫ ଦେବାର ସ୍ଥିର ହୋଇଥିଲା । ଏହା ଶୁଣି ସହର ଏବଂ ତହିଁର ଚତୁଃପାର୍ଶ୍ୱ ବ୍ରାହ୍ମଣ ଓ ଅନ୍ୟ ଜାତିଙ୍କର ସ୍ରୋତ ବହିଲା ଏବଂ ଭିଡ଼ ଦେଖି ମହାପ୍ରସାଦ ଆସିବା ପର୍ଯ୍ୟନ୍ତ ମଠର କବାଟ କିଳା ଗଲା । ମହାପ୍ରସାଦ ଆସନ୍ତେ ଯେମନ୍ତ କବାଟ ଫିଟିଲା ବନ୍ଧ ଭାଙ୍ଗିଲେ ଯେପରି ବଳରେ ଜଳ ମାଡି ଯାଏ ସେହିପରି ବେଗରେ ଏତେ ଲୋକ ପଶିଲେ ଯେ ମଡାଦଳାରେ ଉପରଲିଖିତରୂପେ ୧୦ ଜଣ ତତ୍‌କ୍ଷଣାତ୍ ହତ ଏବଂ ୬ ଜଣ ଆହତ ହେଲେ । ପୁଲିସ କନଷ୍ଟବଲ ଦେତେ ଜଣ ଉପସ୍ଥିତ ଥିଲେ ମାତ୍ର ଭିଡ଼ ନିବାରଣ କରି ପାରିଲେ ନାହିଁ । ସମ୍ବାଦ ପାଇ ଅବିଳମ୍ବେ ଜଇଣ୍ଟ ମାଜିଷ୍ଟ୍ରେଟ, ପୁଲିସ ସୁପରିଣ୍ଟେଣ୍ଡେଣ୍ଟ, ଇନସ୍ପେକ୍ଟର ପ୍ରଭୃତି ଘଟଣା ସ୍ଥଳକୁ ଆସି ଆହତମାନଙ୍କୁ ହାସପାତାଳକୁ ପଠାଇ ଦେଇ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କଲେ । ଅନୁସନ୍ଧାନର ଫଳ ଜଣା ଯାଇ ନାହିଁ ଏବଂ ତାହା ଜାଣିବା ପର୍ଯ୍ୟନ୍ତ କିଛି କୁହାଯାଇ ନ ପାରେ । ମହାରାଜାଙ୍କର ଗୋଟିଏ ସାଧୁ ଅନୁଷ୍ଠାନ ଏଡ଼େ ଭୟାନକ ବିଷାଦରେ ଶେଷ ହେଲା ଏହା ଶୁଣି କିଏ ଅବା ଦୁଃଖିତ ନ ହେବ । ବାସ୍ତବରେ ବର୍ତ୍ତମାନ ପୁରୀରେ ଘରେ ଘରେ ଏହି ଚର୍ଚ୍ଚା ଲାଗିଅଛି ଏବଂ ନାନା ଲୋକ ନାନା କଥା କହୁଅଛନ୍ତି । ହୋଇବା ବାହୁଲ୍ୟ ଯେ ଭୋଜନାର୍ଥୀ ଲୋକମାନେ କୁଚାଗ ଚତ୍ତରେ ଫେରି ଗଲେ । ସୁତରାଂ ପ୍ରାୟ ଷାଠିଏ ସହସ୍ରାଧିକ ବ୍ରାହ୍ମଣ ଭୋଜନର ଉପଯୋଗୀ ଏକ ହଜାର ବାର (ବଡ଼) ହାଣ୍ଡି-ପୂର୍ଣ୍ଣ ଅନ୍ନ, ପ୍ରାୟ ଦୁଇ ହଜାର ବ୍ୟଞ୍ଜନହାଣ୍ଡି (ସାଗ) ଏବଂ ଅନେକ ମିଷ୍ଟାନ୍ନ ପିଷ୍ଟକାଦି ପରଦିନ ପର୍ଯ୍ୟନ୍ତ ରହିବାରୁ ପଚି ଯାଇ ଅବ୍ୟବହାର୍ଯ୍ୟ ଓ ନଷ୍ଟ ହୋଇଗଲା ।

---

## ଶିଳ୍ପଶିକ୍ଷା ।

ଶିଳ୍ପୀ ବା କାରିଗରମାନଙ୍କର ଶିକ୍ଷା ନିମନ୍ତେ ଶିବପୁର ସିଭିଲ ଇଞ୍ଜିନିୟରିଂ କଲେଜରେ ଗୋଟିଏ ନୂତନ ବର୍ଗ ଖୋଲାଯାଇଅଛି । ଶ୍ରମ ଶିଳ୍ପଜୀବିଙ୍କର ପିଲାମାନେ ଏବଂ ଅନ୍ୟ ପିଲାମାନେ ଲେଖାପଢ଼ା ଜାଣନ୍ତୁ ବା ନ ଜାଣନ୍ତୁ ଏଥିରେ ଭରତି ହୋଇପାରିବେ । କେବଳ ବୟସ ୧୬ ବର୍ଷ ହେବା ଆବଶ୍ୟକ । ବୟସର ଊର୍ଦ୍ଧ୍ୱ ସୀମା ବର୍ତ୍ତମାନ ଧାର୍ଯ୍ୟ ହୋଇ ନାହିଁ । କଲେଜର ଅଧ୍ୟକ୍ଷ

Split by PDF Splitter

Digitized by srujanika@gmail.com

Split by PDF Splitter



ଙ୍କର ଇଚ୍ଛାନୁସାରେ କୌଣସି ସମୟରେ ଛାତ୍ରଗଣମାନେ ଭରତି ହୋଇପାରିବେ । ସେମାନେ ସେଠାରେ ରହିବେ ନାହିଁ । ପ୍ରତିଦିନ ସକାଳ ଅଠଘଣ୍ଟାଠାରୁ ୧୧ଟା ଏବଂ ଅପରାହ୍ନ ୨ଟାଠାରୁ ୪ଟା ପର୍ଯ୍ୟନ୍ତ ଉପସ୍ଥିତ ହେବେ ଏବଂ ମାସିକ ବୃତ୍ତି ଟ ୧୯ ଙ୍କାଠାରୁ ଟ ୩୯ ଙ୍କା ପର୍ଯ୍ୟନ୍ତ ପାଇବେ । ଏପରି କାର୍ଯ୍ୟ ହେଉ ଯେ ଯେତେ ଅର୍ଜିବ ତହିଁର ଅର୍ଦ୍ଧେ ତାହା ନାମରେ ଜମା ହେଉଥିବ ଯେ ଶିକ୍ଷା ଶେଷ କରି ବିଦାୟ ହୋଇ ଆସିବା ବେଳେ ତାହା ପାଇବ । ମାତ୍ର ପୁନଃ ୨ ଅନୁପସ୍ଥିତ ଅଥବା ଅନିୟମିତ ଉପସ୍ଥିତ ହେଲେ ଦଣ୍ଡ ସ୍ୱରୂପ ତାହାର ନାମ କଟାଯିବ ଏବଂ ତାହା ନାମରେ ଜମାଥିବା ଟଙ୍କା ମଧ୍ୟ ଜବତ ହେବ । ପୀଡ଼ା ହେତୁ ଅନୁପସ୍ଥିତ ହେଲେ ସେ ସମୟର ବୃତ୍ତି ଦିଆଯିବ ନାହିଁ ଏବଂ ପୀଡ଼ା ବା କୌଣସି କାରଣରୁ ଅନେକ ଦିନ ଉପସ୍ଥିତ ନ ହେଲେ ନାମ କଟିଯିବ । ଅଳ୍ପ ଦିନ ଗରହାଜର ସ୍ଥଳେ ଦଣ୍ଡ ଟ ୦।୵ ଣା ଲେଖାଏଁ ଜରିମାନା ହେବ ଏବଂ ତାହା ବୃତ୍ତିରୁ କଟାଯିବ । ଯେ କାର୍ଯ୍ୟ ଶିକ୍ଷାରେ ଯୋଗ୍ୟତା ଦେଖାଇ ନ ପାରିବ ବା ହେଳା କରିବ ତାହାକୁ ବାହାର କରିଦିଆଯିବ । ଯେ ଯାହା ଶିକ୍ଷା କରିବାକୁ ଇଚ୍ଛା କରିବ ଭରତି ହେଲା ବେଳେ ଜଣାଇବ ଏବଂ ଯୋଗ୍ୟ ହେବା ପର୍ଯ୍ୟନ୍ତ ତାହା ଶିଖୁଥିବ । ଅସାଧାରଣ ବୁଦ୍ଧିମାନ ଛାତ୍ର ଏକାଧିକ କାର୍ଯ୍ୟ ଏକାବେଳେ ଶିଖି ପାରିବ । ଅନ୍ୟ ଛାତ୍ରମାନେ ଏକ ବିଷୟରେ ନିପୁଣ ହେଲା ଉତ୍ତାରୁ ଅନ୍ୟବିଷୟ ଶିକ୍ଷା କରିବେ । ବର୍ଷ ମଧ୍ୟରେ କେବଳ ଏକଥର ଅର୍ଥାତ ଦୁର୍ଗାପୂଜା ସମୟରେ ଏକମାସ ଛୁଟୀ ହେବ ।

ଏହି ବିଦ୍ୟାଳୟ ଅଥବା ବିଭାଗରେ ଆପାତତଃ କି କି ବିଷୟର ଶିକ୍ଷା ଦିଆଯିବ ତାହା ପ୍ରକାଶ ନ ଥିଲେହେଁ ଅନୁମାନ ହେଉଅଛି ଯେ, ବଢ଼େଇ, କମାର, ଘଡ଼ି ପ୍ରଭୃତି ନିତ୍ୟ ପ୍ରୟୋଜନୀୟ ଶିଳ୍ପ କାର୍ଯ୍ୟର ଶିକ୍ଷା ପ୍ରଥମେ ଦିଆଯିବ ଏବଂ ଯେପରି ସହଜ ନିୟମ ହୋଇଅଛି ତହିଁରେ ସାମାନ୍ୟ ଅବସ୍ଥାର ଲୋକ ଅନାୟାସରେ ଶିକ୍ଷା କରି ପାରିବେ । ନିୟମାବଳୀରୁ ଜଣାଯାଏ ଯେ ସମ୍ପ୍ରତି କଲେଜର ନିକଟରେ ବାସ କରୁଥିବା ଗରିବଙ୍କର ପିଲାମାନଙ୍କର ଶିକ୍ଷାର ବନ୍ଦୋବସ୍ତ ହୋଇଅଛି ମାତ୍ର ଆଶା କରୁଅଛୁ ଏହା ସଫଳ ହେଲେ ଓ ଦୂରର ପିଲାମାନଙ୍କର ଆଗ୍ରହ ହେଲେ ସେ ବିଷୟରେ ଗବର୍ଣ୍ଣମେଣ୍ଟ ଅମନୋଯୋଗୀ ହେବେ ନାହିଁ ।

---

### ହିନ୍ଦୁ ଓ ଶିଳ୍ପଶିକ୍ଷା ।

କେତେକ ଦିନ ହେଲା କଲିକତାର ‘‘ଇଣ୍ଡିଆନଷ୍ଟିଲ ଇଣ୍ଡଷ୍ଟ୍ରିଟ’’ ରେ ଶିବପୁର ଇଞ୍ଜିନିୟରିଂ କଲେଜର ଭୂବିଜ୍ଞାନର ଅଧ୍ୟାପକ ଶ୍ରୀଯୁକ୍ତ ନୃତ୍ୟଗୋପାଳ ମୁଖୁର୍ଯ୍ୟା ଭାରତର ଶିଳ୍ପ ଓ ବାଣିଜ୍ୟଶିକ୍ଷା ସମ୍ବନ୍ଧରେ ଗୋଟିଏ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ତାହାଙ୍କ ମତରେ ଏ ଦେଶରେ ଡାକ୍ତରୀ ଓ ଇଞ୍ଜିନିୟରିଂ ବିଦ୍ୟାଳୟ ପୂର୍ବେ ଅଳ୍ପ ଥିଲା । ଗତ ବ ୨୦ ବର୍ଷରେ ଅନେକ ବୃଦ୍ଧି ହୋଇଅଛି । ଏଣିକି ସଇବେ, ଡାକ୍ତରୀ ଓ ଆଇନ ଶିକ୍ଷାର ବିଦ୍ୟାଳୟ ବଢ଼ାଇବାର ପ୍ରୟୋଜନ ନାହିଁ ଏବଂ ଅଟର୍ଣ୍ଣିଙ୍କ ସଂଖ୍ୟା ବଢ଼ାଇବାରେ ମଧ୍ୟ ଲାଭ ନାହିଁ । ଯେଉଁ ପ୍ରଦେଶ ବା ଜିଲ୍ଲାରେ ଯେଉଁ ପଦାର୍ଥ ସୁଲଭ ସେଠାରେ ସେହି ପଦାର୍ଥରୁ ପ୍ରୟୋଜନୀୟ ଦ୍ରବ୍ୟ ପ୍ରସ୍ତୁତ କରିବାର ଶିଳ୍ପାଗାର ବା ବିଦ୍ୟାଳୟ ସ୍ଥାପନ କଲେ ଯଥେଷ୍ଟ ହେବ ଏବଂ ତାହା କରିବା ଉଚିତ । ମାନ୍ଦ୍ରାଜରେ ଏଲୁମିନିୟମ ଧାତୁର ଆକର ଅଛି ବୋଲି ସେହି ଧାତୁର ଦ୍ରବ୍ୟ ପ୍ରସ୍ତୁତ କରିବା କାରଣ ସେ ଦେଶ ଉପଯୋଗୀ । ଅନ୍ୟ ସ୍ଥାନରୁ ସେହି ଧାତୁ କିଣିନେଇ ଜିନିଷପତ୍ର ପ୍ରସ୍ତୁତ କଲେ ସେତେ ଲାଭ ହେବ ନାହିଁ । ସେହିପରି ପୁରୁଲିଆ ଜିଲ୍ଲାରେ ଶାଲବଣ, ରଙ୍ଗପୁରରେ ଛନ, ମାନଭୂମରେ ଲେଲ, ଲାଖ ଓ ଚମଡ଼ା, ମୁରଶିଦାବାଦ ମାଲଦହ ପ୍ରଭୃତିରେ ରେଶମ ଓ ରେଶମି ବସ୍ତ୍ର ଏବଂ କଟକ ଓ ଢାକାରେ ସୁନା ରୂପା, ଶିଙ୍ଗ ଓ ହାଡ଼ର କାର୍ଯ୍ୟ ପ୍ରସ୍ତୁତ କରିବାର ଶିକ୍ଷାଦାନ ଫଳପ୍ରଦ ହେବ । କଟକରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ସୁନା ରୂପା ଶିଙ୍ଗ ପ୍ରଭୃତିର ଅତି ସୁନ୍ଦର ଦ୍ରବ୍ୟ ପ୍ରସ୍ତୁତ କରିବାରେ କୃତକାର୍ଯ୍ୟ ହୋଇଅଛନ୍ତି । ଏ ସବୁ ଦ୍ରବ୍ୟ ଏ ସ୍ଥାନରେ ବହୁ କାଳରୁ ହୋଇ ଆସୁଅଛି । ଫଳତଃ ଯେମନ୍ତ ଯେଉଁ ସ୍ଥାନରେ ଯେଉଁ ଦ୍ରବ୍ୟର ବ୍ୟବସାୟ ହୋଇ ଆସୁଅଛି ସେଠାରେ ତହିଁର ଉନ୍ନତି ନିମନ୍ତେ ବିଦ୍ୟାଳୟର ଆବଶ୍ୟକ ସେହିପରି ଯେଉଁ ଜାତି ପୁରୁଷାନୁକ୍ରମେ ଯେଉଁ ଶିଳ୍ପ ବ୍ୟବସାୟ କରି ଆସୁଅଛି ତାହାକୁ ତହିଁର ଶିକ୍ଷା ଦେବା ଉଚିତ ଅଟେ । ବ୍ରାହ୍ମଣ କାୟସ୍ଥ ବଢ଼େଇ ବା ମୂଚିର କାର୍ଯ୍ୟ କରିବାକୁ ସହଜରେ ସମ୍ମତ ହେବ ନାହିଁ ଏବଂ ହେଲେ ମଧ୍ୟ ମୂଲଧନ ପାଇବ ନାହିଁ । କମ୍ଭାର ଯାହାର ଯେ ବ୍ୟବସାୟ ତାହାର ଦକ୍ଷତାର ଓ ଅନ୍ୟାନ୍ୟ ଉପକରଣ ତାହା ଘରେ ଅଛି ୨ ଅଛି ଏବଂ କେତେକ ଅଭ୍ୟସ୍ତ ମଧ୍ୟ ହୋଇଅଛି । ଯେହେତୁ ଭାରତ କୃଷି ପ୍ରଧାନ ଦେଶ । କୃଷି ଓ ତହିଁର ଆନୁଷଙ୍ଗିକ ବ୍ୟବସାୟ ଶିକ୍ଷା ଦେବାର ବନ୍ଦୋବସ୍ତ ସକଳ ସ୍ଥାନରେ ହେବା ବାଞ୍ଛନୀୟ ଏବଂ ପାଚିଲା ଫଳକୁ ଅନେକ ଦିନ ସଜ ରଖିବାର ଉପାୟ ଶିକ୍ଷା ଦେଲେ ସେ ସବୁ ସ୍ଥାନାନ୍ତରରେ ଏବଂ ଅସମୟରେ ବିକ୍ରୟଦ୍ୱାରା ଅନେକ ଲାଭ ହେବ । ବକ୍ତାଙ୍କର ଉପଦେଶମାନ ଉତ୍ତମ ଏବଂ କାର୍ଯ୍ୟରେ ପରିଣତ ହେଲେ ସୁଫଳପ୍ରଦ ହେବ ତହିଁରେ ସନ୍ଦେହ ନାହିଁ । ମାତ୍ର ସେ ଯାହା ପ୍ରଥମରେ କହିଅଛନ୍ତି ଯେ ସତରେ ଡାକ୍ତରୀ ଓ ଆଇନ ଶିକ୍ଷାର ବିଦ୍ୟାଳୟ ବଢ଼ାଇବାର ପ୍ରୟୋଜନ ନାହିଁ ତହିଁରେ ଅମ୍ଭେମାନେ ତାହାଙ୍କ ସହିତ ଐକ୍ୟ ହୋଇ ପାରୁ ନାହୁଁ । ଏ ସବୁ ବିଦ୍ୟାଳୟର ଛାତ୍ରସଂଖ୍ୟା କ୍ରମାଗତ ବଢ଼ୁଥିବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ସେ ସମସ୍ତର ପ୍ରୟୋଜନ ଅଛି ଏବଂ ଏ ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ସଂଖ୍ୟା ଏତେ ବୃଦ୍ଧି ହୋଇ ନାହିଁ ଯେ ଦେଶର ପ୍ରୟୋଜନକୁ ବଳି ପଡ଼ିଅଛି । ଯେତେବେଳେ ତାହା ହେବ ସେତେବେଳେ ବିଦ୍ୟାଳୟର ସଂଖ୍ୟା ଆପେ ଊଣା ହେବ ।

---

### ବାଲେଶ୍ୱର ଜିଲ୍ଲା ବୋରଡର ଗୋଟିଏ ଅବଜ୍ଞା ।

ଏହି କାମରେ ଗତ ଜାନୁୟାରୀମାସ ତା ୪ ରଖରେ ଯେଉଁ ପ୍ରବନ୍ଧ ଏ ପତ୍ରିକାରେ ପ୍ରକାଶିତ ହୋଇଥିଲା ଜିଲ୍ଲା ବୋରଡର ଭାଇସଚେଅରମାନ ତାହା ପାଠ କରି ଏକ ପତ୍ରଦ୍ୱାରା ଜଣାଇଅଛନ୍ତି କି ସେହି ପାଙ୍ଗାଘାଟ ସନ ୧୮୯୬ ସାଲ ସେପ୍ଟେମ୍ବର ମାସ ତା ୧୬ ରଖରେ କଲିକତା ଗେଜେଟରେ ପ୍ରକାଶିତ ଗବର୍ଣ୍ଣମେଣ୍ଟ ଘୋଷଣା ପତ୍ରଦ୍ୱାରା ସରକାରୀ ଘାଟ ହୋଇଅଛି ଏବଂ ତହିଁସଙ୍ଗେ ଘାଟ ନିୟମାବଳୀର ଛାପା ଫାରମ ପଠାଇ ସର୍ବସାଧାରଣଙ୍କ ଜାଣିବା କାରଣ ତାହା ପତ୍ରିକାସ୍ଥ କରିବା କାରଣ ଅମ୍ଭମାନଙ୍କୁ ଅନୁରୋଧ କରିଅଛନ୍ତି । ପୁଣି ଏକ ପତ୍ରରେ ଜଣାଇଅଛନ୍ତି କି ଉକ୍ତ ଘାଟଟି ୩ ୟ ଶ୍ରେଣୀର ଅଟେ ଏବଂ ତାହା ବାଲେଶ୍ୱର ଜିଲ୍ଲା ବୋରଡର ଅଧୀନ ଥିବାରୁ ବୋରଡ ନିଜର ପାଉଣ୍ଡ ଓ ଫେରି ଇନସ୍ପେକ୍ଟରଙ୍କୁ ଉପଯୁକ୍ତ ସନ୍ଧାନେ ପଠାଇଥାଇନ୍ତି । ମାତ୍ର ଡାକଯୋଗେ ଆସିଥିବା ଦରଖାସ୍ତ ସର୍ବଦା ଶୁଣାଣି ଯୋଗ୍ୟ ଓ ଉପଯୁକ୍ତ ନୁହେଁ ବୋଲି ତାହା ଦଉ ନାହାନ୍ତି । ଅନେକଥର ଏପରି ଘଟିଅଛି ଯେ ଅଜାଣିତରେ ମଦ ଲୋକମାନେ ଘାଟ ଇଜାରଦାରଙ୍କୁ ଦରବାର କରିବା ଅଭିପ୍ରାୟରେ ସେପରି ଦରଖାସ୍ତ ପଠାନ୍ତି । ବିଶେଷତଃ ଉକ୍ତ ଇଜାରଦାର ବିରୁଦ୍ଧରେ ଏହି ପ୍ରଥମ ଶୁଣାଣି । ଅତଏବ ଯେ ଅତ୍ୟାଗ୍ରସ୍ତ ବ୍ୟକ୍ତି ଉପଯୁକ୍ତ ସବଡିଭିଜନ କଚେରୀରେ ନାଲିଶ କରିବ । ଭାଇସ ଚେଅରମାନ ମହାଶୟ କୃପାଳୁ ପତ୍ରିକାର ପ୍ରବନ୍ଧ ପାଠ କରି ସାଧାରଣ ଭ୍ରମ ନିବାରଣାର୍ଥେ ଶ୍ରମ ସ୍ୱୀକାର ପୂର୍ବକ ପତ୍ର ଲେଖିଅଛନ୍ତି ଏବଂ ଅମ୍ଭମାନଙ୍କର ସନ୍ଦେହ ଭଞ୍ଜନ କରିଅଛନ୍ତି ଏହି ଅନୁଗ୍ରହ ଓ ସୌଜନ୍ୟତା ନିମନ୍ତେ ଅମ୍ଭେମାନେ ତାହାଙ୍କୁ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ପ୍ରଦାନ କରୁଅଛୁଁ । ମାତ୍ର ଦୁଃଖର

Digitized by srujanika@gmail.com

ବିଷୟ ଯେ କାଲେକ୍ଟରଙ୍କ ବୋଉଡର କାର୍ଯ୍ୟ ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛୁଁ ତାହା ପରିବର୍ତ୍ତନ କରିବାର କୌଣସି ହେତୁ ପାଉ ନାହୁଁ । ଘାଟ ନିୟମାବଳୀ ଏ ପର୍ଯ୍ୟନ୍ତ ଛପା କରିବାର ପ୍ରୟୋଜନ ନାହିଁ କାରଣ ଯାହାଙ୍କର ପ୍ରୟୋଜନ ସେମାନେ ଘାଟଠାରେ ଦେଖିବାର କଥା । କେବଳ ଏତକ ଜଣାଇବା ଆବଶ୍ୟକ ଯେ ଉକ୍ତ ଘାଟଟି ଦ୍ଵିତୀୟ ଶ୍ରେଣୀର ହେବାରୁ ତାହା ପାରହେବାର ମାସୁଲ ବୋଝାଇ ଶଗଡ ପ୍ରତି ଟ ୦୵ ଏବଂ ଖାଲି ଶଗଡ ପ୍ରତି ଟ ୦/ ଓ ମନୁଷ୍ୟପ୍ରତି ଟ ୦ ୯ ଧାର୍ଯ୍ୟ ଅଛି । ଇଜାରଦାର ଘାଟର ପ୍ରକାଶ୍ୟ ସ୍ଥାନରେ ନିରିଖ ପଟା ରଖିଅଛି କି ନା ଏବଂ ସେହି ନିରିଖ ମତେ ମାସୁଲ ନେଇ ଅବିଳମ୍ବେ ଶଗଡ ମନୁଷ୍ୟ ଇତ୍ୟାଦି ପାର କରୁଅଛି କି ନା ଓ ସେ ସମ୍ବନ୍ଧରେ ଲୋକଙ୍କର କିଛି କଷ୍ଟ ହେଉଅଛି କି ନା ଏ ସବୁ ଦେଖି ଅନୁସନ୍ଧାନ କରି ରିପୋର୍ଟ କରିବା କାରଣ ଜଣେ ଇନସ୍ପେକ୍ଟର ନିଯୁକ୍ତ ଅଛି । କେହି କୌଣସି ବିଷୟରେ ତାହାରେ ଦରଖାସ୍ତ କଲେ ସରକାରୀ କାର୍ଯ୍ୟମାନେ ତହିଁର ତଦନ୍ତ କରୁଅଛନ୍ତି । ବିଶେଷତଃ ବାଟୋଇମାନଙ୍କୁ ଘାଟପାର ଇତ୍ୟାଦି ବିଷୟରେ ଗୁହାରି କରିବାର ସୁଯୋଗ ତାହାଦ୍ଵାରା ଦେବା ନ୍ୟାୟସଙ୍ଗତ ଏବଂ ଘାଟପାରରେ ଲୋକଙ୍କୁ ଅନେକ କଷ୍ଟ ଓ ଅନ୍ୟାୟ ଯେତେ ସହିବାକୁ ହୁଏ ଏ କଥା ଦେଶୀୟ ଭଦ୍ରଲୋକମାନଙ୍କୁ ପ୍ରାୟ ଅଜଣା ନାହିଁ । ତଥାପି ଯେବେ ଅସ୍ପଷ୍ଟ ସମ୍ବନ୍ଧୀୟ ଆଇନାନୁସାରେ [illegible] ସ୍ଥାନୀୟ କର୍ମଚାରୀ ତାହା ନୋଟେ ପ୍ରାପ୍ତ ବୋଲି ଲୋକଙ୍କ ଗୁହାରିରେ ଆସ୍ଥା ନ କରିବେ ତେବେ ତାହାକୁ ଅବସ୍ଥାର ବିନା ଆଉ କ'ଣ କୁହାଯିବ ? ଯେବେ ଫଉଜଦାରୀରେ ନାଲିସ କରିବା ବାଟ ଅନ୍ୟାୟର ଅନ୍ୟ ପ୍ରତିକାର ନାହିଁ ତେବେ ଜଣେ ଘାଟ ଇନସ୍ପେକ୍ଟର ରଖି ବୃଥା ବ୍ୟୟ କରିବାର ଫଳ କି ? ଆମ୍ଭେମାନେ ଆଶା କରୁଁ ଗ୍ଲାସ ସାହେବମାନେ ଏଥର ବୁଝିପାରିବେ ଯେ ତାହାରେ ପ୍ରେରିତ ଗୁହାରି ପ୍ରତି ଆସ୍ଥା ନ କରି ସେ ଅବସ୍ଥାର [illegible] କରିଅଛନ୍ତି । ଆମ୍ଭେମାନେ ପୂର୍ବେ କହିଅଛୁଁ ଏବଂ ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ ନାଳପାର ନିମନ୍ତେ ସରକାରଙ୍କ ପର ଜଳ ବୋଉଡ ଏକ୍ତେ ନୌକା ରଖିଦେବା ଉଚିତ ତହିଁରେ ପେଉ ଅଧିକ ଛାଡ଼ିବା ଅନ୍ୟାୟ ଏବଂ ଯେବେ ତାହା କଲେ ତେବେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ କାରଣ ନଦୀପାର କଷ୍ଟ ବର୍ଷରେ ମାସ ୩।୪ ରୁ ଅଧିକ ନୁହେଁ ମାତ୍ର ନାଳପାରି କଷ୍ଟ ପ୍ରାୟ ୧୨ ମାସ ।

———

## ପ୍ରାପ୍ତ

### " ତାଳଚେର ସାହିତ୍ୟସମାଜ "

ଅଳ୍ପ ସଂସ୍ଥାପିତ କିଶୋରଚନ୍ଦ୍ର ଉତ୍କଳ ସାହିତ୍ୟ ସମାଲୋଚନୀ ସମିତିର ଦ୍ଵାବିଂଶ ସଂଖ୍ୟକ ଅଧିବେଶନ ରାଜବାଟୀ ସମୀପବର୍ତ୍ତୀ ବିବିଧ ତରୁ ବେଷ୍ଟିତ, ଅଳେକମାଳା-ପରିଶୋଭିତ ସଭା ମଣ୍ଡପରେ ବିଗତ ତା ୨୧ ରଣ ରବିରେ ହୋଇଥିଲା ଶ୍ରୀଯୁକ୍ତ ରାଜା ସାହେବଙ୍କର ପ୍ରସ୍ତାବ ଓ ସଭାର ଅନୁମୋଦନ ମତେ ଅଭ୍ୟର୍ଥିତ ହୋଇ ଅମ୍ଭମାନଙ୍କର ମାନନୀୟ କମିଶନର ସାହେବ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ ଗତ ଅଧିବେଶନ ବିବରଣ ପଠିତ ହେଲା ପରେ ମାତୃଭାଷାର ଉନ୍ନତି ସାଧନ ନିମନ୍ତେ ସ୍ଥାପିତ ସାହିତ୍ୟ ସଭାର ଉଦ୍ଦେଶ୍ୟ ଏବଂ ସାହେବ ମହୋଦୟଙ୍କ ସକାଶେ ବିରଚିତ ଅଭିବାଦନ ଅଭିବାଦକ ରୂପ ଉପହାର ପ୍ରବନ୍ଧ ପାଠ ହୋଇଥିଲା ।

ମହାକବି କାଳିଦାସଙ୍କର ବିରଚିତ ମେଘଦୂତ କାବ୍ୟର ସଂସ୍କୃତ ଛନ୍ଦାନୁଯାୟୀ ଉତ୍ତର ମେଘରୁ ଭାଷାନ୍ତର ଓଡ଼ିଆ ପଦ୍ୟ, ଆକାଶ, ଯତ୍ନ, ସହାନୁଭୂତି, ପ୍ରକୃତିଚିତ୍ର ପ୍ରଭୃତି ସମ୍ବନ୍ଧେ ଗଦ୍ୟ ପଦ୍ୟ ପ୍ରବନ୍ଧ ଏବଂ ଉତ୍କଳର ଅବସ୍ଥା ସମ୍ବନ୍ଧେ ସଙ୍ଗୀତ ପାଠ କରାଯାଇଥିଲା । ଅନନ୍ତର ସଂସ୍କୃତଜ୍ଞ ପଣ୍ଡିତମାନେ କିଛି ସଂସ୍କୃତ ଚର୍ଚ୍ଚା ଦେଖାଇଥିଲେ ।

ସଂସ୍କୃତ ଇଂରାଜୀ ବଙ୍ଗଳା ଓଡ଼ିଆ ଇତ୍ୟାଦି ଭାଷା ବିଶାରଦ ସାହେବ ମହୋଦୟଙ୍କର ସାହିତ୍ୟ ପ୍ରିୟତା ସୌଜନ୍ୟ ସହାନୁଭୂତି ଶ୍ରବଣ ସଙ୍ଗେ ସନ୍ଦର୍ଶନ ଲାଭ କରି ସମାଜ ତାଙ୍କର ଜୟ ଜୟ ସଙ୍ଗୀତ ଗାନ କଲା ପରେ ସଭାପତି ଶ୍ରୀଯୁକ୍ତ ସାହେବ ମହୋଦୟ ଯେଉଁ ହୃଦୟଗ୍ରାହିଣୀ ବକ୍ତୃତା ପ୍ରଦାନ କରିଥିଲେ ତାହା ନିମ୍ନେ ବିବୃତ ହେଲା ।

ରାଜା ସାହେବ ଏବଂ ଉପସ୍ଥିତ ସଭ୍ୟଗଣ ! ଅମ୍ଭଙ୍କୁ ଅଦ୍ୟ ସଭାପତି ପଦରେ ବରଣ କରି ଆପଣମାନେ ଯେ ପ୍ରକାର ସମାଦର ଦେଖାଇ ଅଛନ୍ତି ତହିଁ ସକାଶେ ହୃଦୟ ସହିତ କୃତଜ୍ଞତା ପ୍ରକାଶ କରୁଅଛୁଁ ।

ପୂର୍ବରୁ ଯାହା ଶ୍ରୁତିଗୋଚର ହୋଇଥିଲା ତଦ୍ରୂପ ଅଦ୍ୟ ସଭାର କାର୍ଯ୍ୟ କଳାପ ଦର୍ଶନ କରି ପରିତୃପ୍ତ ହେଲୁଁ । ରାଜନଗରରେ ଏପରି ବିଦ୍ୟାଲୋଚନା ହେଉଥିବାର ଜନାତ ଅମ୍ଭର ଅଜଣା ନ ଥିଲା, ସ୍ଵଚକ୍ଷୁରେ ଦେଖି ସ୍ଵ ଶ୍ରବଣରେ ଶ୍ରବଣ କରି ଅଧିକ ଆନନ୍ଦିତ ହେଲୁଁ । ସମସ୍ତଙ୍କୁ ଜଣା ଅଛି, କୌଣସି ବିଷୟ ଆଲୋଚନା ନ କଲେ ତହିଁର ଉନ୍ନତି ଲାଭ ହୋଇ ନ ପାରେ । ସେହି ଆଲୋଚନା ବିଷୟ ଉନ୍ନତର ଦେଖିବା ଉଚିତ ଯେ ଯେପରି ବ୍ୟାୟାମ ଶରୀର ରକ୍ଷାର ଉପଯୋଗୀ; ବିଦ୍ୟାନୁଶୀଳନ ମନ ବୃତ୍ତିର ଉତ୍କର୍ଷଜନକ, ଯେପରି ଆପଣମାନେ ତର୍କ ବିତର୍କ କରି ମାତୃଭାଷାର ଉନ୍ନତି ସାଧନରେ ଯତ୍ନ କରୁଅଛନ୍ତି ଇତ୍ୟାଦି ଇତ୍ୟାଦି

ଅମ୍ଭର ଉତ୍କଳ ଭାଷାରେ ବ୍ୟୁତ୍ପତ୍ତି ଯେତେଦୂର ଲାଭ ହୋଇଅଛି ତହିଁରେ ଉତ୍କଳଭାଷା ଅନ୍ୟାନ୍ୟ ବଙ୍ଗ ଇଂରାଜୀ ପ୍ରଭୃତି ଭାଷା ଅପେକ୍ଷା, ସଂସ୍କୃତ ଭାଷା ସଙ୍ଗେ ବିଶେଷ ସାଦୃଶ୍ୟ ରଖିଥିବା ଅମ୍ଭର ଦୃଢ଼ବିଶ୍ଵାସ ହେଉଅଛି । ପୁଣି ଅମ୍ଭେ ଉତ୍କଳ ଆସିବା ସମୟେ ପ୍ରଥମଦିନ କଟକରେ ଗୋଟିଏ ଗ୍ରାମ୍ୟ ସ୍ତ୍ରୀ ଆପଣାର କଥିତ କଥା ମଧ୍ୟରେ " ପଣସ " ଏହି ସଂସ୍କୃତ ପଦଟି ପ୍ରକାଶ କରିବାଦ୍ଵାରା ସେ ଅମ୍ଭଙ୍କୁ ସଂସ୍କୃତଭାଷା ସହିତ ଉତ୍କଳଭାଷାର ସମତା ଥିବାର ହୃଦୟଙ୍ଗମ କରାଇ ଦେଇଥିଲା ।

ଉତ୍କଳଭାଷାର ପ୍ରମାଦ ଏବଂ ପଶ୍ଚାତ୍‌ପଦର ହେତୁ ଏହିକି ବଙ୍ଗ ପ୍ରଭୃତି ଦେଶ ଅପେକ୍ଷା ଉତ୍କଳରେ ଅଳ୍ପ ସଂଖ୍ୟକ ଲୋକ ବାସ କରନ୍ତି ଏ ଦେଶ ପୁଣି ଇଂରାଜମାନଙ୍କର ଶାସିତ ଶେଷରେ ଲାଭ କରିଥିଲା, ଯଦି ଉତ୍କଳଭାଷା ପ୍ରଥମରୁ ଯତ୍ନଲାଭ କରିଥାନ୍ତା ତେବେ ସେ ସମସ୍ତ ଭାଷା ମଧ୍ୟରେ ଅଧିକତମ ଉନ୍ନତି ସୋପାନ ଅଧିକାର କରି ଥାଆନ୍ତା ଏ ବିଷୟେ କିଛିମାତ୍ର ସନ୍ଦେହ ନ ଥିଲା ।

ମରହଟ୍ଟାମାନଙ୍କ ରାଜତ୍ଵ ସମୟେ ସଂସ୍କୃତ; ମୁସଲମାନମାନଙ୍କ ରାଜତ୍ଵରେ ପାରସି, ଇଂରାଜମାନଙ୍କ ରାଜତ୍ଵରେ ବର୍ତ୍ତମାନ୍ ଇଂରାଜୀ ଭାଷାର ଯେପରି ଗୌରବ ପରିଲକ୍ଷିତ ହେଉଅଛି, ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି କି ରାଜାଙ୍କ ଉତ୍ସାହ ଯତ୍ନ ଭିନ୍ନ କୌଣସି ଭାଷାର ଶ୍ରୀବୃଦ୍ଧି ସାଧିତ ହୋଇ ନ ପାରେ । ଅତଏବ ରାଜାଙ୍କର ଉତ୍ସାହ ଉଦ୍ୟମରେ ସଂସ୍ଥାପିତ ଏହି ସମାଜଦ୍ଵାରା ଉତ୍କଳଭାଷାର ଅଧିକ ଉନ୍ନତି ଅବଶ୍ୟମ୍ଭାବୀ ।

ରାଜା ସାହେବ ସଂସ୍କୃତ ଉତ୍କଳ ଆଦି ବିଦ୍ୟାନୁଶୀଳନ ବିଷୟେ ଏବଂ ବ୍ୟାୟାମାଦି ପକ୍ଷେ ଯେପରି ଯତ୍ନବାନ୍ ଅଛନ୍ତି, ପ୍ରଜାପାଳନ ପକ୍ଷେ ତଦୋଧିକ ଯତ୍ନ କରିବେ । ରାମଚନ୍ଦ୍ର କ କରିଥିଲେ, ଜର୍ଦ୍ଦୋଷିଣୀ ଜାଣି ସୁଦ୍ଧା ପ୍ରିୟତମା ସୀତାଙ୍କୁ ବନକୁ ପଠାଇ ପ୍ରଜାନୁରାଗ ଦେଖାଇଥିଲେ ।

ଶ୍ରିୟଃ କୁରୂଣାମଧିପସ୍ୟ ପାଳନୀଂ
ପ୍ରଜାସୁ ବୃତ୍ତିଂ ଯମଯୁଂକ୍ତ ବେଦିତୁଂ
ସବର୍ଣ୍ଣିଲିଙ୍ଗୀ ବିଦିତଃ ସମାଯଯୌ
ଯୁଧିଷ୍ଠିରଂ ଦ୍ଵୈତବନେ ବନେଚରଃ ।

ଭାରବିର ଏହି ପ୍ରଥମ ଶ୍ଳୋକରୁ ଜଣା ଯାଉଅଛି ପ୍ରଜାସ୍ଵବୃତ୍ତି ରାଜଲକ୍ଷ୍ମୀର ପ୍ରତିଷ୍ଠାକାରିଣୀ ଅଟେ । ଅତଏବ ପ୍ରଜା ପାଳନ ରାଜାଙ୍କର ସର୍ବ ପ୍ରଧାନ ଧର୍ମ ପ୍ରକାଶ କରି ସଭାପତି-

Split by PDF Splitter
Digitized by srujanika@gmail.com

## ନୂତନ ପୁସ୍ତକ ।

ଜୀବନର ଗୀତା ୨ୟ ଭାଗ ଟ ୦ ।
ଦୁର୍ଗା ଚୌତିଶା ଓ ଭଜନମାଳା ଟ ୦ /
ମହୀରାବଣ ଯୁଦ୍ଧ ଟ ୦ /୨
ପ୍ରବନ୍ଧ ଅର୍ଦ୍ଧଚନ୍ଦ୍ର ବା ଜାବମସ୍ତି ଉପନ୍ୟାସ ଟ ୦ ୵୰

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

## " ଇଲେକ୍‌ଟ୍ରୋ ସାଲସା "

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅକୃତ୍ରିମ ।

ଅଛି ତାହାରକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ତାହାରକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଦେଶସାରା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଚିଠି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଗଣି୨ ଅଯାଚିତ ସୁଖ୍ୟାତିପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ନ୍ୟାୟ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ସନ୍ନିଧିରେ ପ୍ରଚଳିତ ଓ ରକ୍ଷିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଢାଙ୍କି ରଖେ କେବଳ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାକୃତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ " ଇଲେକ୍‌ଟ୍ରୋ ସାଲସାର " ପକ୍ଷପାତୀ ହୋଇ ବାରମ୍ବାର ତହିଁର ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହାସପାତାଲରେ ଉପ ଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଅସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧେ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଟୁଗଣ୍ଠି ଫୁଲିବା, କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଳି, ଗରମି ଓ ପାରଦ ଘା, ନାଳ ଓ ନାଲୁର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାଣ୍ଡୁ ଗରମିର-ଶାଦା ବା କଳା ଛଉ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଲକ୍ଷଣାଦି ପୁଣି ପାରଦ ଓ ଗରମି ବିଷର ନିର୍ମୂଳ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ବଢ଼ାଇବାକୁ,— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳ ବେଗରେ ବୀର୍ଯ୍ୟ ନିର୍ଗତ, ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ ଶକ୍ତି ହ୍ରାସ, ମୁଣ୍ଡ ଘୁରିବା, ଚିତ୍ତର ଅସ୍ଥିରତା, ନିର୍ଜନ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ଖଟାଲ୍ଲ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ସୁଧା ଭ୍ରମରେ ବିଷ କ୍ରୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

" ଇଲେକ୍‌ଟ୍ରୋ ସାଲସା " ଭୂମି ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକା-କାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅନ୍ୟାନ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗବର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନ-ଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରା-ଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅନ୍ଧ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଅବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍‌ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ-ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରିଷ୍ଟାର;—"ଡବଲିଉ,ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

Digitized by srujanika@gmail.com

Split by PDF Splitter



ଏହିପରି ଅବିକଳ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA TRADE MARK

ଅମେରିକା ପ୍ରଦେଶସ୍ଥ ନିୟୁୟର୍କ ନଗରବାସୀ ମହାବିଜ୍ଞ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ସେହିପରି କୌଣସି ଔଷଧରେ ଅଦ୍ୟାପି ଦୃଷ୍ଟ ନାହିଁ, ଜଣ ଚିକିତ୍ସକମାନେ ଯେଉଁ-ରୋଗ ଅସାଧ୍ୟ ହୋଇ ଛାଡ଼ି ଦେଇଥାନ୍ତି ଏହି ମହୌଷଧ ସେହି ରୋଗରେ ଫଳପ୍ରଦ !

ଇଲେକ୍‌ଟ୍ରୋ ସାଲସା,—ନବୋଦ୍ଭାବିତ ଉପାୟରେ ସ୍ୱାସ୍ଥ୍ୟଜନକ ଉଦ୍ଭିଦରେ ତାଡ଼ିତଶକ୍ତି ସଂଯୁକ୍ତ କରିବାରୁ ଶୀଘ୍ର ମାନବ ଦେହରେ ଏହାର ଅତ୍ୟାଶ୍ଚର୍ଯ୍ୟ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା ଜୀବନ ଶକ୍ତି ବୋହି-ଯାଏ । ଏହିଠାରେ ଏହାର ବିଶେଷତ୍ୱ ଏବଂ ଏହାର ଅଲୌକିକତାର ପ୍ରଥମ ନିଦର୍ଶନ ।।

ଜିଜ୍ଞାସା—ଅସ୍ମାନଙ୍କ ଶିଶୁ ବେଳଠାରୁ ଯେ ତାଡ଼ିତର ଶକ୍ତିର ସୁଯୋଗ ଏତେ ହିଁ ଗୁପ୍ତରେ ଥିଲା । ତାଡ଼ିତ ପ୍ରକାଶ ବାଗତ ବୃଦ୍ଧି ଦେଖା ଯାଉଛି । ଏବେ ତାଡ଼ିତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଗଲେ, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଅଉ ସନ୍ଦେହ କଣ ?

ପାଶ୍ଚାତ୍ୟ ଜାତିର ଚିକିତ୍ସା ପଣ୍ଡିତମାନେ କହନ୍ତି, ଜାଳ ଶରୀରର ଉଷ୍ଣତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅଭାବରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତି ହ୍ରାସ ହୋଇ ଧାତୁ ସମୂହର କ୍ଷୟ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର କ୍ଷମତା ଶରୀରାଭ୍ୟନ୍ତରରେ ପୁଣି ଫେରାଇଦେଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାରେ ସନ୍ଦେହ ନାହିଁ । ମାତ୍ର ଔଷଧ ସଙ୍କଟିତ ଏ ଶରୀରର କ୍ଷମତା ରକ୍ଷା ହୋଇ ନ ପାରେ । କେବଳ ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ପୂର୍ଣ୍ଣ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତର ଆବିଷ୍କାର କରନ୍ତି ଏବଂ ପରେ ଦେହରେ ତାହାର ବାହ୍ୟ ପ୍ରୟୋଗ କରି ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ଉତ୍କଟ ରୋଗ ଅଧିକ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କ୍ରିୟା ମଧ୍ୟ ଯେ ଅସ୍ଥାୟୀ ଏ କଥା ଶିକ୍ଷିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଧି ଏହି ବିଂଶଶତାବ୍ଦୀର ପ୍ରାରମ୍ଭରେ ବଣ୍ଡରର ମହାଯଶସ୍ୱୀ କ୍ଷମତା ଜ୍ଞାନ ଡାକ୍ତର ମେଜର ତାଡ଼ିତଶକ୍ତିର ଅନ୍ତଃପ୍ରୟୋଗାର୍ଥ ତାହାକୁ କେବଳ ଭେଷଜ ଗର୍ଭରେ ସଂଯୋଗ କରି ଏହି ଅମୋଘ ଔଷଧର ସୃଷ୍ଟି କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସନ୍ଧାନରେ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଅତଏବ ଯାହାଙ୍କୁ ଅସାଧ୍ୟ ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଭ ଯାହାଙ୍କୁ ହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେଉ ନାହିଁ ଅତେବ ଏହି ମହୌଷଧକୁ ଏହି ମହାଶକ୍ତିକୁ, ଏହି ବୈଦ୍ୟୁତିକ ସଞ୍ଜୀବ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ଅବର୍ଣ୍ଣନୀୟ ଦେହ ପୁଣି ବର୍ତ୍ତମାନ ହେବ, ଯୌବନକାଳୋଚିତ ବଳ ବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ଦୁଷ୍ଟିର ଦୁଷ୍ଟ, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମ୍ମି, ନାଳୀଘା, ଗାତ୍ରବର୍ଣ୍ଣ, କାଛୁ, କୁଣ୍ଡିଆ, ଗଣ୍ଡିଗାଳୀତ ପ୍ରମେହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସର ଅକ୍ଷମ, ରକ୍ତ ଝଡ଼ିବା, ମୂତ୍ର ସ୍ଖଳିତ, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ା—ଯେତେ ନୂତନ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତକ ଦ୍ରଷ୍ଟବ୍ୟ ମାଗିଲେ ଦେବୁ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୬ ଶିଶିକୁ ଟ ୫ ... , ୬ ଶିଶିକୁ ଟ ୧୦ ... , ଡଜନକୁ ଟ ୨୦୧ ... ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ଟ ୦ ।୵, [illegible] ଶିଶିରେ ଟ ୦ [illegible], ୬ ଶିଶିରେ [illegible], ଡଜନରେ ଟ [illegible] ।

ଅସ୍ମାନଙ୍କରି ସକାଶ ପଠାଇବାର ଠିକଣା

W. MAJOR & Co } ଡବ୍ଲ୍ୟୁ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta




ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ ! !

ଏ, ସଟନ ଏଣ୍ଡ କୋର ଅତ୍ୟାଶ୍ଚର୍ଯ୍ୟ ଔଷଧାବଳୀ ।

ଭାରତବାସୀ ରୋଗୀଙ୍କର ଆଉ ଚିନ୍ତାର କାରଣ ନାହିଁ ।

ସାଲସା ସ୍ପେସିଫିକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା ଉପଦଂଶ ( ଗରମି ବେମାରି ) ଓ ପାରଦ ସଂକ୍ରାନ୍ତ ଜନିତ ସର୍ବପ୍ରକାର ରୋଗ, ବଣ୍ଡ, ବାତ, ଦେହ ଦାଗ ଓ ଯୋଡ଼ର ଟଣାଟଣା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାରେ ଏହା ଅଦ୍ୱିତୀୟ ଅଟେ । ଯେଉଁମାନେ ଅନୁରାଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତ ଜନକ ଟନିକ ଆକାରରେ ଅନୁରୋଧ,

ମୂଲ୍ୟ ଟ ୧।୵ ମାସୁଲ ଟ ୦।୵

ଅଣ୍ଟି ଗନୋରିଆଲ ମିକ୍ସଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ ଜ୍ୱାଳା, ପ୍ରସ୍ରାବକାଳୀନ ଜ୍ୱାଳା ଓ ରକ୍ତପାତ, ସ୍ୱପ୍ନ ଧାତୁକ୍ଷୟ, ମୂତ୍ରକୃଚ୍ଛ୍ର, ଟୋପାଟୋପା ଲୋହିତ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଇନ୍ଦ୍ରିୟ-ଶୈଥିଲ୍ୟ ଏବଂ ସର୍ବପ୍ରକାର ଉପଦଂଶ ଆରୋଗ୍ୟର ଏହା ଏକମାତ୍ର ମହୌଷଧ । ଶରୀରକୁ ବଳ ପୁଷ୍ଟ ଓ ଉତ୍ତେଜିତ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଏତ ଉତ୍ତେଜକ ଯାହା ସେବନ ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧।୵ ମାସୁଲ ଟ ୦।୵

ସଲଫେଟୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପ୍ରସ୍ରାବର ସହିତ ଶୁକ୍ରନିର୍ଗତ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ର ପୀଡ଼ାର ନିଶ୍ଚିତ ମହୌଷଧ । ଏହାକୁ ସେବନ କଲେ ନଷ୍ଟଶକ୍ତି ଓ ଯୌବନ ଅଳ୍ପ ଦିନରେ ଫେରିଆସେ ହୋଇ ସାଭାବିକ ଭାବ ପ୍ରାପ୍ତ ହୁଏ । ଯେଉଁମାନେ ଏହା ସେବନ କରିଥିବେ ସେମାନଙ୍କ ଦେହ ଆରୋଗ୍ୟ ନ ହୁଏ ତାହାହେଲେ ଦେଖା ଯିବ ଅଉ ଅଧିକାର ରହିବ ନାହିଁ ।

ମୂଲ୍ୟ ଟ ୨।୵ ମାସୁଲ ଟ ୦।୵

ସ୍ୱର୍ଣ୍ଣଭସ୍ମ ଲୋସନ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଯାତନା ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଯାତୁ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝିପାରିବେ ।

ମୂଲ୍ୟ ଟ ୧।୵ ଡାକମାସୁଲ ଟ ।୵

ଠିକଣା—ଏ, ସଟନ୍ ଏଣ୍ଡ କୋଂ
୬ ୭୪ ନଂ ମୁକ୍ତାରାମ ବାବୁ ଷ୍ଟ୍ରିଟ କଲିକତା

କଟକ ନଗରରେ ଇଂରାଜୀ ଔଷଧ ବ୍ୟବସାୟୀ ଡାକ୍ତରଖାନାର ମାଲିକ ଡାକ୍ତର [illegible] ଅସ୍ମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦।୵ |
| ଅର୍ଦ୍ଧପୃଷ୍ଠାକୁ | ଟ [illegible] |
| ପୂର୍ଣ୍ଣ ଏକ ପୃଷ୍ଠାକୁ | ଟ [illegible] |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଦର ୦।୵ ଟଙ୍କାରୁ ନ୍ୟୂନ ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ

ଶ୍ରୀ ମଧୁସୂଦନ ରାଓ ଓ ଶ୍ରୀ ମଧୁସୂଦନ ଦାସଙ୍କ ପ୍ରଣୀତ

### ଅଙ୍କପୁସ୍ତକ (ଦୁଇଭାଗ)

ଶ୍ରୀ ମଧୁସୂଦନ ରାଓଙ୍କ ପ୍ରଣୀତ

### ଅଙ୍କପ୍ରଶ୍ନ ସମାଧାନ

ଅଙ୍କପୁସ୍ତକର ୧ମ ଭାଗ ଲୋୟର ପ୍ରାଇମେରୀ ସ୍କୁଲ ଓ ଅନ୍ୟ ସ୍କୁଲମାନଙ୍କର ନିମ୍ନ ଶ୍ରେଣୀମାନଙ୍କ ନିମନ୍ତେ, ମୂଲ୍ୟ ଟ° ।;

୨ୟ ଭାଗ ଉଚ୍ଚପ୍ରାଇମେରୀ ଓ ମଧ୍ୟମ ଶ୍ରେଣୀ ସ୍କୁଲମାନଙ୍କ ନିମନ୍ତେ, ମୂଲ୍ୟ ଟ° ୵

ଅଙ୍କପ୍ରଶ୍ନସମାଧାନ ମୂଲ୍ୟ ଟ° ୵

ଏହି ପୁସ୍ତକମାନ ଅନ୍ୟାନ୍ୟ ଗଣିତପୁସ୍ତକମାନଙ୍କ ସଙ୍ଗେ ତୁଳନା କରି ଦେଖନ୍ତୁ ।

କଟକ ନର୍ମ୍ମାଲ ସ୍କୁଲରେ ଶ୍ରୀ ପ୍ରଶାନ୍ତ ରାଓଙ୍କଠାରେ ଓ କଟକର ପୁସ୍ତକ ଦୋକାନମାନଙ୍କରେ ପ୍ରାପ୍ତବ୍ୟ । ଶ୍ରୀ ପ୍ରଶାନ୍ତ ରାଓଙ୍କଠାରୁ ଏକାବେଳକେ ୫ ଖଣ୍ଡ ବା ତତୋଽଧିକ କିଣିଲେ ଟଙ୍କାକେ ଟ°୵ କମିଶନ ପାଇବେ ।

[illegible] ଅଙ୍କପୁସ୍ତକରେ ଥିବା କଠିନ ପ୍ରଶ୍ନମାନ ଅଙ୍କପ୍ରଶ୍ନ ସମାଧାନରେ କଷା ଯାଇଅଛି ।

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମୁଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ, ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗୀମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

( ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ ) ।

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଚିକିତ୍ସ୍ୟ ରୋଗସମୂହ ଆରୋଗ୍ୟ କରିବ, ଜଗତରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଢେକ୍କାର ( ଖଇଢାଙ୍କୁଟି ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦସ୍ପନ୍ଦ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାଚକା ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତିଷ୍କଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ଋତୁଦୋଷ, ବାଧକବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା । ୧୨୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାଶୁଲ ଚାରିଅଣା ।

## ବିଜ୍ଞାପନ ।

### ହୁକୁମୀ ତୈଳ ।

ଯେଉଁମାନେ ପଞ୍ଚବର୍ଷ କିମ୍ବା ତତୋଽଧିକକାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରି) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାଣ ଖାଇଥିବାରୁ ଯେଉଁମାନଙ୍କର ଅଣ୍ଡ ଗଣ୍ଡ ଧରିଥିବ ଅଥବା ଶରୀରରେ ବାତଫୁଟ ଆମ୍ବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହୁକୁମୀ ତୈଳ ୨ । ୩ ଦିନ ମାତ୍ର ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତୈଳ ବ୍ୟବହାରଦ୍ୱାରା ଯାଜପୁର, । ଭ । ମଧୁପୁର ଓ ଜାମଝାଡ଼ି ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଳ କ୍ରୟ କରିବାକୁ ଅବିଶ୍ୱାସ କରନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କୁ ଖାତିର ଜାମିନ ଦେଲେ ଅନାୟାସରେ ଔଷଧ ଦିଆଯିବ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ° ୵ ଡାକ ଖର୍ଚ୍ଚ ପ୍ରଭୃତି ଟ° ୦ ୵ ଏହା ଛଡ଼ା ଆମ୍ଭ ଔଷଧାଳୟରେ ନାନାପ୍ରକାର ରୋଗର [illegible] ଔଷଧ, ନାନାପ୍ରକାର ତୈଳ, ଘୃତ, ଭସ୍ମ, ବଟିକା, ଅଶୋକ, ସାଲସା ପ୍ରଭୃତି ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁପେବଲ୍ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇ ପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

ବାହାବଲପୁର
ଯାଜପୁର ପୋଃ ଅଃ
କଟକ
} ଶ୍ୟାମବନ୍ଧୁ ଦାସ
କବିରାଜ

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନପୁର, ପାଟଣା, [illegible], ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଖାଙ୍ଗପୁର, [illegible], ଟିଗିରିଆପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଚୋଗା, କିଂଖାପ, ବାସ୍ତା, ସଙ୍ଗୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଣ୍ଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଉତ୍ପାଦ ଗଠିତ ଅଙ୍ଗସ୍ଥ ସ୍ଥିତ ଛଡ଼ା ସୁନା ରୁପାର ବାସନ, ହାତୀର ଦାନ୍ତ ପ୍ରଭୃତି ବସ୍ତୁ ଅର୍ଡ଼ର ଅନୁସାରେ ତିଆରି କରାଇ ଦେଉଁ । ଅର୍ଡ଼ର ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତହିଁର ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାଶୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଟୁମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି


Digitized by srujanika@gmail.com

## ବିଜ୍ଞାପନ ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ !

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଆୟୁରଣ, ଫସଫରସ ଓ ଭାଇଟାମିନ ପ୍ରଭୃତି ବହୁତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶକ୍ତି ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନତତ୍ତ୍ୱ ପ୍ରକ୍ରିୟାର ପାରଦର୍ଶିତା ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏତାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ଦୃଷ୍ଟି ଦେଖାଯାଏ । ସାଲସା—ରୋଗ ଚାପି ରଖେ । ଡ୍ୟାନଜିନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ମଦ, ଅଫିମ, ଷ୍ଟ୍ରିକନିଆ, ମର୍କରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମଳ ପରିଷ୍କାର ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଁଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବରେ ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଲାଳାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ୱପ୍ନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ନାୟୁ-ଦୋଷ ଓ ତଜ୍ଜନିତ ମସ୍ତକଘୂର୍ଣ୍ଣ, ମସ୍ତିଷ୍କଶୂଳ, ଧୁକଧୁକି ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚଘା, ନାଳଘା କାଉର, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠି ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୷ । ୩ ବୋତଲ ଟ ୪୲୦, ୬ ବୋତଲ ଟ ୭୷ ଙ୍କା ଓ ୧୨ ବୋତଲ ଟ ୧୪୲୦ ଡାକ୍ ମାସୁଲ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ୍ ଏଜେଣ୍ଟ୍—ଇଣ୍ଡିଆ, ବର୍ମା, ସିଲୋନ,—ଅର, ବ, ଜ, ଏଣ୍ଡ କୋଂ

ହେଡ୍ଅଫିସ—ନଂ ୧୦ ନମ୍ବର ଅପର ଚିତପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ୍ ସମ୍ମୁଖରେ ।

### ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୫୵ ଡାକ୍ ମାସୁଲ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଗ୍ନେଶ୍ୱ ମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦ ୮ ମାସୁଲ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଅର, ବ, ଜ ଏଣ୍ଡ କୋଂ ନଂ ୧୦ ନମ୍ବର ଅପର ଚିତପୁର ରୋଡ କଲିକତା

ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.


| | | |
|---|---|---|
| ଖ ୩୭ ଭାଗ<br>ସଂ ୭ ସଂଖ୍ୟା | CUTTACK, SATURDAY THE 15th FEBRUARY 1902.<br>୩ ୪ ଜ ଫାଲଗୁନ । ସନ ୧୩୦୯ ସାଲ ଶନିବାର | ଅଗ୍ରୀମ ଟ ୩।<br>ପଶ୍ଚାଦେୟ ଟ ୬।୲ |



## ବିଜ୍ଞାପନ।

### ନୂତନପଞ୍ଜିକା !

ଶକାବ୍ଦା ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

ବଡ଼ ଟ ୦।

ଛୋଟ ଟ ୦୲୵

ମୋଫସଲ ନିମନ୍ତେ ଡାକମାସୁଲ ଟ ୦୵ ଗ୍ରାହକମାନଙ୍କର ରେଲ କିମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## WANTED

A competent clerk on a salary of Rs. 20 per mensem for Khurdah Khasmehal Improvement works to work under the District Engineer at Puri. The applicant should be well up in checking work bills and rendering accounts, write a quick and neat hand, be be prepared to join at once. Applications will be received up to 28th February 1902.

SHRISH CHUNDER SEN
*Clerk*
*for District Engineer* PURI

## ବିଜ୍ଞାପନ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଭଦ୍ରକଠାରୁ କେନ୍ଦୁଝର ଗଡ଼ ଦେଇ ଜଇନ୍ତ ଗଡ଼ ପର୍ଯ୍ୟନ୍ତ ଗାଡ଼ି, ଶଗଡ଼ ଯିବାର ରାସ୍ତା ଖୋଲି ଯାଇଥିବାରୁ ଗତ ଜାନୁୟାରୀ ମାସ ଆରମ୍ଭରେ ମାନନୀୟ ଗଡ଼ଜାତ ମାହାଲର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ଗୁପ୍ତସାହେବଙ୍କ ବଳଦଗାଡ଼ୀ ଅକ୍ଲେଶରେ ଭଦ୍ରକଠାରୁ ଗଡ଼ ପର୍ଯ୍ୟନ୍ତ ଆସିଥିଲା। ଆଗାମୀ ଶିବରାତ୍ରି ଉପଲକ୍ଷେ କେନ୍ଦୁଝର ଗଡ଼ ନିକଟବର୍ତ୍ତୀ ବୋଦାପଲଶା ନାମକ ସ୍ଥାନରେ ମେଳା ହେବ। ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ କଂସା, ପିତଳବାସନ, ମସଲା, ବିଦେଶୀ ବିଲାତି ଲୁଗା, ମନୋହରୀ ପ୍ରଭୃତି ଜିନିଷ ଆଣି ବିକ୍ରୟ କରିବାକୁ ଇଚ୍ଛୁକ ସେମାନେ ଗାଡ଼ିରେ ମାଲ ବୋଝାଇ କରି ନିରାପଦରେ ଆସି ଖରିଦ ବିକ୍ରି କରି ପାରିବେ।
। ଇତି ।

କେନ୍ଦୁଝରଗଡ଼ } Gopal Bullub Das,
୭।୨।୧୯୦୨ } ଦେଓ୍ୟାନ କେନ୍ଦୁଝର ଷ୍ଟେଟ

## ଥରେ ପଢ଼ିଦେଖ ତ ?

କବିରାଜ ଶ୍ରୀ ଛକଡ଼ି କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ। ପ୍ରାତଃକାଳରେ ସମାଗତ ରୋଗିମାନଙ୍କୁ ବିଶେଷ ଯତ୍ନ ସହକାରେ ଦେଖାଯାଏ। ଦରିଦ୍ର ଓ ଅସମର୍ଥ ରୋଗିଙ୍କୁ ବିନା ମୂଲ୍ୟରେ ଔଷଧ ପ୍ରଦତ୍ତ ହୁଏ। ମଫସଲର ରୋଗିମାନେ ରୋଗର ଅବସ୍ଥା ସ୍ପଷ୍ଟରୂପରେ ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ପ୍ରତ୍ୟୁତ୍ତର ଏବଂ ସୁବ୍ୟବସ୍ଥା ସତ୍ୱର ପ୍ରେରିତ ହୁଏ।

### ଶୁକ୍ରବର୍ଦ୍ଧକ ବଟିକା।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭାର୍ଥକାରେ ଏକମାତ୍ର ମହୌଷଧ। ଯେଉଁମାନଙ୍କର ସ୍ୱଳ୍ପ କାରଣବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ଲାଭ କରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ। ଏଥି ସମ୍ବନ୍ଧେ ବାହୁଲ୍ୟ ଅଡ଼ମ୍ବର ନିଷ୍ପ୍ରୟୋଜନ। ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ।

ଏକ ତୋଳା ଔଷଧର ମୂଲ୍ୟ ଟ ୧୲ ମାତ୍ର
ଡାକମାସୁଲ ସ୍ୱତନ୍ତ୍ର।

### କଳ୍ପତରୁ ରସାୟନ।

( ଦେଶୀୟ ସାଲସା। )

ଏଥିରେ ଉପଦଂଶ ( ଗରମୀ, ) କ୍ଷତ, ପାରଦାଦି ଦୋଷଜନିତ ଶରୀରରେ କଳା ଓ ରଙ୍ଗା ଦାଗ ଓ ଫୋଟକ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ଦୂଷିତ ରକ୍ତ ପରିଷ୍କାରର ଅମୋଘ ଔଷଧ।

ସ୍ୱଳ୍ପ ଶିଶି—ଦେଢ଼ଟଙ୍କା।
ତିନି ଶିଶି ଏକତ୍ର—ଟ ୪୲

ଚୌଧୁରୀ ବଜାର } ଶ୍ରୀ ଛକଡ଼ି କର କବିରତ୍ନ
କଟକ } ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ


Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ତା ୮ ଖରେ ଶେଷ ହେବା ସାପ୍ତାହିକ ସରକାରୀ ଟାଇପାରୁ ପ୍ରକାଶ ଯେ ଉକ୍ତ ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ୬ ଲକ୍ଷ ୮୦ ହଜାର ହୋଇଥିଲା । ତହିଁର ପୂର୍ବସପ୍ତାହର ସଂଖ୍ୟା ୬ ଲକ୍ଷ ୬୮ ହଜାର ଥିଲା । ସୁତରାଂ ଏକସପ୍ତାହରେ ଅଧିକଲକ୍ଷରୁ ଅଧିକ ବୃଦ୍ଧି ହେବା ବଡ଼ ଦୁଃଖର ବିଷୟ ଅଟେ । ଇଂରେଜ ରାଜ୍ୟମଧ୍ୟରେ ବମ୍ବେଇ ଓ ହିନ୍ଦୁରେ ଏବଂ ଦେଶୀୟ ରାଜ୍ୟମଧ୍ୟରେ ରାଜପୁତାନା ମଧ୍ୟଭାରତ ବରୋଦା ଓ ବମ୍ବେଇ ଅଞ୍ଚଳର ରାଜ୍ୟୋଗୁଡ଼ିକରେ ବୃଦ୍ଧି ଘଟିଅଛି । ପଞ୍ଜାବରେ ମଧ୍ୟ ସାମାନ୍ୟ ବୃଦ୍ଧି ହୋଇଅଛି ଏବଂ ସେଠାର ଅବସ୍ଥା ଭଲ ନୁହେ ।

———

ସ୍ଥାନାନ୍ତରେ ପ୍ରକାଶିତ ଏକ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ ଭଦ୍ରକଠାରୁ କେନ୍ଦୁଝରଗଡ଼ ବାଟେ ଜଏନ୍ତ ଗଡ଼ ପର୍ଯ୍ୟନ୍ତ ସଡ଼କ ବାଟ ପିଟିଅଛି ଏବଂ ତହିଁରେ ଗାଡ଼ି ଓ ଶଗଡ଼ ଅକ୍ଳେଶରେ ଯିବା ଆସିବା କରୁଥିବାର ଲେଖାଥିବାରୁ ଅନୁମାନ ହେଉଅଛି ଯେ ସଡ଼କ ଭୁଡ଼ା ମାଟିର ନୁହେ ତହିଁରେ ଢଳଢଗ୍ କଣ ହୋଇଅଛି । ତାହା ହେଲେ ସାମାନ୍ୟ ସୁବିଧା ହୋଇ ନାହିଁ । ଦୁର୍ଗମ ଗଡ଼କୁ ଏମନ୍ତ ସୁଗମ କରଦେବା କାରଣ ମହାରାଜାଙ୍କୁ ଧନ୍ୟବାଦ ଦେଉଅଛୁଁ । ସକଳ ଗଡ଼ଜାତ ରଜାଙ୍କର ସ୍ୱ ସ୍ୱ ରାଜଧାନୀକୁ ପକ୍କା ସଡ଼କ ନିର୍ମାଣ କରିବା ପ୍ରତି ଯତ୍ନବାନ ହେବା ଉଚିତ । ସୁଗମ ବାଟ ଦେଶର ଉନ୍ନତିର ଗୋଟିଏ ପ୍ରଧାନ ଉପକରଣ ।

———

ଭାରତୀୟ ଦୁର୍ଭିକ୍ଷ ବହିର ନାମରେ ଗୋଟିଏ ନୂତନ ସଭା ସ୍ଥାପିତ ହେବାର ପାଠକମାନଙ୍କୁ ଜଣା ଅଛି । ଦୁର୍ଭିକ୍ଷର ମୂଳ କାରଣ ନିର୍ଣ୍ଣୟ କରିବା ଅଭିପ୍ରାୟରେ କେତେକ ଗ୍ରାମର ଅବସ୍ଥା ଅନୁସନ୍ଧାନର ଆବଶ୍ୟକତା ଦେଖାଇ ଭାରତୀୟ ସେକ୍ରେଟରୀଙ୍କୁ ବୁଝାଇବା କାରଣ ଖଣ୍ଡିଏ ଆବେଦନ ପତ୍ର ସହିତ ସେହି ସଭାର କେତେଜଣ ସଭ୍ୟ ପ୍ରତିନିଧି ସ୍ୱରୂପ ତାହାଙ୍କ ସମୀପରେ ଉପସ୍ଥିତ ହୋଇ ପ୍ରଦାନ କରିବା କାରଣ ଅନୁମତି ପ୍ରାର୍ଥନା କରିଥିଲେ । ଦୁଃଖର ସହିତ ଅବଗତ ହେଲୁଁ ଯେ ସେକ୍ରେଟରୀ ମହୋଦୟ ତାହା ଗ୍ରାହ୍ୟ କରି ନାହାନ୍ତି ନ ସେମାନଙ୍କର ପ୍ରସ୍ତାବରେ ନୂତନ କଥା କିଛି ନାହିଁ ଅର୍ଥାତ୍ ଆବେଦନ ପତ୍ର ଲିଖିତ ସମସ୍ତ ବିଷୟ ସେକ୍ରେଟରୀ ମହୋଦୟଙ୍କ ଜଣା ଅଛି ଏବଂ ଯେବେ ନୂତନ କିଛି ପ୍ରସ୍ତାବ ବା କଥା ଜଣାଇ ପାରିବେ ତେବେ ତହିଁର ବିଚାର ହେବ । ଏଥିଉତ୍ତାରୁ ନାହିଁ କରିବାକୁ ସବୁ ଜଣାଅଛି ଅଥଚ ଅମ୍ଭମାନଙ୍କର ଦୁଃଖ ଯାଉ ନାହିଁ । ଏହା ଭାଗ୍ୟଦୋଷ ବିନା ଆଉ କ'ଣ ବୋଲାଯିବ ?

———

ପେଲେଗ ରୋଗ ପୁନର୍ବାର ବୃଦ୍ଧି ହେବାର ସରକାରୀ ତାଲିକାରୁ ପ୍ରକାଶ । ଗତବର୍ଷ ଜାନୁଅରୀ ମାସ ଶେଷ ସପ୍ତାହରେ ସମସ୍ତ ଭାରତରେ ଏହି ରୋଗରେ ୩,୪୧୫ ମୃତ୍ୟୁ ଘଟିଥିଲା ମାତ୍ର ଏ ବର୍ଷର ସେହି ସପ୍ତାହରେ ୧୧,୪୪୫ ଏବଂ ତହିଁର ପର ସପ୍ତାହରେ ୧୨,୧୯୨ ମୃତ୍ୟୁ ଘଟିଅଛି । ଏହି ମୋଟ ୧୨,୧୯୨ ମଧ୍ୟରୁ କେଉଁ ପ୍ରଦେଶରେ ଯେତେ ମୃତ୍ୟୁ ହୋଇଅଛି ତହିଁର ତାଲିକା ଯଥା—ପଞ୍ଜାବ ୪,୯୦୨, ଉତ୍ତରପଶ୍ଚିମ ଏବଂ ଅଯୋଧ୍ୟା ୧,୧୮୨, ବମ୍ବେଇ ପ୍ରଦେଶ ୩,୮୬୨, ବମ୍ବେଇ ସହର ୪୦୮, କରାଚି ସହର ୪୪, ମାନ୍ଦ୍ରାଜ ପ୍ରଦେଶ, ୫୭୪, କଲିକତା ୮୨, ବଙ୍ଗଳା ୮୬୨, ମଧ୍ୟପ୍ରଦେଶ ୨ ମହୀସୁର ୫୮୭, ହାଇଦରାବାଦ ୧୯୫ ଓ କାଶ୍ମୀର ୩୭୧ । ଆସାମ ଓ ବ୍ରହ୍ମା ଛଡ଼ା ପ୍ରାୟ ସକଳ ପ୍ରଦେଶରେ ଏ ରୋଗ ବିଦ୍ୟମାନ ଅଛି ଏବଂ ପଞ୍ଜାବ ଓ ଉତ୍ତରପଶ୍ଚିମରେ ବହୁ ଅଧିକ ବିସ୍ତାର ହୋଇଅଛି । ବଙ୍ଗଳାରେ ବୈଦ୍ୟନାଥଦେବ ଗଡ଼ ଅତ୍ୟନ୍ତ ସ୍ୱାସ୍ଥ୍ୟକର ସ୍ଥାନ ଥିଲା । ସମ୍ପ୍ରତି ସେଠାରେ ପେଲେଗର ପ୍ରକୋପ ଏମନ୍ତ ହୋଇଅଛି ଯେ ଦୈନିକ ଟ୍ରିମୃତ୍ୟୁ ୮।୧୦ ଲେଖାଏଁ ହେଉଅଛି ଏବଂ ଲୋକେ ନଗର ଛାଡ଼ି ପଳାଉଅଛନ୍ତି ।

———

ଭାରତ ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ସମ୍ବନ୍ଧରେ ଯେଉଁ କମିଶନ ବସାଇଥିଲେ ସେଥିର ରପୋର୍ଟ ବାହାରିଥିବାରୁ ତାହା ବିଲାତ ପାର୍ଲିୟାମେଣ୍ଟ ମହାସଭାରେ ଅର୍ପିତ ହୋଇଥିଲା । ସେଥିସମ୍ବନ୍ଧରେ ଶ୍ରୀଯୁତ କେନସାହେବ କେତେକ ଆପତ୍ତି କରିଥିଲେ ମାତ୍ର ଅମ୍ଭମାନଙ୍କର ଷ୍ଟେଟ ସେକ୍ରେଟରୀ ମହୋଦୟ ଉକ୍ତ ରପୋର୍ଟରୁ ଧାର୍ଯ୍ୟ କରିଥିବା ମର୍ମେ ପ୍ରସ୍ତାବ ଅନୁମୋଦନ କରି କହିଲେ ଯେ ଗତ ଚାରିଏବର୍ଷର ପୂର୍ବ ଅପେକ୍ଷା ବର୍ତ୍ତମାନ ଭାରତବାସିମାନେ ଅଧିକ ଗରୀବ ହୋଇ ନାହାନ୍ତି । ମଜୁରିର ଦୁଃଖକୁ ଦୂରକରିବା କାରଣ ସେମାନେ ଅଧିକ ସମର୍ଥ ହୋଇଅଛନ୍ତି ଏବଂ ଭାରତର ଭୂମି ରାଜସ୍ୱ ପ୍ରତ୍ୟେକ ବିଭାଗରେ ବୃଦ୍ଧି ପ୍ରାପ୍ତ ହେଉଅଛି । ଭବିଷ୍ୟତ ଦୁର୍ଭିକ୍ଷ ନିବାରଣୋଦ୍ଦେଶ୍ୟରେ ଭାରତ ଗବର୍ଣ୍ଣମେଣ୍ଟ କି ଉପାୟମାନ ଧାର୍ଯ୍ୟ କରିଥିବାର ମଧ୍ୟ ସେ ପ୍ରକାଶ କଲେ ।—ଷ୍ଟେଟ ସେକ୍ରେଟରୀଙ୍କର ଯେତେବେଳେ ଏପରି ମତ ଆମ୍ଭେମାନେ ଆଉ କି ସୁବାସ କରିବା ହେଉଁଠାରେ ? ସେ ଥରେ ଭାରତକୁ ଆସି ଏଠା ଲୋକଙ୍କର ଅବସ୍ଥା ମୋଫସଲମାନଙ୍କରେ ବୁଲି ଦେଖିଲେ ପ୍ରକୃତ କଥା ଏବଂ ସରକାରୀ କାଗଜପତ୍ରର ଅଙ୍କରେ କେତେ ପାର୍ଥକ୍ୟ ଅଛି ବୁଝିପାରନ୍ତେ ।

———

ଭୂଅର ସ୍ୱତ୍ୱର ଅଭାବରୁ ବ୍ୟୟ ଯୋଗାଇବା କାରଣ ବଳଭର ଅର୍ଥ ସଂଗ୍ରହର ଅନ୍ୟାନ୍ୟ ଉପାୟ ମଧ୍ୟରେ ଲୁଣ ଉପରେ ଟିକସ ବୃଦ୍ଧି କରିବାର ବିଷୟ ଶୁଣୁଅଛନ୍ତି ଏବଂ ଏହା ଶୁଣି ଭାରତର ହିତାକାଂକ୍ଷୀମାନେ ମହା ଚିନ୍ତିତ ହୋଇ ଏଥି ମଧ୍ୟରେ ପ୍ରତିବାଦ ଆରମ୍ଭ କରିଅଛନ୍ତି । ସେ ଧନ ପଠାଇବାରେ ଗୋଟିଏ ଭାବ ସଙ୍ଗ ହୋଇଥିଲା ଏବଂ କଣିକସଙ୍ଗର ସଭାପତି ଟର୍ଣ୍ଣର ସାହେବ ସେଠାରେ ବକ୍ତୃତା କରି କହିଲେ କି ଭାରତର ଲୁଣର ଅବସ୍ଥା ବର୍ତ୍ତମାନ ଯେପରି ମନ୍ଦ ହୋଇଅଛି ତହିଁ ଉପରେ ଅଧିକ ମାସୁଲ ବସିଲେ ସେ ବ୍ୟବସାୟ ଆଉ ଚାଲିବ ନାହିଁ । ମାସୁଲ ବଢ଼ିବା ଅପେକ୍ଷା ବରଂ ଊଣା ହେବା ଉଚିତ । ଏହି ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇବା କାରଣ ସଭାର ମାନଙ୍କର କେତେଜଣ ପ୍ରତିନିଧି ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କ ସମୀପକୁ ଯିବେ । ସେ ଆହୁରି କହିଲେ କି ଟ୍ରାନ୍ସଭାଲ ସମରସ୍ଥଳକୁ ସୈନ୍ୟ ପଠାଇ ଉପନିବେଶମାନ ଯେପରି ସାହାଯ୍ୟ କରୁଅଛନ୍ତି ଭାରତର ସେଠାକୁ ପଠାଯାଇଥିବା ସୈନ୍ୟର ବ୍ୟୟ ସାହାଯ୍ୟ ସ୍ୱରୂପ ଭାରତର ଟଙ୍କାରୁ ଦିଆଯିବା ଉଚିତ । ଏଥିର ତାତ୍ପର୍ଯ୍ୟ ଏହି କି ଆଫ୍ରିକାର ଯୁଦ୍ଧ ସକାଶେ ଭାରତର ଜନସାଧାରଣ ସାହାଯ୍ୟ କରନ୍ତୁ ଆଉ ଲୁଣ ଉପରେ ହାତ ନ ପଡ଼ୁ କାରଣ ତାହା ସାହେବମାନଙ୍କର ବ୍ୟବସାୟ । ବୁଦ୍ଧିମାନ୍ ମହାମାନ୍ୟ ଲର୍ଡ଼ କର୍ଜନ ବାହାଦୁର ଏ ଯୁକ୍ତିରେ ଭୁଲିବେ କି ନାହିଁ ଦେଖାଯିବ ।

———

ତାଲଚେରର ରାଜା ଗତ ସପ୍ତାହରେ ପ୍ରଦର୍ଶନୀ ଦେଖିବା କାରଣ ଏ ନଗରକୁ ଆସିଥିଲେ । ଶୁଣିଲୁଁ ସେ ଘୋଡ଼ାଗାଡ଼ିରେ ଗଡ଼ଠାରୁ ବାହାରି ସାଢ଼େ ୧ ଘଣ୍ଟା ମଧ୍ୟରେ ଏଠାରେ ପହୁଞ୍ଚିଲେ । ଏହା ରାଜାଙ୍କର କାର୍ଯ୍ୟକ୍ଷମ ପ୍ରଶଂସାସୂଚକ ସନ୍ଦେହ ନାହିଁ । ମାତ୍ର ଭଲ ସଡ଼କ ବିନା ଏତେ ଚାଲି ଆସିପାରନ୍ତେ କି ? ସମସ୍ତ ଗଡ଼ରୁ ଏହିପରି ସଡ଼କବାଟ ପିଟିଗଲେ ରାଜା ଓ ପ୍ରଜା ଉଭୟଙ୍କର ଅନେକ ଉପକାର ହେବ । ବିଶେଷତଃ ରାଜାମାନଙ୍କର ସମୟେ ସମୟେ ସହରକୁ ଆସି ନାନା ବିଷୟ ଦେଖିବା ଏବଂ ଭଦ୍ରଲୋକଙ୍କ ସଙ୍ଗେ ମିଶି ନାନା କଥା ଶୁଣିବାରେ ଲାଭ ଅଛି । ଗଡ଼ ମଧ୍ୟରେ ସର୍ବଦା କେବଳ ଅଧୀନସ୍ଥ ଲୋକ ପରିବେଷ୍ଟିତ ହୋଇ ରହିଲେ ବୃତ୍ତି ବୃତ୍ତିସବୁ ମଳିନ ହୋଇଯାଏ ଏବଂ ଉନ୍ନତିର ଚେଷ୍ଟା କରିବା-

Digitized by srujanika@gmail.com

ତ ସୁଯୋଗ ହୁଅଇ ନାହିଁ । ଫଳରୁ ଏଣିକି ସତ୍ୱର ଉପଯୁକ୍ତ ରେଲବାଟ ଖୋଲା ପଡ଼ିଲାଣି । ଓଡ଼ିଶାରେ ବର୍ତ୍ତମାନ ଯେଉଁ ରେଲବାଟ ଫିଟିଅଛି ତହିଁର ସାମାନ୍ୟ ଅଂଶ ଗଡ଼ଜାତ ଭିତରେ ପଡ଼ିଅଛି । ସମ୍ବଲପୁରଠାରୁ ଖୋରଧା ଷ୍ଟେସନକୁ ଯେଉଁ ରେଲବାଟ ଆସିବାର ପ୍ରସ୍ତାବ ହୋଇଅଛି ତାହା କାର୍ଯ୍ୟରେ ପରିଣତ ହେଲେ ଅନେକ ଗଡ଼ଜାତର ସୁବିଧା ହେବ ଏବଂ ଏକାନ୍ତ ଆଶା କରୁଁ କି ଗଡ଼ଜାତ ସୁପ୍ରିଣ୍ଟେ ସାହେବ ଏ ବିଷୟରେ ପୁନଃ ୨ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧ କରିବାରେ ତ୍ରୁଟି କରିବେ ନାହିଁ ।

———

### ପୁରୀର ହତ୍ୟାକାଣ୍ଡ ।

ଏହି ଶୋଚନୀୟ ଦୁର୍ଘଟଣାର ବିବରଣ ପାଠକମାନଙ୍କୁ ଜଣାଇଅଛୁଁ । ଆହତ ବ୍ୟକ୍ତିମାନଙ୍କ ମଧ୍ୟରୁ ୮ଜଣ ଏଥିମଧ୍ୟରେ ମରି ଯାଇଅଛନ୍ତି । ସୁତରାଂ ୨୮ଜଣ ହତ ହୋଇଅଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ସ୍ତ୍ରୀ ଅଥବା ୨୦ ବର୍ଷର ନ୍ୟୂନ ବୟସର ଲୋକ ଥିଲେ । ମାଜିଷ୍ଟ୍ରେଟଙ୍କର ଅନୁସନ୍ଧାନର ଫଳ ଠିକ ଜଣା ଯାଇ ନାହିଁ । ଲୋକେ ନାନାକଥା କହୁଅଛନ୍ତି । ବିଚାର କରି ଦେଖିଲେ ଘଟନାର ସ୍ଥଳ ଜଗନ୍ନାଥ ବଲ୍ଲଭ ମଠ ଓ ତହିଁର ଉଦ୍ୟାନ ଅତି ପ୍ରଶସ୍ତ ସ୍ଥାନ ହୋଇ ମଧ୍ୟ ଯୋଗ୍ୟ ନୁହେ । ସୁତରାଂ ସ୍ଥାନର ଦୋଷ ଦିଆଯାଇ ନ ପାରେ । ମହାରାଜା ପଣ୍ଡାଙ୍କ ଉପରେ ସମସ୍ତ ଭାର ଦେଇଥିଲେ ଏବଂ ସେ ବିଦେଶୀ । ତାହାଙ୍କୁ ଅବା କ ବୋଲାଯିବ । ମହାପ୍ରସାଦ ଆସିବାରୁ ବିଳମ୍ବ ହେଲା ବୋଲି ଯେବେ ତାହା ମନ୍ଦିରର କର୍ମଚାରୀଙ୍କ ତ୍ରୁଟିରୁ ଘଟିଥାଏ ତେବେ ଅନ୍ତତଃ ସମୟାନୁସାରେ ଭୋଗ ହେବା ପ୍ରତି ଦୃଢ଼ ନିୟମ ହେବା ଉଚିତ । ଯେବେ ଠିକ ସମୟରେ ମହାପ୍ରସାଦ ଆସିଥିଲେ ଏପରି ଘଟି ନ ଥାନ୍ତା ଏବଂ ରାତ୍ର ହେଲେହେଁ ପଣ୍ଡା ଯେବେ ଯଥେଷ୍ଟ ଆଲୁଅର ବନ୍ଦୋବସ୍ତ କରିଥାନ୍ତା ଏବଂ ପୁଲିସକୁ ପୂର୍ବରୁ ଜନତାର ସମ୍ବାଦ ଦେଇ ଶାନ୍ତିରକ୍ଷା ନିମନ୍ତେ ସତର୍କ କରି ଦେଇଥାନ୍ତା ତାହାହେଲେ ତାହାର ଦାୟିତ୍ୱ ଅନେକ ଲଘୁ ହୋଇଥାନ୍ତା । ମାତ୍ର ସେ ତାହା କରି ନ ଥିଲେହେଁ ପୁଲିସର ଦାୟିତ୍ୱ ଏକାବେଳେ ଲଘୁ ହୋଇ ନ ପାରେ । ପୁଲିସ ସଦରଥାନାର ଅତି ନିକଟ ଜଗନ୍ନାଥବଲ୍ଲଭ ମଠଠାରେ ବ୍ରାହ୍ମଣ ଭୋଜନ ହେବାର କଥା ପୁଲିସକୁ ଅଜଣା ନ ଥିବ । ଅନ୍ତତଃ ସହସ୍ର ୨ ବ୍ରାହ୍ମଣ ସେଠାରେ ଜମା ହେବାର ଦେଖିଥିବେ । କ୍ରମେ ରାତ୍ର ହୋଇ ଅନ୍ଧକାର ଘୋଟିଆସିଲା ଏବଂ ଆଲୋକର ଭଲ ବନ୍ଦୋବସ୍ତ ନ ଥିବାର ଯେବେ ଦେଖିଲେ ତେବେ ଶାନ୍ତିରକ୍ଷାର ବିଧାନ କରିବା ଅବଶ୍ୟ କର୍ତ୍ତବ୍ୟ ଥିଲା । ବିଶେଷତଃ କେତେଜଣ କନଷ୍ଟେବଲ ସେଠାରେ ଉପସ୍ଥିତ ଥିଲେ । ସେମାନଙ୍କୁ ଯେବେ ଭିଡ଼ ବଳାଇଲା ତେବେ ଥାନାକୁ ସମ୍ବାଦ ଦେଇଥିଲେ ଅଧିକା ପୁଲିସମାନଙ୍କର ସାହାଯ୍ୟ ନିମନ୍ତେ ତତ୍ପରତାରେ ଆସିପାରନ୍ତେ ଓ ସେମାନେ ଯାହା କହନ୍ତେ ପଣ୍ଡା ତାହା ନ ମାନିବାର ସାଧ ନ ଥିଲା । ଏ ସମସ୍ତ କଥା ବିଚାର କଲେ କଣ ନ ବୋଲିବ ଯେ ପୁଲିସର ବିଶେଷ ତ୍ରୁଟି ହୋଇ ନାହିଁ ? ବରଂ ପୁଲିସର ବିଶେଷ ତ୍ରୁଟି ହୋଇଅଛି ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି ଏବଂ କେହି୨ ଏମନ୍ତ କହନ୍ତି ଯେ ଉପସ୍ଥିତ ଥିବା ପୁଲିସ କନଷ୍ଟେବଲମାନଙ୍କର ଅଯଥା ହସ୍ତକ୍ଷେପରେ ଲୋକେ ଏଣେତେଣେ ହେବାରୁ ଏ ଦୁର୍ଘଟନା ଘଟିଅଛି । ଏ କଥା ବାସ୍ତବରେ ସତ୍ୟ ହୋଇଥିଲେ ଆହତ ବ୍ୟକ୍ତିଙ୍କର ଏବଂ ପ୍ରତିବାସୀ ଭଦ୍ରଲୋକଙ୍କର ସାକ୍ଷ୍ୟରୁ ତହିଁର ଆଭାସ ପାଯିବ । ଆମ୍ଭମାନଙ୍କର ଏକାନ୍ତ ଅନୁରୋଧ ଯେ ମାଜିଷ୍ଟ୍ରେଟ ସାହେବ ଏ ଦୁର୍ଘଟଣାର ବିସ୍ତାରିତ ତଦନ୍ତ କରି କାହାର ତ୍ରୁଟିରୁ ତାହା ଘଟିଅଛି ତାହା ବାହାର କରିବେ ଏବଂ ତାହା ପ୍ରକାଶ କରି ଜନସାଧାରଣଙ୍କର ଉଦ୍‌ବେଗ ଦୂର କରିବେ ।

———

### ବାଲେଶ୍ୱର ମୁସଲମାନ ଶିକ୍ଷା ସଭା ।

ବାଲେଶ୍ୱରର ମୁସଲମାନ ସମ୍ପ୍ରଦାୟର ଶିକ୍ଷୋନ୍ନତି ସକାଶେ ସେହି ନଗରରେ ଶ୍ରୀଯୁକ୍ତ ରତନ ସାହେବ ମାଜିଷ୍ଟ୍ରେଟ ଥିବା କାଳରୁ ତାହାଙ୍କ ନାମାନୁସାରେ ରତନମଦ୍ରସା ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ତହିଁର କାର୍ଯ୍ୟଭାର ଗୋଟିଏ କମିଟି ହସ୍ତରେ ନ୍ୟସ୍ତ ଅଛି । ମଉଲବି ଇଁଯୁ ଅବଦୁସ ସୋଭାନ ଖାନ ସେହି କମିଟିର ସମ୍ପାଦକ ଅଟନ୍ତି । ଏହି ମଦରସା ମଧ୍ୟ ଇଂରାଜୀ ଶ୍ରେଣୀର ବିଦ୍ୟାଳୟ ଅଟେ ଏବଂ ଏଠା ଛାତ୍ରମାନଙ୍କ ନିମନ୍ତେ କେତେଗୁଡ଼ିଏ ବିଶେଷ ବୃତ୍ତି ରଖା ଅଛି । ଏତେକାଳ ଏହାର କାର୍ଯ୍ୟ ଛଣଘରେ ଚାଲୁଥିଲା । କମିଟି ପ୍ରୟୋଜନୀୟ ଅର୍ଥ ସଂଗ୍ରହପୂର୍ବକ ଗୋଟିଏ କୋଠାଘର ନିର୍ମାଣ କରିବାର ସ୍ଥିର କରିଅଛନ୍ତି । ସେ କୋଠାର ଶୁଭ ହେବା ଉପଲକ୍ଷରେ ଗତ ମାଘ ତା ୨୬ ରିଖରେ ଏକ ସଭା ହୋଇଥିଲା ଏବଂ ସେ ନଗରରେ ଉପସ୍ଥିତ ଥିବା ଗଣ୍ୟମାନ୍ୟ ମୁସଲମାନ ଏବଂ ଅନ୍ୟାନ୍ୟ ଭଦ୍ରଲୋକମାନେ ଅମନ୍ତ୍ରଣମତେ ଉପଗତ ହୋଇଥିଲେ । ଜିଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଓକ୍ସନ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାରେ ମଦ୍ରସାର ସମ୍ପାଦକ ମହାଶୟ ରିପୋର୍ଟ ପାଠ କଲା ଉତ୍ତାରୁ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏକ ବକ୍ତୃତାରେ ବିଦ୍ୟାଳୟର ଉନ୍ନତିରେ ସନ୍ତୋଷ, ତହିଁର ପୃଷ୍ଠପୋଷକ ଏବଂ ପରିଚାଳକମାନଙ୍କର ପ୍ରଶଂସା ଏବଂ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏକତା ଏବଂ ସହାନୁଭୂତିର ହିତକାରିତା ଇତ୍ୟାଦି ଭାବମାନ ପ୍ରକାଶ କଲେ । ତଦନନ୍ତର ସଭାପତି ମହୋଦୟ ନିଜ ବକ୍ତୃତାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭ୍ରାତୃଭାବ ଏବଂ ସହାନୁଭୂତି ରକ୍ଷା ସମ୍ବନ୍ଧରେ ରାଜା ବାହାଦୁରଙ୍କ କଥାର ସମର୍ଥନ କରି ମୁସଲମାନ ଛାତ୍ରମାନଙ୍କୁ ଇଂରାଜୀ ଉଚ୍ଚଶିକ୍ଷା ପ୍ରତି ଏକାନ୍ତ ମନୋଯୋଗୀ ହେବାର ଉପଦେଶ ଦେଇ କୋଠ ଗୃହର ଶୁଭ ଦେଲେ ଏବଂ ସଭା ଭଙ୍ଗ ହେଲା ।

ଉପରଲିଖିତ ବିବରଣମାନ ଗତ ତା ୨୫ ରିଖର ଓଡ଼ିଆ ଓ ନବସମ୍ବାଦରୁ ସଙ୍କଳନ କଲୁଁ । ତହିଁରେ ଯେଉଁଠାରେ ଇଂରାଜୀରେ କାର୍ଯ୍ୟ ବିବରଣ ପ୍ରକାଶିତ ହୋଇଅଛି ତହିଁର ଶିରୋନାମା ‘ବାଲେଶ୍ୱର ମୁସଲମାନ ଶିକ୍ଷା ସଭା’ ବୋଲି ଲେଖାଅଛି । ଏଥିରୁ ଏହି କଟକ ନଗରସ୍ଥ ନଦୀମରସୁଲ ବେଡ଼ା ମଧ୍ୟରେ ଗତ ମାସ ତା ୨୫ ରିଖରେ ଜାତୀୟ ମୁସଲମାନ ସମାଜର କଟକ ଶାଖା ସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁର କାର୍ଯ୍ୟ ବିବରଣରୁ ପ୍ରକାଶ ଯେ ବାଲେଶ୍ୱରର ମୌଲବୀ ଅବଦୁସ ସୋଭାନ ଖାନ ଇଁଯୁ ସାହେବ ସେ ନଗରରେ ଗତ ମାସ ତା ୨୬ ରିଖରେ ଓଡ଼ିଶା ମୁସଲମାନ ଶିକ୍ଷା ସମିତିର ଅଧିବେଶନରେ ଯୋଗ ଦେବା କାରଣ କଟକ ଶାଖା ଦଳର କେତେକ ଜଣ ସଭ୍ୟଙ୍କୁ ଆମନ୍ତ୍ରଣ କରିବାରେ ସେ ପ୍ରସଙ୍ଗ ସଭାରେ ଉପସ୍ଥିତ ହୋଇ ଧାର୍ଯ୍ୟ ହେଲା ଯେ ଓଡ଼ିଶା ମୁସଲମାନ ଶିକ୍ଷାସମିତି ନାମରେ କୌଣସି ସମାଜ ବାଲେଶ୍ୱରରେ ଥିବାର ଜଣା ନାହିଁ । ବିଶେଷତଃ କଟକ ନଗର ଓଡ଼ିଶାର ରାଜଧାନୀ ହୋଇଥିବା ସ୍ଥଳେ କଟକସ୍ଥ ମୁସଲମାନମାନଙ୍କୁ ତହିଁର ଅସ୍ତିତ୍ୱ ଅଜଣା ନ ଥାନ୍ତା ଏବଂ ସେମାନଙ୍କର ଜ୍ଞାନ ଓ ସମ୍ମତି ବିନା ଯେବେ କୌଣସି ସମାଜ ଆପଣାକୁ ଓଡ଼ିଶା ମୁସଲମାନ ଶିକ୍ଷାସମିତି ବୋଲି ବୋଲାଇଅଛନ୍ତି ତେବେ ସେ ନାମ ଭ୍ରମାତ୍ମକ ଅଟେ ଏବଂ ତହିଁର କାର୍ଯ୍ୟରେ କଟକର ମୁସଲମାନମାନେ ବାଧ୍ୟ ନୁହନ୍ତି । ଯାହା ହେଉ ଗତ ତା ୨୬ ରିଖରେ ବାଲେଶ୍ୱରଠାରେ ଓଡ଼ିଶା ମୁସଲମାନ ଶିକ୍ଷାସମିତିର ଅଧିବେଶନ ହେବାର ସେଠାର ସମ୍ବାଦପତ୍ରମାନଙ୍କରୁ ଜଣାଯାଉ ନାହିଁ । ଅତଏବ ଅନୁମାନ ହେଉଅଛି ଯେ କଟକ ମୁସଲମାନମାନଙ୍କର ଆପତ୍ତି ଦେଖି ବାଲେଶ୍ୱରରେ ଓଡ଼ିଶା ମୁସଲମାନ ଶିକ୍ଷାସମିତିର ଅଧିବେଶନ ହୋଇ ବାଲେଶ୍ୱର ମୁସଲମାନ ଶିକ୍ଷାସମିତିର ଅଧିବେଶନ ହେଲା ଏବଂ ଏହା ନ୍ୟାୟସଙ୍ଗତ ହୋଇଅଛି ।

———

Split by PDF Splitter
Digitized by srujanika@gmail.com

Split by PDF Splitter



## ପୁସ୍ତକପ୍ରାପ୍ତି ସ୍ୱୀକାର ।

ସଙ୍ଗୀତ ପ୍ରହ୍ଲାଦ ନାଟକ ।—ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କଦ୍ୱାରା ବିରଚିତ ଏବଂ ପାରଳାଖେମଣ୍ଡିର ଗଜପତି ଯନ୍ତ୍ରାଳୟରେ ମୁଦ୍ରିତ । ଏହା ବଡ଼ ଅଡ଼ାର ପୃ ୧୦୬ ପୃଷ୍ଠା । ଗଜବଂଶୀୟଙ୍କ ମଧ୍ୟରେ ନାଟକ କ୍ଷେତ୍ରରେ ଆମ୍ଭେମାନେ ପ୍ରଥମେ ଖଡ଼ିଆଳ ରାଜକୁମାରଙ୍କ ଯୋଗଦାନ ଦେଖିଥିଲୁଁ । ତାଙ୍କ ପ୍ରଣୀତ "ପ୍ରେମଲତା" ନାଟକ ପାଠ କରି ପ୍ରୀତି ଲାଭ କରିଥିଲୁଁ । ବର୍ତ୍ତମାନ ପାରଳାଖେମଣ୍ଡିର ରାଜକୁମାରଙ୍କୁ ସମାଲୋଚ୍ୟ ନାଟକ ସହିତ ଉପସ୍ଥିତ ହେବାର ଦେଖିଲୁଁ ବଡ଼ ଆନନ୍ଦର ବିଷୟ । ରାଜକୁମାରମାନେ ନାଟକ ରଚନା କରିବାରେ ପ୍ରବୃତ୍ତ ହୋଇଥିବା ସ୍ଥଳେ ଅଚିରେ ଦେଶରେ ସ୍ଥାୟୀ ନାଟ୍ୟଶାଳା ସ୍ଥାପିତ ହେବାର ସମ୍ଭବ । ନାଟକ ଦୃଶ୍ୟ କାବ୍ୟ ଏବଂ ତହିଁର ଅଭିନୟ ନ ହେଲେ ତାହା ଅକର୍ମଣ୍ୟ କାରଣ ଅଭିନୟଦ୍ୱାରାହିଁ ନାଟକର ଭାବ ସମ୍ୟକ୍‌ରୂପେ ପ୍ରତ୍ୟକ୍ଷ ହୁଏ । ଓଡ଼ିଶା ପରି ଗରିବ ଦେଶରେ ରାଜକୁମାରମାନେ କୃତସଙ୍କଳ୍ପ ହୋଇ ସ୍ଥାୟୀ ନାଟ୍ୟଶାଳାର ସୂତ୍ରପାତ କରି ନ ଦେଲେ ଏବଂ ଅନ୍ୟର ରଚିତ ନାଟ୍ୟକାଭିନୟ ଦେଖାଇବାର ଚେଷ୍ଟା ନ କଲେ ଆଉ କିଏ ତାହା କରିବାକୁ ସମର୍ଥ ହେବ ? ସମାଲୋଚ୍ୟ ନାଟକଟି ଗୀତିକାବ୍ୟ ଏବଂ ଅନେକ ରାଗ ରାଗିଣୀ ଓ ତାଳ ଦକ୍ଷିଣୀ ଅଥବା ପ୍ରକୃତ ଓଡ଼ିଆ ଢଙ୍ଗରେ ଲେଖା ହୋଇଅଛି । ଦୁଃଖର ବିଷୟ ଯେ ଓଡ଼ିଆ ସଙ୍ଗୀତର ସ୍ରୋତ ଏ ଅଞ୍ଚଳରେ ଊଣା ପଡ଼ୁଅଛି ଏବଂ ସାଧାରଣ ରୁଚି ଉତ୍ତର ପଶ୍ଚିମ ବା ବଙ୍ଗଳା ଢଙ୍ଗକୁ ଧାଇଁଅଛି । ନାଟକଗତ ବିଷୟଟି ଭକ୍ତିରସାତ୍ମକ ଏବଂ ସେହି ରସ ଉଦ୍ଦୀପନ ଅପେକ୍ଷା ସଙ୍ଗୀତ ପ୍ରତି ଅଧିକ ଲକ୍ଷ୍ୟ ଥିବାରୁ ସମ୍ଭବତଃ ନାଟକର ଯେଉଁ ଚରିତ୍ରରେ କେତେ ତ୍ରୁଟି ଲକ୍ଷିତ ହେଉଅଛି । ପୌରାଣିକ ବୃତ୍ତାନ୍ତ ମଧ୍ୟ ଠିକ ରକ୍ଷା ହୋଇ ନାହିଁ ଏବଂ ଦକ୍ଷିଣୀ ଭାଷାଦୋଷ ଅନେକ ସ୍ଥଳେ ରହି ଯାଇଅଛି । ବିଷ୍ଣୁପୁରାଣରୁ ଲେଖକ ବୃତ୍ତାନ୍ତଟି ନେଇ ଥିବାର ପ୍ରକାଶ କରିଅଛନ୍ତି ମାତ୍ର ବିଷ୍ଣୁପୁରାଣର ବର୍ଣ୍ଣନାନୁସାରେ ଚରିତ୍ର ଲେଖା ହୋଇ ନାହିଁ । ବିଷ୍ଣୁପୁରାଣରେ ସ୍ତମ୍ଭରୁ ନୃସିଂହ ବାହାରିବାର କଥା ନାହିଁ । ତହିଁର ପ୍ରଥମାଂଶ ବିଂଶାଧ୍ୟାୟରେ ସମୁଦ୍ର ଗର୍ଭରୁ ପ୍ରହ୍ଲାଦ ଉଠି ଆସିଲା ପରେ ହିରଣ୍ୟକଶିପୁ ଆପଣା ଅସଦ୍‌ବ୍ୟବହାର ମନେ କରି ପ୍ରହ୍ଲାଦଙ୍କ ପ୍ରତି ଉତ୍ପୀଡ଼ନ ଶାନ୍ତ ହେଲା ପ୍ରୀତିବାନ ହୋଇ ଅନୁତାପ କଲେ । ପରେ ନୃସିଂହସ୍ୱରୂପ ହରି ତାଙ୍କୁ ନାଶ କଲେ ଏବଂ ଟୀକାକାର ଲେଖିଲେ "ଜାଲାନ୍ତରେ" ହରି ନାଶ କଲେ । କେବଳ ଶ୍ରୀମଦ୍ଭାଗବତର ସପ୍ତମ ସ୍କନ୍ଧରେ ଏ ବର୍ଣ୍ଣନା ଅଛି ଏବଂ ସମ୍ଭବତଃ ତାହାକୁ ଅବଲମ୍ବନ କରି ଲେଖକ ଲେଖିଅଛନ୍ତି । ଶ୍ରୀମଦ୍ଭାଗବତରେ ହିରଣ୍ୟକଶିପୁ ସ୍ତମ୍ଭରେ ମୁଷ୍ଟି ପ୍ରହାର କରିଥିବାର ଲେଖାଅଛି ( ୭ମ ସ୍କନ୍ଧ, ୮ମ ଅଧ୍ୟାୟ ) ସ୍ଥୂଳରେ ନାଟକ ଖଣ୍ଡିକ ପାଇ ଯେତେ ଆନନ୍ଦ ଲାଭର ଆଶା କରିଥିଲୁଁ ପାଠ କରି ସେତେ ପାଇଲୁଁ ନାହିଁ । ଭରସା କରୁଁ ଗ୍ରନ୍ଥକାର ଆମ୍ଭମାନଙ୍କ କଥାରେ ବିରକ୍ତ ନ ହୋଇ ଆପଣାର ରଚନାର ଉନ୍ନତି କରିବାରେ ଯତ୍ନଶୀଳ ହେବେ ।

କାଶୀ ଦର୍ପଦଳନ ଏବଂ ଧ୍ରୁବଚରିତ ।—ଏହି ଦୁଇ ନାଟକ ମଧ୍ୟରୁ ପ୍ରଥମଟି ଉପରଲିଖିତ ଶ୍ରୀ ପଦ୍ମନାଭ ନାରାୟଣ ଦେବ ଏବଂ ୨ୟଟି ତାହାଙ୍କର ଅଗ୍ରଜ ଓ ପାରଳାଖେମଣ୍ଡିର ଅଧୀଶ୍ୱର ଶ୍ରୀ ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବଙ୍କଦ୍ୱାରା ରଚିତ ଏବଂ ସେଠାର ଗଜପତି ଯନ୍ତ୍ରାଳୟରେ ମୁଦ୍ରିତ । ଏ ଦୁଇ ପୁସ୍ତକର ଆକାର ମୁଦ୍ରାଙ୍କନ କାର୍ଯ୍ୟ ଭାଷା ଇତ୍ୟାଦି ପ୍ରାୟ ସମାନ ଏବଂ ପ୍ରହ୍ଲାଦ ନାଟକ ସମ୍ବନ୍ଧରେ ଯେ ମନ୍ତବ୍ୟ ଉପରେ ବ୍ୟକ୍ତ ହୋଇଅଛି ଏହି ପୁସ୍ତକ ଦ୍ୱୟ ପ୍ରତି ନ୍ୟୂନାଧିକ୍ୟରେ ଖାଟୁ ଥିବାରୁ ଅଧିକ କହିବା ଅନାବଶ୍ୟକ । ଉତ୍କଳସାହିତ୍ୟର ପୁଷ୍ଟି ବିଷୟରେ ଏମାନଙ୍କର ଯତ୍ନ ଓ ଅଧ୍ୟବସାୟ ଦେଖି ଆମ୍ଭେମାନେ ଏକାନ୍ତ ପ୍ରୀତ ହୋଇଅଛୁଁ ଏବଂ ଯଦ୍ୟପି ନ ତାହା ଆଶାନୁରୂପ ସଫଳ ହେବାର କହି ପାରୁ ନାହୁଁ ତହିଁର କାରଣ ବୋଧ କରୁଁ ଏ ଅଞ୍ଚଳର ଉଚ୍ଚବଂଶ୍ୟ ମଣ୍ଡଳୀ ସହିତ ସଦାଳାପର ଅଭାବ କଳା ଅତ୍ର କରୁ ନୁହେ । ଯେଉଁସ୍ଥଳେ ଗ୍ରନ୍ଥକାରମାନଙ୍କର ଇଚ୍ଛା ଓ ସଙ୍ଗତି ଅଛି ସେସ୍ଥଳେ ଅନାୟାସରେ ସେମାନେ ସେ ଅଭାବ ମୋଚନ କରି ପାରନ୍ତି ।

---

## କଟକ ପ୍ରଦର୍ଶନୀ ।

ସନ ୧୮୯୮ ସାଲ ଅର୍ଥାତ୍ ଗତ ପାଞ୍ଚବର୍ଷରୁ ଏହି ପ୍ରଦର୍ଶନୀ ପ୍ରତିବର୍ଷ ଥରେ ହେଉଥିବାରୁ ଏହାକୁ ପଞ୍ଚମ ପ୍ରଦର୍ଶନୀ ବୋଲିବାକୁ ହେବ । ଏହା ଗତ ତା ୭ ଖରେ ଫିଟି ଗତ ଗୁରୁବାର ତା ୧୩ ରଖରେ ଶେଷ ହେଲା । ଆନନ୍ଦର ବିଷୟ ଯେ ପ୍ରତିବର୍ଷ ଏହାର କ୍ରମଶଃ ଉନ୍ନତି ଦେଖା ଯାଉଅଛି ଏବଂ ଆଶା ହେଉଅଛି ଯେ ସମ୍ମିଳିତଭାବରେ ଚେଷ୍ଟା ହେଲେ ଅଧିକ ବୃଦ୍ଧି ହେବ । ଗତ ବର୍ଷ ପ୍ରଦର୍ଶିତ ଦ୍ରବ୍ୟର ସଂଖ୍ୟା ୮୯୨ ଥିଲା ମାତ୍ର ଏ ବର୍ଷ ୧,୦୩୮ ରୁ ଉଠିଥିଲା । ତହିଁ ମଧ୍ୟରେ ଦୁଇଭାଗ ଫୁଲ, ଫଳ, ଶାକସବଜି ଫଳ ଓ ଶସ୍ୟାଦି ଉଦ୍ୟାନ ଓ କୃଷିଜାତ ଏବଂ ଏକଭାଗ ଶିଳ୍ପାଦି ଶ୍ରମଜାତ ଦ୍ରବ୍ୟ ଥିଲା । ଏଥର ପ୍ରଦର୍ଶନୀ ଟିକିଏ ପ୍ରସାରିତ ହୋଇ ପଶୁ ପକ୍ଷୀର ଗୋଟିଏ ନୂତନ ଶ୍ରେଣୀ ଫିଟିଥିଲା । ଏହା ଛଡ଼ା ସତଲମାଲୁର ନୂତନ ଯନ୍ତ୍ରରେ ଲୁଗା ବୁଣିବା କାର୍ଯ୍ୟ ଏଠାରେ ଯେଉଁ ତନ୍ତିମାନେ କଲି କୋଉଡ଼ରୁ ସାହାଯ୍ୟରେ ଶ୍ରୀରାମପୁରରୁ ଶିଖି ଆସିଥିଲେ ସେମାନଙ୍କଦ୍ୱାରା ସେହି ଯନ୍ତ୍ର ଓ ତହିଁରେ ଲୁଗା ବୁଣା କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା ଏବଂ ମୟୂରଭଞ୍ଜର ବାଦ୍ୟକାର ଦଳ ସୁମଧୁର ବାଦ୍ୟରେ ସମସ୍ତଙ୍କୁ ମୋହିତ କରୁଥିଲେ । ଏହି ଦଳ ପଲଟନର ବାଦ୍ୟଦଳ ସ୍ୱଭାବରେ ଗଠିତ ହୋଇଅଛି ଏବଂ ଏ ଦଳର ୧୦।୧୨ ଜଣ ଲୋକ ଏକତ୍ର ମିଶି ଇଂରାଜୀ ନାନା ଯନ୍ତ୍ରରେ ଇଂରାଜୀ ଏବଂ ଦେଶୀୟ ବିବିଧ ରାଗରାଗିଣୀର ଗୀତମାନ ବଜାଉଥିଲେ । ଓଡ଼ିଶାରେ ଏ ବାଦ୍ୟ ନୂତନ ଏବଂ ମୟୂରଭଞ୍ଜର ରାଜା ଜଣେ ବଙ୍ଗାଳି ଶିକ୍ଷକ ଆଣି ସ୍ୱରାଜ୍ୟ ଲୋକମାନଙ୍କୁ ଶିକ୍ଷା ଦେଇ ରାଜକାର୍ଯ୍ୟରେ ରଖି ଯେମନ୍ତ ସୁରୁଚିର ପରିଚୟ ଦେଇଅଛନ୍ତି ତେମନ୍ତ ଏ ବିଷୟରେ ଅଗ୍ରଗଣ୍ୟ ହୋଇଅଛନ୍ତି । ବାସ୍ତବରେ ଓଡ଼ିଶାର ଦେଶୀୟ ରାଜା ମଧ୍ୟରେ ସଙ୍ଗୀତର ସମାଦର ମୟୂରଭଞ୍ଜ ରାଜାଙ୍କଠାରେ ଅଧିକ ଏବଂ ଭାରତର ନାନା ସ୍ଥାନର ଗାୟକ ବାଦକ ସେଠାକୁ ଆସି ରାଜାଙ୍କ ଗୁଣଗ୍ରାହିତାରେ ପୁରସ୍କୃତ ହୁଅନ୍ତି । ଓଡ଼ିଶାର ପ୍ରାୟ ସମସ୍ତ ରାଜଭବନ ଏବଂ ବର୍ତ୍ତମାନ ଦେବାଳୟରେ ନିତ୍ୟ ନାନା ବାଜା ବାଜିବାର ଶୁଣା ଅଛି । ମାତ୍ର ପ୍ରାୟ ସର୍ବତ୍ର ଦର୍ଶନ ହାବାଳୀ ବା ଢକ୍କା ତେଲିଙ୍ଗି ବାଦ୍ୟ ଭିନ୍ନ ଆଉ କିଛି ଶୁଣା ଯାଏ ନାହିଁ । ଆଶା କରୁଁ ମୟୂରଭଞ୍ଜର ଆଦର୍ଶ ଅନେକଙ୍କର ରୁଚି ପରିବର୍ତ୍ତନର ସହାୟତା କରିବ ।

ଆମ୍ଭମାନଙ୍କର ଲବ୍ଧପ୍ରତିଷ୍ଠ କମିଶନର ଶ୍ରୀଯୁକ୍ତ ଗ୍ରୀଅର ସାହେବ ପ୍ରଥମରେ ଏଥର ପ୍ରଦର୍ଶନୀ ଫିଟାଇଥିଲେ । ଗତ କେତେକ ବର୍ଷରୁ ଏହି ଅନୁଷ୍ଠାନଟି ଲୋପ ହୋଇଥିଲା । ଶ୍ରୀଯୁକ୍ତ ଗ୍ରୀଅର ସାହେବ ତାହା ପୁନର୍ଜୀବିତ କରି ଆମ୍ଭମାନଙ୍କର କୃତଜ୍ଞତା ଭାଜନ ହୋଇଅଛନ୍ତି । ସେ ଏହି ଉପଲକ୍ଷରେ ଯେଉଁ ବକ୍ତୃତା ପାଠ କରିଥିଲେ ତାହା ଅତ୍ୟନ୍ତ ସହାନୁଭୂତି ଏବଂ ସଦୁପଦେଶ ପୂର୍ଣ୍ଣ ଏବଂ ସ୍ୱଦେଶର ଉନ୍ନତି କାମନାର ଉତ୍କୃଷ୍ଟ ଦର୍ପଣ ଅଟେ । ସେହି ସୁନ୍ଦର ଇଂରାଜୀ ବକ୍ତୃତାଟି ଅନ୍ୟତ୍ର ପ୍ରକାଶ କଲୁଁ । ତହିଁର ସଂକ୍ଷେପ ମର୍ମ ଏହି କି ପ୍ରଦର୍ଶନୀର କଳ୍ପନା ପ୍ରଥମେ ଆମ୍ଭମାନଙ୍କର ପରମ ସ୍ନେହମୟୀ ସ୍ୱର୍ଗୀୟା ମାତା ଭିକ୍ଟୋରିଆଙ୍କ ସ୍ୱାମୀ ଏବଂ ବର୍ତ୍ତମାନ ଭାରତ ସମ୍ରାଟଙ୍କର ପିତାଙ୍କ ମନରେ ଉଦୟ ହେଲା । ସେ ସନ ୧୮୫୧ ସାଲରେ ପ୍ରଥମେ ବିଲାତରେ ପ୍ରଦର୍ଶନୀ ରଚନା କଲେ ଏବଂ ତହିଁର ସୁଫଳ ଦେଖି ନାନା ଦେଶର ରାଜା ଓ ଲୋକମାନେ ସମୟେ ସମୟେ ତହିଁର ଅନୁଷ୍ଠାନ

Digitized by srujanika@gmail.com

## ନୂତନ ପୁସ୍ତକ ।

ଜାନକୀ ଗୀତା ୨ୟ ଭାଗ ଟ ୦ ।
ତୁଳସୀ ଚୌତିଶା ଓ ଭଜନମାଳା ଟ ୦ /
ମହୀରାବଣ ଯୁଦ୍ଧ ଟ ୦ /୨
ପ୍ରବନ୍ଧ ଅକ୍ଷୟଚନ୍ଦ୍ର ବା ଜାଦମଣି
ଉପନ୍ୟାସ ଟ ୦ ୳/

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳବ ।

TRADE MARK — W. MAJOR & CO'S MEDICAL LABORATORY, CALCUTTA — REGISTERED

ଅତ୍ୟାଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ–ସେହି
"ଇଲେକ୍‌ଟ୍ରୋ ସାଲସା ।"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଅଦ୍ଭୁତ ଓ ଅଲୌକିକ ।

ଆଉ ନାନାରୂପ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ନାନାରୂପ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ବିକ୍ରୟ ହେଉଅଛି ଦେଖି ବିଦେଶରୁ ସେହିପରି ପ୍ରଶଂସା ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଜନ୍ୟ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସର୍ବ ପ୍ରକାର ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୩ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚକତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ନ୍ୟାୟତଃ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ସରକାରରେ ପ୍ରଚଳିତ ଓ ରକ୍ଷିତ ହୋଇଥିବା ସ୍ୱଦେଶୀ ଓ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଭଳି କମ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ବହୁଯୋଗ୍ୟ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧାବଳୀ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସୀମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଭଜନ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବର୍ତ୍ତମାନ ହାସପାତାଲରେ ଉପଯୁକ୍ତ ରୋଗିରୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ ଭିକ୍ଷୁକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଙ୍ଗପ୍ରତ୍ୟଙ୍ଗ ଫୁଲିବା, କ୍ଷତ୍ରେ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଳି-ଗରମି ଓ ପାରଦ ଘା, ନାକ ଓ ତାଳୁର ଘା-ଦେହରେ ବା ହସ୍ତ ଓ ପଦ ତଳରେ ଫାଟି ଯିବା-ଧଳା ବା କଳା ଛିଟ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଲକ୍ଷଣାଦି ପୁଣି ପାପ ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ନିୟମିତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଫେରାଇବାକୁ,– ତଥା ଯାବତୀୟ ଶୁକ୍ରବ୍ୟାଧି– ଅର୍ଥାତ୍–ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡିବା, ମୂତ୍ର-ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କୋଷ୍ଠ ମଳ ବେଗରେ ବୀର୍ଯ୍ୟ ନିର୍ଗତ, ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚିତ୍ତର ଅସ୍ଥିରତା, କାର୍ଯ୍ୟ ପ୍ରବୃତ୍ତି, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ରେ ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଯିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ନିଶାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ-ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ଯଥା ଭ୍ରମରେ ବଶ କଦାପି କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ହିଁ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ମଧ୍ୟ ଅଦ୍ୟାବଧି ନିରାଶ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ–ବହୁ ପ୍ରଶଂସାପତ୍ର–ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ ।

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି । ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗବର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ ।

Digitized by srujanika@gmail.com

ଏହିପରି ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଅପରାଧୀ ବୋଲି ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA — TRADE MARK

ଅନେକାନେକ ପ୍ରଦେଶସ୍ଥ ଜନସ୍ୱର୍ଗବାସୀ ମହାମାନ୍ୟ ଡାକ୍ତର ଜେନସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ ;—

"ଇଉକଲିପ୍ଟା ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଭାରତବର୍ଷରେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଏହାର ପ୍ରାୟ କୌଣସି ଔଷଧରେ ଅପେକ୍ଷା ହୁଅନ୍ତି ନାହିଁ, ଏହା ଡାକ୍ତରମାନେ ସେଥିପାଇଁ ଅବାକ୍ ହୋଇ ଆଶ୍ଚର୍ଯ୍ୟ ହେଉଅଛନ୍ତି ଏହି ମହୌଷଧ ସେବନ କରନ୍ତୁ !

ଇଉକଲିପ୍ଟା ସାଲସା,—ଅପୋଗଣ୍ଡ ଉପାୟରେ ସ୍ୱାସ୍ଥ୍ୟରକ୍ଷଣରେ ତାକ୍ତରଗଣଙ୍କ ସମସ୍ତ ଉଦ୍ଭାବନା ଶୀଘ୍ର ମାନବ ଦେହରେ ଏହାର ଆଶ୍ଚର୍ଯ୍ୟ କ୍ରିୟା ପ୍ରକାଶ ପାଏ ଏବଂ ସ୍ୱଦେଶବାସୀ ଔଷଧ ସେବନକାରୀମାନଙ୍କର ମନରେ ହୁଏ ଯେମନ୍ତ ଏପର୍ଯ୍ୟନ୍ତରେ କୌଣସି ବୈଜ୍ଞାନିକ କିମ୍ବା ଯନ୍ତ୍ରର କଥା ନାହିଁ ଯେ । ଏଥିପାଇଁ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ଦର୍ଶନ । !

ବିଜ୍ଞାନ—ଆମ୍ଭମାନଙ୍କ ଶିକ୍ଷା ଦେଉଅଛନ୍ତି ଯେ ଜଗତର ଅକ୍ଷୟଶକ୍ତି ଏକୋଠାଂ ଶକ୍ତି ହିଁ ସକଳର ମୂଳ । ଜଗତର ପ୍ରକୃତ ତାପ ଶକ୍ତିର ସେବା ଅନୁଗ୍ରହ । ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଲା, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ତତ୍ତ୍ୱଜ୍ଞ ପଣ୍ଡିତମାନେ କୋଲସ୍, ବାଇଂଗ୍‌ସନ୍‌ର ସହଯୋଗରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅନୁସନ୍ଧାନରେ ସମ୍ପୂର୍ଣ୍ଣ ବୈଜ୍ଞାନିକ କ୍ରିୟା ଦ୍ୱାରା ପ୍ରୋଢ ଆୟୁର୍ବେଦର ବହୁତ ସଙ୍ଗେ ଏବଂ ପରୀକ୍ଷାମାନରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉପଶମ ହୁଏ । ପ୍ରତି ଦେହ ସ୍ୱାସ୍ଥ୍ୟପ୍ରାପ୍ତ ବୈଜ୍ଞାନିକ ଶକ୍ତିର କ୍ଷମତା ସେବନକାରୀଙ୍କୁ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସୁନିଶ୍ଚିତ । ମାତ୍ର ଔଷଧ ସମସ୍ତିଙ୍କର ଯେ ଗନ୍ଧବର ସେପରି ରକ୍ଷା ହୋଇ ନ ପାରେ । ଜଗତର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ଯେ ଅଦ୍ଭୁତ ସମ୍ବନ୍ଧ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଇଉକଲିପ୍ଟସ୍ ବୃକ୍ଷର ସାରଭାଗକୁ ଆବିଷ୍କାର କରନ୍ତି ଏବଂ ସେଥି ଦେହରେ ତାହାର କାର୍ଯ୍ୟ ପ୍ରୟୋଗ କରନ୍ତି କାଳ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ଯେତେଗୁଡ଼ିଏ ରୋଗ ଅଛି ସେସବୁ ଦମନ କରିବାକୁ ସମର୍ଥ ହୁଅନ୍ତି ! ଫଳରେ ଦୁର୍ବଳ କିମ୍ବା ମଧ୍ୟ ବୟସ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଜଙ୍କୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଥଚ ଏହି ବିଂଶଶତାବ୍ଦୀର ପ୍ରାରମ୍ଭରେ ବଙ୍ଗଳାର ମହାମହିମ କ୍ଷମତାଶାଳୀ ଭାରତର ସେହାର ଡାକ୍ତରଗଣଙ୍କ ଅଧ୍ୟବସାୟ ପ୍ରୟୋଗାର୍ଥ ତାହାକୁ ଅବଶ୍ୟ ସେଥିର କାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧ ପ୍ରଚାର କରି ଆସୁଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପେକ୍ଷା ସ୍ୱଭାବରେ ଉତ୍ତମ ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଅଲ୍ପ କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣବର୍ଣ୍ଣନ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥ କାହାକୁହିଁ ଯେଉଁ ପରୀକ୍ଷା ଦେଖିବାକୁ ହେବ ନାହିଁ ଅତଏବ ଏହି ମହୌଷଧକୁ ଏହି କଥାବାର୍ତ୍ତାକୁ, ଏହି ବୈଜ୍ଞାନିକ ସମ୍ମତ "ଇଉକଲିପ୍ଟା ସାଲସା" କୁ ପରୀକ୍ଷା କରି ଦେଖନ୍ତୁ କେତେ ଶୀଘ୍ର ଫଳ ପାଇବ ଅବର୍ଷଣ ତେବେ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ଉତ୍ସାହ ପୁଣି ଫେରିପାଇବ ।

ରକ୍ତ ଦୂଷିତ ହେବା, ଗଳିତକୁଷ୍ଠ, ଅମ୍ଳପିତ୍ତ, ଉପଦଂଶ, ଗର୍ମି, ନାଲିଘା, ଖାଉଜଣ୍ଡ, ବାତ, ଶୂଳ, ଶକ୍ତିହୀନତା ପ୍ରମେହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ତ ଝରିବା, ମୂତ୍ରକୃଚ୍ଛ୍ର, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଉତ୍କଟ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଅପେକ୍ଷା ଦେବହିଁ ହେବ । ବହୁସଂଖ୍ୟ ଲୋକେ ପ୍ରତ୍ୟହ ଦୃଷ୍ଟି ଲାଭକରେ ଦେଖ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ଗୋଟି ଶିଶି ଟ ୧।୦ ୩ ଶିଶିର ଟ ୩॥, ୬ ଶିଶିର ଟ ୬॥, ଡଜନର ଟ ୧୨।୦ ଡାକମାସୁଲ ପଠାଇବାର ଡାକମାସୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ଟ ୦।୵, ୩ ଶିଶିରେ ଟ ୦।୵, ୬ ଶିଶିରେ ୵, ଡଜନରେ ଟ ୧।୵ ।

ଆମ୍ଭମାନଙ୍କର ଚିଠିପତ୍ର ପଠାଇବାର ଠିକଣା

W. MAJOR & Co } ଡାକ୍ତର, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta




ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋଂ ଆଶ୍ଚର୍ଯ୍ୟ ଔଷଧାବଳୀ ।

ଭାରତବାସୀ ସେବକର ଆଉ ଦ୍ୱିତୀୟ କାରଣ ନାହିଁ ।

ସାଲସା ସାଦାସ ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ଦୁର୍ବଳ ଲୋକମାନଙ୍କ ଓ ବଳକାରକ ସାଲସା ଉପଦଂଶ ( ଗରମୀ ବେରମୀ ) ଓ ପାରଦ ବ୍ୟବହାର ଜନିତ ସବ୍ରପ୍ରକାର ରୋଗ, ବଣ୍ଡ, ବାତ, ଚେର ଘାଆ ଓ ଗୋଡ଼ର ଦରାଣ୍ଡ ଘାଆ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ କୃଶତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ସେବନକାରୀ ଅନେକେ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଭଲ ରଖିବାକୁ ଚିରଦିନ ପାଇବାର ଅବସର,

ମୂଲ୍ୟ ଟ ୧୩ ମାସୁଲ ଟ ୦।

ଅଣ୍ଟି ଇନୋଟିଜାଇ ମିକଶ୍ଚର ।—ମୂତ୍ରର ଓ ପ୍ରସ୍ରାବର ମେହ, ମୂତ୍ରନଳୀର ପ୍ରଦାହ ଓ ଛିଦ୍ର, ପ୍ରସ୍ରାବକାଳୀନ ଜ୍ୱାଳା ଓ ରକ୍ତପାତ, ସମସ୍ତ ଧାତୁଜନିତ, ମୂତ୍ରକୃଚ୍ଛ୍ର, ଗୋଗାଡ଼ିବାଗୋ ଭୋଜନର ପ୍ରଭାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଟିକେ ଦୁର୍ଗନ୍ଧ ଏବଂ ସଂକ୍ରାମକ ଉପଦଂଶ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଏହାର ବହୁଗୁଣ ଓ ଉତ୍କର୍ଷ କହିବାକୁ ଏହା ଭଲ ଅନ୍ୟ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ଉତ୍କଟ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଅପେକ୍ଷା ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସାମୟିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୩ ମାସୁଲ ଟ ୦।

ସଲଫେଟୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ସ୍ନାୟବିକ ଦାଉ, ଶୁକ୍ରଦ୍ରବ ଅଧିକରୁ ସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ସାଂଘାତିକ ପୀଡ଼ାର ଅବ୍ୟର୍ଥ ମହୌଷଧ । ଏହାକୁ ସେବନ କଲେ ମସ୍ତିଷ୍କରେ ଓ ଅଙ୍ଗରେ ବଳ ବଢ଼ିବ ବଳୀୟାନ୍ ହୋଇ ସ୍ୱାଭାବିକ ଶକ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନକାରୀର ପୁରୁଷତ୍ୱ ଲୋପ ଅପେକ୍ଷା ନ ହୁଏ ବାଦ୍ୟରେ ଉତ୍କଣ୍ଠା ଥିଲେ ଅନ୍ୟ ଔଷଧର ଦରକାର ରହିବ ନାହିଁ ।

ମୂଲ୍ୟ ଟ ୧୪ ମାସୁଲ ଟ ୦।୵

ଷ୍ଟାର୍ଚ୍ଚାରିମ ପ୍ରେଷର ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଘାଆ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଅପେକ୍ଷା ହୁଏ । ଏହା ତୁଲ୍ୟ ଘାଆ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଅତେ ବ୍ୟବହାର କଲେ ବୁଝି ପାରିବେ ;

ମୂଲ୍ୟ ଟ ୦।୵ ଡାକମାସୁଲ ଟ ।୵

ଠିକଣା—ଏ, ସଟନ୍ ଏଣ୍ଡ କୋଂ
୬ ୪୪ ନଂ ଅମରତଲା ଷ୍ଟ୍ରିଟ କଲିକତା

କଟକ ନଗରରେ ଅଦ୍ୱିତୀୟ ମେଡିକଲ ହଲ ନାମକ ଡାକ୍ତରଖାନାର 'ମାଧବ ଡାକ୍ତର ଅଶ୍ୱିନୀକୁମାର ଘୋଷ ଆମ୍ଭମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚା ଟ ୦ ୮ ଆଣାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ତୁଲ୍ୟଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ଅରୁଣୋଦୟ ଯନ୍ତ୍ରାଳୟରେ ଛାପା ହୋଇ ମାଲିକ ଗୌରୀଶଙ୍କର ରାୟଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

**NEW YORK LIFE INSURANCE COMPANY**

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ

ଶ୍ରୀ ମଧୁସୂଦନ ରାଓ ଓ ଶ୍ରୀ ମଧୁସୂଦନ ଦାସଙ୍କ ପ୍ରଣୀତ

ଅଙ୍କପୁସ୍ତକ (ଦୁଇଭାଗ)

ଶ୍ରୀ ମଧୁସୂଦନ ରାଓଙ୍କ ପ୍ରଣୀତ

ଅଙ୍କପ୍ରଶ୍ନ ସମାଧାନ

ଅଙ୍କପୁସ୍ତକର ୧ମ ଭାଗ ନିମ୍ନପ୍ରାଇମେରୀ ସ୍କୁଲ ଓ ଅନ୍ୟ ସ୍କୁଲମାନଙ୍କର ନିମ୍ନ ଶ୍ରେଣୀମାନଙ୍କ ନିମିତ୍ତ, ମୂଲ୍ୟ ଟ° । ୵

୨ୟ ଭାଗ ଉଚ୍ଚପ୍ରାଇମେରୀ ଓ ମଧ୍ୟମ ଶ୍ରେଣୀ ସ୍କୁଲମାନଙ୍କ ନିମିତ୍ତ, ମୂଲ୍ୟ ଟ° ।

ଅଙ୍କପ୍ରଶ୍ନସମାଧାନ ମୂଲ୍ୟ ଟ° ।

ଏହି ପୁସ୍ତକମାନ ଅନ୍ୟାନ୍ୟ ଗଣିତପୁସ୍ତକମାନଙ୍କ ସଙ୍ଗେ ତୁଳନା କରି ଦେଖନ୍ତୁ ।

କଟକ କର୍ମିଲ ସ୍କୁଲରେ ଶ୍ରୀ ପ୍ରଫୁଲ୍ଲ ରାଓଙ୍କ-ଠାରେ ଓ କଟକର ପୁସ୍ତକ ଦୋକାନମାନଙ୍କରେ ପ୍ରାପ୍ତବ୍ୟ । ଶ୍ରୀ ପ୍ରଫୁଲ୍ଲ ରାଓଙ୍କଠାରୁ ଏକାବେ-ଳକେ ୫ ଖଣ୍ଡ ବା ତତୋଧିକ କିଣିଲେ ଟଙ୍କା-ରେ ଟ°୵ କମିଶନ ପାଇବେ ।

ଶ୍ରୀ ଅଙ୍କପୁସ୍ତକରେ ଥିବା ସମସ୍ତ ପ୍ରଶ୍ନମାନ ଅଙ୍କପ୍ରଶ୍ନ ସମାଧାନରେ କରା ଯାଇଅଛି ।

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।

୧୩ । ୨ ନଂ ବଡ଼ବୋଣ୍ଡ ଷ୍ଟ୍ରୀଟ, ସିମୁଲିଆ, କଲିକତା ।

ଏହି ସ୍ଥାନରେ ସମସ୍ତ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାତୀୟ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

# ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ବୃହତ୍ କୃତ ଯୋଗସିଦ୍ଧ ବିଷମହୌଷଧ) ।

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ଚିକିତ୍ସାରେ ରୋଗସମୂହ ଅସାଧ୍ୟ ହେଲେ, ଜଗତରେ ଏପରି ମହୌଷଧ ଆଉ ନାହିଁ । ଯକୃତ୍ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ ଉଦ୍ଗାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦ୍‌ରୋଗ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାଚକା ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପ୍ରସ୍ରାବଦ୍ୱାର, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ ।

୪୮ ବଟିକାପୂର୍ଣ୍ଣ ଏକ ଟିଣର ମୂଲ୍ୟ ଅଠଅଣା । ୧୦୦ ବଟିକାପୂର୍ଣ୍ଣ ଏକ ଟିଣର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇଅଣା ।

# ବିଜ୍ଞାପନ ।

## କୁଙ୍କୁମୀ ତୈଳ ।

ଯେଉଁମାନେ ପଢିଶୁଣି କମ୍ପା ତତୋଧିକକାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରୀ) ହୋଇ କଷ୍ଟ ଭୋଗ କରୁଥିବେ, କମ୍ପା କୌଣସି ପ୍ରକାର କଷାଣ ଖାଇଥିବାରୁ ଯେଉଁମାନଙ୍କର ଅଙ୍ଗ ଗଣ୍ଡ ଧରିଥିବ ଅଥବା ଶରୀରରେ ବାତଫୁଟ ଅମ୍-ବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋ-ଇଥିବ ସେମାନେ ଆମ୍ଭର ଏହି କୁଙ୍କୁମୀ ତୈଳ ଦ ୩ ଦିନ ମାତ୍ର ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତୈଳ ବ୍ୟବହାରଦ୍ୱାରା ଯାଜପୁର, । ବ । ମୟୂରଭଞ୍ଜ ଓ ଜାମଦ୍ଧାର ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଳ କ୍ରୟ କରି-ବାକୁ ଅନିଚ୍ଛା କରନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କୁ ଜାମିନ ଦେଲେ ଅନା-ୟାସରେ ଔଷଧ ଦିଆଯିବ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ ୩ ଡାକ ଖର୍ଚ୍ଚ ପ୍ରଭୃତି ଟ ୦ ୵ ଏହା ଛଡ଼ା ଆମ୍ଭ ଔଷଧାଳୟରେ ଭାବତୀୟ ରୋଗର ବଡ଼-ଖଣ୍ଡୀ ଔଷଧ, ନାନାପ୍ରକାର ତୈଳ, ଘୃତ, ଭସ୍ମ, ବଟିକା, ଅରିଷ୍ଟ, ପାଳସା ପ୍ରଭୃତି ବିକ୍ରି ପାଇଁ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁ-ପେବଲ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇ-ପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

ବାହାବଲପୁର
ଯାଜପୁର ପୋଃ ଅଃ
କଟକ
} ଶ୍ୟାମବନ୍ଧୁ ଦାସ
କବିରାଜ

# ବିଜ୍ଞାପନ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଖରିଦ କରାଯାଏ । ନାନାସ୍ଥାନର ରଜା ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରଣପୁର, ଝଞ୍ଜରପଲା, ସୋନପୁର, ପାଟଣା, କଣ୍ଡଆଲ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେର, ଝାଡ଼ିଜସ୍ପୁର ରଜାମାନଙ୍କ ନିକଟରେ ତଦନ୍ତ କଲେ ଆମ୍ଭର ନିଷ୍ଠା କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ରୁମାଲ, କିଂଖାପ, ବାଫ୍ତା, ଚଙ୍ଗୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଜରିଦାର ଗଠିତ ଅସ୍ତ୍ର ପ୍ରଭୃତି ଛଡ଼ା ସୁନା ରୂପାର ଦାଖଲ, ହୀରା ଜହର ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ଅଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାଗି ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଟୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି


Digitized by srujanika@gmail.com

## ବିଜ୍ଞାପନ ।

ଅଉ ଡାକ୍ତାରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ନେନେଗୁଡ଼ିଏ ଲତା ଓ ଗୁଳ୍ମ କର୍ଯ୍ୟାସିସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆରେ ଅନୁମୋଦିତ ଅସ୍ୱଗନ୍ଧ, ଯଷ୍ଟିମଧୁ ଓ ଶତମୂଳୀ ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହୋଇଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାକୁ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ଚିହ୍ନ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜୀନ ଗୁଣ ସ୍ଥାୟୀ ।

ଡ୍ୟାନଜୀନ—ମଦ, ଅଫିମ, ସିଦ୍ଧି, ଗଞ୍ଜେଇ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଧନୀ ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଞ୍ଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରମୂତ୍ରରେ ପ୍ରସ୍ରାବର ବେଗ, ପ୍ରସ୍ରାବ ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂତ୍ରଦୁଷ୍ଟ, ଧୁକ୍‌ଧୁକ୍ ହୃଦ, ଚକ୍ଷୁ ଜ୍ୱାଳା, ଆଖିକୁ ଝଲିପଡ଼ିବା, ହାତଗୋଡ଼ ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ଋତୁ ସ୍ରାବ, ବନ୍ଧ୍ୟତ୍ୱ, ଋତୁକାଳରେ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚସା, ନାକଘା, ଦାଦ୍ରୁ, ଭଗନ୍ଦର, ଖାଣ୍ଟୁ ଇତ୍ୟାଦି ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନ୍‌କନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୫ । ୩ ବୋତଲ ଟ ୪୲୦ ଆ, ୬ ବୋତଲ ଟ ୭୵ ଆ ଓ ୧୨ ବୋତଲ ଟ ୧୪୲୦ ଆ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବ, ଜ, ଏଣ୍ଡ କୋଂ

ହେଡ଼ଅଫିସ—ନ ୧୦ ମ୍ବର ଅପର ଚିତ୍ପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ ସମ୍ମୁଖରେ ।

---

## ୨୪ ଘଣ୍ଟାରେ ଯାଦୁଭ ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୫୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅସ୍ମୃତ ମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦ ୯ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଆର, ବା, ଜା ଏଣ୍ଡ କୋଂ ନ ୧୦ମ୍ବର ଅପର ଚିତ୍ପୁର ରୋଡ କଲିକତା


---

☞ ମୂଲପତ୍ର ଦେଖ ।

Digitized by srujanika@gmail.com

REGISTERED No. C. 81.

69

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖଣ୍ଡ ୩୭ ଶ
୪୮ ସଂଖ୍ୟା

CUTTACK, SATURDAY THE 22nd FEBRUARY 1902.
ତା ୧୧ ଶ ଫାଲ୍ଗୁନ । ସନ ୧୩୦୯ ସାଲ ଶନିବାର

ଅଗ୍ରିମ ୪ ଟ
ପଶ୍ଚାଦେୟ ୪ ୧୮

ବିଜ୍ଞାପନ ।

ନୂତନ ପଞ୍ଜିକା !

ଶକାବ୍ଦ ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।
ଛୋଟ ଟ ୦ ୧୨

ଗୋଟଏଲ କମଲେ ଡାକମାସୁଲ ଟ ୦/
ଯେଉଁମାନଙ୍କର ରେଲ ବା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରି

PUBLIC WORKS DEPARTMENT.

## NOTICE

It is hereby notified that the undermentioned CANALS will be CLOSED for Annual Repairs during the periods specified below:—

The Taldanda and Machgong Canals will be closed from 15th March to 15th April 1902, both days inclusive.

The Kendrapara Canal to Bosepore Lock; Gobri and Gobri Extension Canals, (jagathpur to Alba) from 20th April to 5th May 1902, both days inclusive.

The Kendrapara Canal below Bosepore Lock (Bosepore to Jambu) from 20th April to 20th May 1902, both days inclusive.

The High Level Canal, Ranges I, II and III, and Jajpur Canal, from 20th April to 10th June 1902, but will be opened sooner if there is sufficient water in the rivers.

Cuttack, 12th February 1902 } W. A. INGLISH, *Superintending Engineer, Orissa Circle.*



West End Watch Key winding Lever watch full jewelled
Guaranteed for four years

No. 935 to 1000

| | | |
|---|---|---|
| Hunting | ... ... | Rs. 25 |
| Half hunting | ... ... | Rs. 28 |

No. 800 to 1000

| | Cylender | Lever |
|---|---|---|
| Courvoiser freres hunting | Rs. 14 | 16 |
| Do. half hunting | Rs. 16 | 18 |

No. 900 to 1000

| | | |
|---|---|---|
| Extra Quality | | |
| Hunting ... | Rs. 16 | 19 |
| Half hunting ... | Rs. 18 | 21 |

No. 800 to 1000
White field & Co. Lever watch
Guaranteed for three years.

| | | |
|---|---|---|
| Hunting | ... | Rs. 16 |
| Half hunting | ... | Rs. 18 |
| 18 Carat gold guard muff Chain | | Rs. 28 A. 0 |
| Silver guard muff Chain | | Rs. 2 A. 4 |

S. ABDUL AZIZ
Gold and Silver wire netting supplier
Cuttack
Watch Importer
and
Spectacle Dealer
CUTTACK

## NOTICE

Wanted a state Pleader for Mourbhunj State. He will get a salary of Rs. 50 per month, a fee of Rs. 8 per diem in Criminal cases, Conducted on behalf of the state, subject to a maximum of Rs. 32 per case, and the usual fee in Civil cases. None need apply who is not a B. L. and has not practised as a pleader for at least 3 years and does not been a pure character. Preference will be given to one who can read and write Oriya. The selected candidate shall have to enter into an agreement to stick to the post for at least 3 years.

Applications will be received by the undersigned up to the 15th March 1902.

17-2-02 } Mohini Mohan Dhar, *State Judge*, Mourbhanj.

Digitized by srujanika@gmail.com

## ଉତ୍କଳଦୀପିକା ।

ଏ ସପ୍ତାହରେ ଆସିଥିବା ସରକାରୀ ତାଲିକାରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ଲୋକସଂଖ୍ୟାରେ ଅନ୍ତର ୫୧,୮୯୫ ଯୋଗ ହୋଇ ମୋଟ ୩,୦୭,୯୫୭ ହୋଇଅଛି । ଅଧିକାଂଶ ବୃଦ୍ଧି ବମ୍ବେଇ ଓ ସିନ୍ଧୁପ୍ରଦେଶରେ ଘଟିଅଛି ।

---

ଭାରତର ପ୍ରାଚୀନ କାର୍ଯ୍ୟ ସମୂହର ସଂରକ୍ଷଣର ସୁବ୍ୟବସ୍ଥା କରିବା ଅଭିପ୍ରାୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗୋଟିଏ ନୂତନ ପଦର ସୃଷ୍ଟି ପାଞ୍ଚବର୍ଷ ନିମନ୍ତେ କରିଅଛନ୍ତି । ସେହି ପଦର ନାମ ଭାରତୀୟ ପ୍ରାଚୀନ କାର୍ଯ୍ୟର ଡାଇରେକ୍ଟର ଜେନେରଲ ଏବଂ ଶ୍ରୀଯୁକ୍ତ ଜେ, ଏଚ, ମାର୍ଶଲ ସାହେବ ତହିଁରେ ନିଯୁକ୍ତ ହୋଇଅଛନ୍ତି । ପ୍ରାଦେଶିକ ଶାସନକର୍ତ୍ତାମାନେ ଏ ସମ୍ବନ୍ଧରେ ଯେଉଁ କାର୍ଯ୍ୟ କରୁଅଛନ୍ତି ତାହା କରିବେ ଏବଂ ବ୍ୟୟ ଯୋଗାଇବେ । ଉକ୍ତ କର୍ମଚାରୀ କେବଳ ସେମାନଙ୍କୁ ପରାମର୍ଶ ଇତ୍ୟାଦିଦ୍ୱାରା ସାହାଯ୍ୟ କରିବେ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏହି କାର୍ଯ୍ୟପାଇଁ ବାର୍ଷିକ ଅଧିକା ଏକଲକ୍ଷ ଟଙ୍କା ଦେବାର ଯାହା ସ୍ଥିର କରିଅଛନ୍ତି ତାହା କେଉଁ ପ୍ରଦେଶର କ କ କାର୍ଯ୍ୟରେ ବ୍ୟୟ ହେବ ତାହା ବାଛି ଦେବେ ଓ ଯେତେ କାର୍ଯ୍ୟ ହେବ ତହିଁର ବାର୍ଷିକ ରିପୋର୍ଟ ଦେବେ ।

---

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ ଓଡ଼ିଶାର କାନାଲମାନ ବାର୍ଷିକ ମରାମତି ନିମନ୍ତେ ନିମ୍ନଲିଖିତରୂପେ ବନ୍ଦ ହେବ । ଯଥା—

ତାଳଦଣ୍ଡା କାନାଲ—ସନ ୧୯୦୨ ସାଲ ମାର୍ଚ୍ଚମାସ ତା ୧୫ ରିଖଠାରୁ ଅପ୍ରେଲମାସ ତା ୧୫ ରିଖ ପର୍ଯ୍ୟନ୍ତ ।

କେନ୍ଦ୍ରାପଡ଼ା କାନାଲ ଜଗତ୍‌ପୁରଠାରୁ ଅଲଗ୍ରା ଯାଏ—ସନ ୧୯୦୨ ସାଲ ଅପ୍ରେଲମାସ ତା ୨୦ ରିଖଠାରୁ ମଇମାସ ତା ୫ ରିଖ ପର୍ଯ୍ୟନ୍ତ ଏବଂ କୋଣପୁରଠାରୁ ଜମ୍ବୁ ପର୍ଯ୍ୟନ୍ତ ଅପ୍ରେଲ ତା ୨୦ ରିଖଠାରୁ ମଇ ତା ୨୦ ରିଖ ପର୍ଯ୍ୟନ୍ତ ।

ହାଇଲେଭେଲ କାନାଲର ୧ମ, ୨ୟ, ଓ ୩ୟ ରେଞ୍ଜ ଓ ଯାଜପୁର କାନାଲ—ତା ୨୦ ରିଖ ଅପ୍ରେଲଠାରୁ ଜୁନ ତା ୧୦ ରିଖ ପର୍ଯ୍ୟନ୍ତ ମାଣ୍ଡ ନଦୀରେ ଜଳ ଦେଲେ ତହିଁ ଦ୍ୱାରରୁ ପିଟି ପାରେ ।

---

ଗତ ରବିବାର ଦିବସ ଓଡ଼ିଶା ଦକ୍ଷିଣଗଡ଼ୀ କାୟସ୍ଥ ସଭାର ୨ୟ ବାର୍ଷିକ ଅଧିବେଶନ ହୋଇଥିଲା । ବର୍ତ୍ତିତବର୍ଷରେ ସଭା କତିପୟ ପାଞ୍ଚଗୋଟି ଛାତ୍ର ଶିକ୍ଷାପ୍ରାପ୍ତ ହୋଇଥିଲେ ଓ ଏକବିଂଶତି ସଭାର ଛାତ୍ରାବାସରେ ଅନ୍ତର ଦଶଗୋଟି ଛାତ୍ର ଭଡ଼ା ଘରରେ ବାସ କରି ଶିକ୍ଷା କରୁଥିଲେ । ଗତବର୍ଷ ସଭାର ଆୟ ଟ ୨୪୫।୵ ଓ ବ୍ୟୟ ଟ ୪୩୨।୵ ଯାଇ ବାକି ଟ ୫୧୨।୵ ଜମା ଥିଲା ବର୍ତ୍ତମାନବର୍ଷରେ ଆୟ ଟ ୫୧୧।୵୭ ମଧ୍ୟରୁ ଟ ୪୭୨।୵ ଖରଚ ଯାଇ ପୂର୍ବ ବାକି ସହିତ ଟ ୩୫୫।୵୭ ଜମା ଅଛି । ଯାହାହେଉ ସୁଖର ବିଷୟ ଯେ ଖରଚ ଅପେକ୍ଷା ଆୟ ବେଶୀ ଥିଲା ଓ ପୂର୍ବବର୍ଷର ଜମା ଅପେକ୍ଷା ଜମା ମଧ୍ୟ ବୃଦ୍ଧି ହୋଇଅଛି । ସଭାର ପ୍ରଧାନ ଆୟ ମାସିକ ଚାନ୍ଦା ବ୍ୟତୀତ ବିବାହ ପ୍ରଭୃତିରେ ମର୍ଯ୍ୟାଦା ଏକକାଳୀନ ଦାନଦ୍ୱାରା ଯାହା ବୃଦ୍ଧି ହୋଇଅଛି । ଶିକ୍ଷା କାର୍ଯ୍ୟରେ ସଭାର ବ୍ୟୟ ଅଧିକ ପଡ଼ିଅଛି । ସଭାର କାର୍ଯ୍ୟ ସାମାଜିକ ଓ ଶିକ୍ଷା ବିଷୟକ ଅଟେ ସୁତରାଂ ଏପରି ଗୋଟିଏ ସାମ୍ପ୍ରଦାୟିକ ସଭାଦ୍ୱାରା ଅବଶ୍ୟ ଦେଶର ଉନ୍ନତିର ସମ୍ଭାବନା ଓ ଏପରି ସଭା ଯେତେ ଅଧିକ ହୁଏ ସେତେ ମଙ୍ଗଳ ଦାୟକ ଅଟେ ।

---

ଗତ ତା ୧୨ ରିଖରେ ଲର୍ଡ ଡଫରିନ ଏ ସଂସାରରୁ ବିଦାୟ ହୋଇଗଲେ । ବିଲାତର ସମ୍ବାଦପତ୍ରମାନେ ତାହାଙ୍କର ଅପାର ଯଶଃ ଘୋଷଣା ପୂର୍ବକ ଶୋକ ପ୍ରକାଶ କରୁଅଛନ୍ତି । ଗତ ପୂର୍ବ ଶୁକ୍ରବାର ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାର ବୈଠକରେ ମହାମାନ୍ୟ ଲାଟ କର୍ଜନ କାର୍ଯ୍ୟାରମ୍ଭ ପୂର୍ବେ ଏହି ଶୋକାବହ ଘଟଣା ସମ୍ବନ୍ଧ ଲର୍ଡ ଡଫରିନଙ୍କର ଅନେକ ପ୍ରଶଂସା କୀର୍ତ୍ତନ କରି କହିଲେ ଯେ ସେ ପ୍ରବୀଣ କଯୁଣ ଏବଂ ସାର୍ବକାଳର ବହୁଦର୍ଶିତା ଯେଉଁ ରାଜପ୍ରତିନିଧି ବା ବଡ଼ଲାଟ ସ୍ୱରୂପ ଭାରତକୁ ଆସିଥିଲେ ଏବଂ ତାହାଙ୍କର ୪ ବର୍ଷ ଶାସନ କାଳରେ ସେ ଯେମନ୍ତ ଏକ ଦିଗରେ ଭାରତର ସୀମାମାନ ବିସ୍ତାର ଏବଂ ବହିର୍ଦ୍ଦେଶର ଶକ୍ତିମାନଙ୍କ ସହିତ ମିତ୍ରତା ସୁଦୃଢ଼ କରି ଯାଇଅଛନ୍ତି ତେମନ୍ତ ଅନ୍ୟ ଦିଗରେ ରାଜ୍ୟ ମଧ୍ୟରେ ଶାନ୍ତି ଏବଂ ସନ୍ତୋଷ ଅନେକ ପରିମାଣରେ ବଢ଼ାଇ ଅଛନ୍ତି । ଲର୍ଡ ଡଫରିନ ସନ ୧୮୮୪ ସାଲରେ ଭାରତର ଗବର୍ଣ୍ଣରଜେନେରଲ ହୋଇ ଆସିଥିଲେ । ବାହାରର ବ୍ୟାପାର ମଧ୍ୟରେ ଉତ୍ତରବ୍ରହ୍ମଦେଶକୁ ଇଂରାଜ ରାଜ୍ୟ ସଙ୍ଗେ ଯୋଗ କରିବା ଏବଂ ଭିତରର ବ୍ୟାପାର ମଧ୍ୟରେ ଦେଶୀୟଲୋକଙ୍କ ଅନୁକୂଳରେ ବ୍ୟବସ୍ଥାପକ ସଭାମାନଙ୍କର ସଭ୍ୟ ନିଯୋଗ ପ୍ରଥା ବିସ୍ତୃତ ପ୍ରସାର କରିବା ତାହାଙ୍କର ପ୍ରଧାନ କାର୍ଯ୍ୟ ଅଟେ ।

---

ଗତ ସୋମବାର ଅପରାହ୍ନ ୫ ଘଣ୍ଟାଠାରୁ ରାତ୍ରି ୭ ଘଣ୍ଟା ପର୍ଯ୍ୟନ୍ତ ଏ ନଗରର କନିକା ରାଜବାଟୀରେ ଗୋଟିଏ ଉଦ୍ୟାନ ମିଳନ ହୋଇଥିଲା । କନିକା ରାଜା ଏହି ଉପଲକ୍ଷରେ ଏ ନଗରର ଅନେକ ଇଉରୋପୀୟ ଦେଶୀୟ ଭଦ୍ରମହିଳା ଏବଂ ଭଦ୍ରଲୋକ ଏବଂ ରାଜକୁମାରଙ୍କୁ ଆମନ୍ତ୍ରଣ କରିଥିଲେ । ବର୍ତ୍ତମାନର ମହାରାଜା ଭ୍ରମଣାର୍ଥେ ଏ ନଗରକୁ ଆସିଥିବାରୁ ସେ ଓ ତାହାଙ୍କର ଅଭିଭାବକ ରାଜା ବନଶ୍ୟାମ ଡାକୁର ଆମନ୍ତ୍ରଣ ମତେ ଏହି ମିଳନରେ ଯୋଗ ଦେଇଥିଲେ ଏବଂ ନବୀନ ମହାରାଜାଙ୍କର ଦର୍ଶନ ଲାଭ ଏହି ମିଳନର କେନ୍ଦ୍ରସ୍ୱରୂପ ହୋଇଥିଲା । ମହାରାଜା ଦେଖିବାକୁ ଯେମନ୍ତ ସୁସୁନ୍ଦର ତାହାଙ୍କର ସ୍ୱଭାବ ଓ ବ୍ୟବହାର ତେମନ୍ତ ପ୍ରୀତିକର ଅଟେ । କନିକା ରାଜା ମହୋଦୟ ଆମନ୍ତ୍ରିତ ବ୍ୟକ୍ତିଙ୍କର ମନୋରଞ୍ଜନ ନିମନ୍ତେ ମୟୂରଭଞ୍ଜର ବାଦ୍ୟଦଳ, ଆଖଡ଼ା, କୁସ୍ତି ପାଏକ ଖେଳ, ସଙ୍ଗୀତ ପେଲା ନାଚ, ଆତସବାଜି ପ୍ରଭୃତି ରଖିଥିଲେ ଏବଂ ପାନ ତମାଖୁ ଜଳପାନ ଇତ୍ୟାଦିର ଉତ୍ତମ ବନ୍ଦୋବସ୍ତ ହୋଇଥିଲା । ଆତସବାଜି ଜଳେ ସ୍ଥଳେ ଏବଂ ଆକାଶରେ ପ୍ରଦର୍ଶିତ ହୋଇଥିଲା ଏବଂ ଅନେକ ଲୋକଙ୍କଠାରୁ ତହିଁର ପ୍ରଶଂସା ଶୁଣା ଗଲା । ସର୍ବୋପରେ ଏହି ମିଳନଟି ସର୍ବାଂଶରେ ସଫଳ ହୋଇଥିଲା ଏବଂ ତହିଁ ପାଇଁ କନିକା ରାଜାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଇଣ୍ଡିଆ ଗେଜେଟରେ ଘୋଷଣା ଦେଇଅଛନ୍ତି କି ପ୍ରବଳ ପ୍ରତାପ ଭାରତସମ୍ରାଟ୍ ଏଡ଼ୱାର୍ଡ ୭ମ ଏବଂ ତାହାଙ୍କର ସହଧର୍ମିଣୀ ସାମ୍ରାଜ୍ଞୀଙ୍କର ଶୁଭରାଜ୍ୟାଭିଷେକ କ୍ରିୟା ଯଥାବିଧି ସମାରୋହ ପୂର୍ବକ ଆସନ୍ତା ଜୁନମାସ ତା ୨୬ ରିଖ ଅର୍ଥାତ୍ ବୃହସ୍ପତି ଗୁରୁବାର ଦିନ ବିଲାତରେ ସମ୍ପନ୍ନ ହେବ ଏବଂ ସେହି ମହୋତ୍ସବ ଉପଲକ୍ଷରେ ଭାରତର ରାଜପ୍ରତିନିଧି ଓ ଗବର୍ଣ୍ଣରଜେନେରଲ ବାହାଦୁର ଆସନ୍ତା ସନ ୧୯୦୩ ସାଲ ଜାନୁୟାରୀ ମାସ ତା ୧ ରିଖରେ ଦିଲ୍ଲୀଠାରେ ଏକ ବିରାଟ ଦରବାର କରିବେ । ଏହି ଦରବାରରେ ଉପସ୍ଥିତ ହେବା କାରଣ ଭାରତର ସମସ୍ତ ଗବର୍ଣ୍ଣର, ଲେଫ୍ଟନାଣ୍ଟ ଗବର୍ଣ୍ଣର, ପ୍ରଧାନ ଶାସନକର୍ତ୍ତା, ସମ୍ରାଟଙ୍କର ଅଧୀନ ଦେଶୀୟ ରାଜ୍ୟର କର୍ତ୍ତା, ରାଜା, ରାଜକୁମାର, ସମ୍ଭ୍ରାନ୍ତବଂଶୀ ପ୍ରଭୃତି ଏବଂ ୟୁରୋପୀୟ ଓ ଦେଶୀୟ ପ୍ରଧାନ ବ୍ୟକ୍ତିମାନେ ଆମନ୍ତ୍ରିତ ହେବେ । ଏହି ଉପଲକ୍ଷରେ ପ୍ରବଳ ପ୍ରତାପ ସମ୍ରାଟଙ୍କର ବିସ୍ତୀର୍ଣ୍ଣ ଭାରତଭୂମିର ବିବିଧ ଶ୍ରେଣୀର ଲୋକଙ୍କର ଇଚ୍ଛାନୁସାରେ ଆଉ ଯେ ସମସ୍ତ ଉତ୍ସବ ଓ ଆମୋଦକାର୍ଯ୍ୟ ଅନୁଷ୍ଠିତ ହେବ ତହିଁର ବିସ୍ତାରିତ ଆଦେଶ ଏ ପରେ ପ୍ରଚାରିତ ହେବ । କଥିତ ଅଛି ସନ ୧୮୭୭ ସାଲରେ ଦିଲ୍ଲୀରେ ଯେଉଁ ଦରବାର ହୋଇଥିଲା ଏଥର

Digitized by srujanika@gmail.com

Split by PDF Splitter



ଡରିବାର ତହିଁର ବଳ ଯାଇପାରେ । ଅନ୍ତତଃ ଭଣା ହେବ ନାହିଁ ।

---

## √କୋଠପଦାରେ ନାଟକାଭିନୟ ।

ଶ୍ରୀପଞ୍ଚମୀ ଉପଲକ୍ଷେ ଏ ଜିଲ୍ଲାର କୋଠପଦା ମଠଠାରେ ଯେପରି ମୃଣ୍ମୟୀ ସରସ୍ୱତୀ ଦେବୀଙ୍କ ପୂଜା ଓ ନାଟକାଭିନୟ ଅନ୍ୟାନ୍ୟ ବର୍ଷପରି ଏ ବର୍ଷ ମଧ୍ୟ ହୋଇଥିଲା । ସେଠାରେ ଶ୍ରୀପଞ୍ଚମୀ ଦିନଠାରୁ ଦଶମୀ ପର୍ଯ୍ୟନ୍ତ ମୃଣ୍ମୟୀ ଦେବୀଙ୍କ ପୂଜା ହୁଅଇ । ଏ ବର୍ଷ ପ୍ରତ୍ୟେକ ରାତ୍ରରେ ଭଲ୨ ନାଟକର ଅଭିନୟ ହୋଇଥିଲା । ଓଡ଼ିଆ ନାଟକମାନଙ୍କ ମଧ୍ୟରୁ ବନବାଲା ନାଟକର ଅଭିନୟ ଏକରାତ୍ରରେ ହୋଇଥିଲା । ଅନ୍ୟ ସକଳ ରାତ୍ରରେ ବଙ୍ଗଳାରୁ ଅନୂଦିତ ହର ଅନ୍ୱେଷଣ, ବିକ୍ରମାଦିତ୍ୟ, ଯଦୁବଂଶ ଧ୍ୱଂସ ଏବଂ ପାଣ୍ଡବଙ୍କ ଅଜ୍ଞାତବାସ ନାଟକମାନଙ୍କର ଅଭିନୟ ହୋଇଥିଲା । କେବଳ ବିକ୍ରମାଦିତ୍ୟ ଛଡ଼ା ଅନ୍ୟ ନାଟକମାନଙ୍କର ଅଭିନୟ ସେଠାରେ ପୂର୍ବେ ହୋଇଥିବାରୁ ତହିଁର ଉଲ୍ଲେଖ ଅନାବଶ୍ୟକ । ନୂତନ ନାଟକ ବିକ୍ରମାଦିତ୍ୟର ଅଭିନୟ ଭଲ ହୋଇଥିଲା । ଅଭିନୟ ଓ କଥାବାର୍ତ୍ତା ଦେଖି ନ ଜାଣିଲା ଲୋକେ ଅନୂଦିତ ବୋଲି ସହଜରେ ବୁଝି ପାରିବେ ନାହିଁ । ପ୍ରକୃତରେ ଅନୁବାଦ ଅତି ସୁନ୍ଦର ଓଡ଼ିଆରେ ହୋଇଥିବା ଏବଂ କେତେକ ଓଡ଼ିଆ ରାଗିଣୀର ଗୀତମାନ ସନ୍ନିବେଶିତ ହୋଇଥିବାରୁ ସାଧାରଣ ଲୋକଙ୍କର ତାହା ବିଶେଷ ପ୍ରୀତିକର ହୋଇଥିଲା । ବିଶେଷତଃ ଉଦରେଶ୍ୱରର ଅଭିନୟ ଅତି ସୁନ୍ଦର ହୋଇଥିଲା ଓ ଦର୍ଶକମାନେ ସେ ଭଣ୍ଡ ବ୍ରାହ୍ମଣକୁ ଯେତେଥର ରଙ୍ଗମଞ୍ଚରେ ତାହାର ପ୍ରବେଶ ମାତ୍ରକେ ଆନନ୍ଦିତ ହେଉଥିଲେ । କୋଠପଦା ମଠର ମହନ୍ତ ତପୋନିଧି ରଘୁନାଥପୁରୀ ଗୋସାଇଁଙ୍କର ନାଟକାଭିନୟ ପ୍ରତି ଶ୍ରଦ୍ଧା ପୂର୍ବପ୍ରାୟ ବଳବତୀ ରହିଅଛି ଏବଂ ଏବର୍ଷ କଲିକତାରୁ ଅଟ୍ଲିକାନ ଗେସ ଆଲୋକ ଆଣାଇ ରଙ୍ଗମଞ୍ଚ ଓ ସଭା ସ୍ଥଳକୁ ଆଲୋକରେ ଭସାଇ ଦେଇଥିବାରୁ ଲୋକେ ବିଶେଷ ଆନନ୍ଦିତ ହୋଇଥିଲେ । ଲୋକରଞ୍ଜନ ଉଦ୍ଦେଶ୍ୟରେ ଏତାଦୃଶ ପରିଶ୍ରମ କରି ବଙ୍ଗଳାର ଭଲ୨ ନାଟକର ଅଭିନୟ ଦେଖାଇବାକୁ ଯତ୍ନ ପୂର୍ବକ ଅନୁବାଦ କରିବାର ପରିଶ୍ରମ ଓ ଅଭିନୟ ଦେଖାଇବାର ବ୍ୟୟ ଆନନ୍ଦ ମନରେ ସ୍ୱୀକାର କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଭରସା କରୁଁ ଏ ଦେଶର ଅନ୍ୟାନ୍ୟ ଧନୀ ମହନ୍ତ ଓ ଜମିଦାରମାନେ ମହନ୍ତଙ୍କର ଅନୁକରଣ କରିବାଦ୍ୱାରା ଲୋକମାନଙ୍କର ରୁଚି ଓ ଚରିତ୍ର ଉନ୍ନତ ସଙ୍ଗେ୨ ଉତ୍କଳ ସାହିତ୍ୟର ଅଙ୍ଗ ପୁଷ୍ଟ କରିବେ ।

---

## ପୁରୀ ବ୍ରାହ୍ମଣସମିତି ।

ପୁରୀ ବ୍ରାହ୍ମଣସମିତିର ୨ୟ ଅଧିବେଶନ ନିକଟରେ ହୋଇଥିବାର ପାଠକମାନଙ୍କୁ ଜଣାଇ ଅଛୁଁ । ସେହି ଅଧିବେଶନର ଏତ୍ତିଏ ଦୀର୍ଘ ବିବରଣ ପରି ଅମ୍ଭେମାନେ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ସ୍ଥାନାଭାବରୁ ତାହା ଅବିକଳ ପ୍ରକାଶ କରିବାକୁ ଅକ୍ଷମ ହେବା ହେତୁ ଦୁଃଖିତ ହୋଇ ତହିଁର ସାରାଂଶ ମାତ୍ର ଏଠାରେ ପ୍ରକାଶ କଲୁଁ । ସେହି ସଭାର ସଭାପତି ଶ୍ରୀ ପଣ୍ଡିତ ସଦାଶିବ ମିଶ୍ର କାବ୍ୟତୀର୍ଥ ଏବଂ ତତ୍ତ୍ୱାବଧାରକ ଶ୍ରୀ ବାବୁ ରାମଚନ୍ଦ୍ର ଦାସ ମୁକ୍ତାର ଅଟନ୍ତି । ମୁକ୍ତାର ମହାଶୟଙ୍କୁ ଏହାର ମୂଳାଧାର ବୋଲିବାର କାରଣ ତାହାଙ୍କ ଯତ୍ନରେ ଏହା ସ୍ଥାପିତ ଏବଂ ଏ ପର୍ଯ୍ୟନ୍ତ ସଂରକ୍ଷିତ ହୋଇଅଛି । ବ୍ରାହ୍ମଣମାନଙ୍କର ହିତୋନ୍ନତି ଏ ସଭାର ପ୍ରଧାନ ଉଦ୍ଦେଶ୍ୟ ଏବଂ ସାଧାରଣ ଦାନ ଓ ନିୟମିତ ଚାନ୍ଦାଦ୍ୱାରା ଏହାର କାର୍ଯ୍ୟ ନିର୍ବାହ ହୋଇ ଆସୁଅଛି । ସମ୍ପ୍ରତି ଜ ୩ ଣ ଗରିବ ବ୍ରାହ୍ମଣ ଛାତ୍ର ସଭାରୁ ସାହାଯ୍ୟ ପାଇ ଏକଜଣ ଏଠା କଲେଜର ୨ୟ ବାର୍ଷିକ ଶ୍ରେଣୀରେ ଏବଂ ଜ ୨ ଣ ପୁରୀ ଜିଲ୍ଲା ସ୍କୁଲରେ ପଢ଼ୁଅଛନ୍ତି । ଏହା ଛଡ଼ା ବଙ୍ଗଳା ଓ ଦେବନାଗର ପଢ଼ିବା ପରୀକ୍ଷାରେ ଜ ୩ ଣ ଉତ୍ତୀର୍ଣ୍ଣ ହେବାରୁ ସେମାନଙ୍କୁ ଟ ୨ ୧ଙ୍କା ଲେଖାଏଁ ପୁରସ୍କାର ଦିଆ ଯାଇଥିଲା । ସମିତିର ସଭ୍ୟ ସଂଖ୍ୟା ପ୍ରାୟ ଜ ୧୦୦ ଣ ଏବଂ ସେମାନଙ୍କ ମଧ୍ୟରୁ ଜ ୯ ଣ କାର୍ଯ୍ୟ ନିର୍ବାହକ କମିଟିର ସଭ୍ୟ ସ୍ୱରୂପ ନିର୍ବାଚିତ ହୋଇଅଛନ୍ତି । ଗତ ବର୍ଷରେ ସ୍ୱାକ୍ଷରିତ ଚାନ୍ଦା ଟ ୫୭୦ ୯ଙ୍କା ମଧ୍ୟରୁ ଟ ୨୯୫୧୯, ଏକକାଳୀନ ଚାନ୍ଦା ଟ ୫୭୫, ସୁଧ ଟ ୨୪୫/ ଏବଂ ଅନ୍ୟାନ୍ୟ ପ୍ରକାରେ ଟ ୨୪/୨ ସାଏ ଟ ୩୦୫/୫ ଆୟ ହୋଇଥିଲା । ତହିଁ ମଧ୍ୟରୁ ଛାତ୍ରମାନଙ୍କୁ ସାହାଯ୍ୟଦାନ ଓ ପୁରସ୍କାରରେ ଟ ୭୮୫ ଅର୍ଥ ସଂଗ୍ରହର ପାରିଶ୍ରମିକ କାଗଜପତ୍ର ଡାକମାସୁଲ ଓ ଅନ୍ୟାନ୍ୟ ବ୍ୟୟ ଟ ୧୭୫ ସାଏ ଟ ୮୫୯ଙ୍କା ଖରଚ ଯାଇ ଅବଶିଷ୍ଟ ଟ ୨୧୮୫/୫ ସୁଧ ଟ ୨୧୭/୩ ସେଭିଂସବ୍ୟାଙ୍କ ଏବଂ ଟ ୨୫/୨ ସମ୍ପାଦକଙ୍କ ହସ୍ତରେ ଜମା ଅଛି ।

ଉପରଲିଖିତ ବିବରଣରୁ ଜଣାଯାଏ ଯେ ସମିତିର ଉଦ୍ଦେଶ୍ୟ ଉତ୍ତମ ଏବଂ ତାହା ସାଧନ ପକ୍ଷରେ ଚେଷ୍ଟା ହେଉଅଛି । ପୁରୀରେ ବ୍ରାହ୍ମଣମାନଙ୍କର ଯେପରି ଆଦର ଏବଂ ଉପାୟ ଅଛି ତାହା ବିବେଚନା କଲେ ସଭାର ଆୟ ଅଧିକ ହେବାର ଆଶା କରାଯାଏ ଏବଂ ଶିକ୍ଷା ବିନା ସେ ମର୍ଯ୍ୟାଦା ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ । ଏଥିରୁ ଏକଦରରେ ସ୍ୱାକ୍ଷରିତ ଚାନ୍ଦା ଏତେ ବାକି ପଡ଼ିବା ସେମନ୍ତ ଦାତାମାନଙ୍କର ଆଳସ୍ୟ ଓ ହେଳାର ପରିଚୟ ଦେଉଅଛି ଅନ୍ୟ ପକ୍ଷରେ ପ୍ରକୃତ କାର୍ଯ୍ୟରେ ଅଳ୍ପ ବ୍ୟୟ କରି ଅଧିକ ଟଙ୍କା ଜମା ରଖିବା ସେମନ୍ତ କାର୍ଯ୍ୟ ନିର୍ବାହକମାନଙ୍କର ଅତିରିକ୍ତ ସାବଧାନତାର ପରିଚୟ ଦେଉଅଛି । ସମିତିର ପାଣ୍ଠି ଦୃଷ୍ଟିରେ ଜ ୩ ଣ ସ୍ଥଳେ ଜ ୭ ଣ ଛାତ୍ରଙ୍କୁ ଅନାୟାସରେ ସାହାଯ୍ୟ ଦିଆଯାଇ ପାରେ । କାର୍ଯ୍ୟ ଯେତେ ଅଧିକ ହେବ ଦାତାମାନଙ୍କର ସେତେ ଉତ୍ସାହ ବଢ଼ିବାର ଆଶା କରାଯାଇ ପାରେ ।

---

## ମେଉନିସିପଲ କରଦାତାଙ୍କର ବରାଟସଭା ।

ଗତ ତା ୧୪ ରିଖ ଶୁକ୍ରବାର ଅପରାହ୍ନରେ ଏଠା ମେଉନିସିପଲ ଅଥବା ଜୁବିଲି ବଗିଚାରେ ଏପରି ଗୋଟିଏ ବିରାଟ ସଭା ହୋଇଥିଲା ଯାହା କଏ ନଗରରେ ଅତ୍ୟଳ୍ପ ଦେଖାଯାଇଅଛି । ସଭା ହେବାର ସ୍ଥାନ ଦିନ ଓ ବେଳ ଢେଣ୍ଡରାଦ୍ୱାରା ନଗରରେ ପ୍ରଚାରିତ ହେବାରୁ ପ୍ରାୟ ଦିବା ଘ ୨ ଟା ବେଳରୁ ଲୋକ ଆସିବାର ଆରମ୍ଭ ହେଲା ଏବଂ ଘ ୪ ଟା ବେଳେ ସଭାର କାର୍ଯ୍ୟାରମ୍ଭ ହେବାବେଳେ ଦେଖାଗଲା ଯେ ପ୍ରାୟ ୩୦୦୦ ଲୋକ ଜୁଟି ହୋଇଥିଲେ । ସଭାର କାର୍ଯ୍ୟ ବିବରଣ ନିମ୍ନେ ପ୍ରକଟିତ ହେଲା ଏବଂ ତହିଁରୁ ପାଠକମାନେ ସମସ୍ତ ଜାଣିପାରିବେ । ଅମ୍ଭେମାନେ ଏତିକି କହୁଁ ଯେ ଧନୀ ଏବଂ ଶିକ୍ଷିତ ଲୋକଙ୍କର ସଭା ସଚରାଚର ହେବାର ଦେଖାଯାଏ । ମାତ୍ର ମଧ୍ୟବିତ୍ତ ଏବଂ ଗରିବ ଲୋକର ସଭା ଅତ୍ୟନ୍ତ ବିରଳ ଏବଂ ନିତାନ୍ତ ମନକୁ ନ ବାଧିଲେ ପ୍ରାୟ ହୁଅଇ ନାହିଁ । ଏ ସଭାର ଅଧିକାଂଶ ଲୋକ ଶେଷଲିଖିତ ଦୁଇଶ୍ରେଣୀର ଥିଲେ ଏବଂ ସେମାନଙ୍କ ମଧ୍ୟରେ କେତେଜଣ ବିଧବା ସ୍ତ୍ରୀ ମଧ୍ୟ ଥିଲେ । ଏମାନେ ଆଲୋଚିତ ବିଷୟରେ ଆପଣା୨ ଦୁଃଖ ଜଣାଇବାକୁ ଅସ୍ଥିର ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟେ ଏବଂ ଅଧିକ ସୁଖର କଥା ଏହି ଯେ ଏତେବଡ଼ ଜନତାରେ କିଛି ଗୋଳମାଳ ହୋଇ ନାହିଁ ସମସ୍ତେ ସ୍ଥିର ନିଃଶବ୍ଦଭାବରେ ବସି ଓ କେତେକ ଛିଡ଼ା ହୋଇ ମନୋଯୋଗ ପୂର୍ବକ ସଭାପତିଙ୍କର ପ୍ରସ୍ତାବ ଓ ଅନୁମୋଦନ କାରକଙ୍କ କଥା ଶୁଣିଥିଲେ ଏବଂ ହାତ ଟେକିବାଦ୍ୱାରା ସମ୍ମତି ପ୍ରକାଶ କରିଥିଲେ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ସେମାନେ ବୃଥା ଗଣ୍ଡଗୋଳ କରିବାକୁ ନ ଆସି ସାଧାରଣ ଦୁଃଖ ଜଣାଇବାକୁ ଏକତ୍ରିତ ହୋଇଥିଲେ । ବାସ୍ତବରେ ମିଉନିସିପଲ କରଧାର୍ଯ୍ୟ ବିଷୟରେ କମିସନରମାନେ ଏଥର ଅସେସର ନିଯୁକ୍ତ କରିବା ଏବଂ ସେହି ଅସେସରଙ୍କର କାର୍ଯ୍ୟ ପ୍ରଣାଳୀ ଦେଖି କରଦାତାମାନେ ଅତ୍ୟନ୍ତ କାତର ଓ ବିରକ୍ତ ହୋଇଅଛନ୍ତି ଏବଂ

Digitized by srujanika@gmail.com

Split by PDF Splitter



ତାହା ପାଠକେ ବହୁପୂର୍ବ ସ୍ଥାନୀୟ କଥାବାର୍ତ୍ତା ଓ ଲେଖା ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରି ଶେଷରେ ସଭା କରି ଜଣାଇବାକୁ ପ୍ରବୃତ୍ତ ହୋଇଅଛନ୍ତି । ଲୁଷିଙ୍ଗଟନ୍ଙ୍କ ମିଉନିସିପାଲ କମିଶନରମାନେ ଟିକସ ବନ୍ଦୋବସ୍ତର ଏହି ନୂତନ ନିୟମଟି ପ୍ରସ୍ତୁତଦ୍ୱାରା ଜନସାଧାରଣଙ୍କର ଅପ୍ରିୟ ହୋଇଅଛନ୍ତି ଏବଂ ଆମ୍ଭେମାନେ ପୂର୍ବରୁ ଯେ କଥା ପ୍ରକାଶ କରିଥିଲେହେଁ ତାହାଁରେ କମିଶନରମାନଙ୍କର ଦୃଷ୍ଟିପଡିବାର ଜଣାଯାଇ ନାହିଁ । ଭରସା କରୁଁ ଏ ସଭାର ବିବରଣ ପାଠ କରି ସେମାନେ ବହୁତ ପ୍ରତିକାର ପ୍ରଦାନ କରିବାକୁ ତତ୍ପର ହେବେ । ସଭାର ବିବରଣ ଯଥା ।—

କଟକ ମିଉନିସିପାଲିଟିର କରଦାତା-
ମାନଙ୍କ ସଭାର କାର୍ଯ୍ୟ ବିବରଣ ।

ଗତ ୧୯୦୨ ସାଲ ଫେବ୍ରୁୟାରୀ ମାସ ତା୧୪-ରିଖ ଶୁକ୍ରବାର ଅପରାହ୍ଣରେ କଟକ ନଗରର ପ୍ରାୟ ୩୦୦୦ ଲୋକ କି ସେମାନେ ପ୍ରଧାନତଃ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଥିଲେ ମିଉନିସି-ପାଲିଟିର ବଗିଚାରେ କେତେକ କରଦାତାଙ୍କର ଆମନ୍ତ୍ରଣ ମତେ ଏହି କଟକ ନଗରର ମିଉନିସି-ପାଲିଟିର କେତେକ କାର୍ଯ୍ୟର ବିଷୟ କରି ସାଧାରଣ ମତ ସଂଗ୍ରହାର୍ଥେ ସଭା କରିଥିଲେ ।

ଅପରାହ୍ଣ ପ୍ରାୟ ସା ୪ ଘଣ୍ଟା ବେଳେ ସଭା ଆରମ୍ଭ ହେଲା ।

୧ । ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ମିଶ୍ର ଉପସ୍ଥିତ କରଦାତାମାନଙ୍କୁ ସଭାର ଉଦ୍ଦେଶ୍ୟ ବୁଝାଇ ଦେଇ ପ୍ରସ୍ତାବ କଲେ ଯେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ମହୋଦୟ ଅଦ୍ୟ ଏହି ସଭାର ସଭାପତି ହେଉନ୍ତୁ ।

ଶ୍ରୀଯୁକ୍ତ ବ୍ରଜମୋହନ ପଟ୍ଟନାୟକ ଏହି ପ୍ରସ୍ତାବ ଅନୁମୋଦନ କରନ୍ତେ ସର୍ବ ସମ୍ମତି କ୍ରମେ ଗୃହୀତ ହେଲା ।

୨ । ଶ୍ରୀଯୁକ୍ତ ଜନାର୍ଦ୍ଦନ ମିଶ୍ର ପ୍ରସ୍ତାବ କଲେ ଯେ—କଟକ ମିଉନିସିପାଲିଟିର କରଦାତାମାନଙ୍କ ସଭା ନାମରେ ଗୋଟିଏ ସଭା ସ୍ଥାୟୀରୂପେ ସ୍ଥାପିତ ହେଉ ।

ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ସ୍ୱାଇଁ ଏହି ପ୍ରସ୍ତାବ ଅନୁମୋଦନ କଲେ ଏବଂ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।

୩ । ତତ୍ପରେ ଶ୍ରୀଯୁକ୍ତ ନାରାୟଣ ମିଶ୍ର ପ୍ରସ୍ତାବ କଲେ ଯେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ମହୋଦୟ ଏ ସଭାର ସ୍ଥାୟୀ ସଭାପତି ଓ ଶ୍ରୀଯୁକ୍ତ ବୈକୁଣ୍ଠନାଥ କର ସମ୍ପାଦକ ପଦରେ ନିଯୁକ୍ତ ହେଉନ୍ତୁ ।

ଶ୍ରୀଯୁକ୍ତ ଦୈବ ମହାପାତ୍ର ଏ ପ୍ରସ୍ତାବ ଅନୁମୋଦନ କଲେ ଏବଂ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।

୪ । ଶ୍ରୀଯୁକ୍ତ ବୈକୁଣ୍ଠନାଥ କର ପ୍ରସ୍ତାବ କଲେ ଯେ—'ଉତ୍କଳଦୀପିକା' ନାମକ ସମ୍ବାଦପତ୍ରରୁ ଜଣା ଯାଏ ଯେ ଏ ନଗରରେ ଜାରି ହେବା ନିମିତ୍ତ ନୂଆ ତିଆରି ଏକ ପ୍ରସ୍ତ ନିୟମାବଳୀ ମିଉନିସିପାଲିଟିରୁ ପ୍ରସ୍ତୁତ ହୋଇ ସରକାର ବାହାଦୂରଙ୍କ ମଞ୍ଜୁର ନିମିତ୍ତ ପଠା ଯାଇ-ଅଛି । ଶୁଣାଯାଏ ଉକ୍ତ ନିୟମାବଳୀ ଜାରି ହେଲେ ଏ ନଗରରେ ଘର କରିବା ନିତାନ୍ତ କଷ୍ଟକର, ଖର୍ଚ୍ଚକର ଏବଂ ଏ ନଗର ପକ୍ଷରେ ଅନୁପଯୋଗୀ ହେବ । ଉକ୍ତ ନିୟମାବଳୀ ଜାରି ହେବା ପୂର୍ବରୁ ତଦ୍‌ବିଷୟ ଏହି ସଭା ଆଲୋଚନା କରି କରଦାତାମାନଙ୍କ ମତ ଗ୍ରହଣ କରିବା ପର୍ଯ୍ୟନ୍ତ ଉକ୍ତ ବିଷୟର ମଞ୍ଜୁରି ସ୍ଥଗିତ ରଖା ଯିବା ନିମନ୍ତେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ଓ ଉକ୍ତ ନିୟମାବଳୀକୁ ଓଡ଼ିଆରେ ଅନୁବାଦ କରି ଏ ନଗରର ପ୍ରତ୍ୟେକ ୱାର୍ଡରେ ଲୋକମାନଙ୍କ ଜାଣିବା ସକାଶେ ବିତରଣ କରିବା ଓ ଏ ସଭାକୁ ଏକ ପ୍ରସ୍ତ ନକଲ ଦେବା ସକାଶେ ମିଉନିସିପାଲିଟିକୁ ଅନୁରୋଧ କରାଯାଉ ।

ଶ୍ରୀଯୁକ୍ତ ହରମୋହନ ଦାସ ଏ ପ୍ରସ୍ତାବ ଅନୁମୋଦନ କଲେ ଏବଂ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।

